୬୨ ବର୍ଷରେ ବାହାହେଲେ ଅଷ ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 247 | ଭାଗ ୩୩ | ସଂଖ୍ୟା ୨୪୭ | Sunday 30 November 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୩୦ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ମାର୍ଚ୍ଚ ସୁଦ୍ଧା ଓଡ଼ିଶା ହେବ ମାଓମୁକ୍ତ: ବିଏସ୍ଏଫ୍ ଆଇଜି

ଏବେ ଟାର୍ଗେଟ୍‌ରେ ଟପ୍ ମାଓ ନେତା

ଏବେ ବି ୩ ଜିଲ୍ଲାରେ ବିଏସ୍ଏଫ୍ ମୁତୟନ

ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ): ମାଓବାଦୀଙ୍କୁ ବିଏସ୍ଏଫ୍ ଆଇଜିଙ୍କ କଡ଼ା ଚେତାବନୀ। କହିଲେ ଯେ ଗୋଟିଏ ଗୁଳି, ଗୋଟିଏ ଶତ୍ରୁ। ଏମିତି କହି ମାଓବାଦୀଙ୍କୁ ଟାର୍ଗେଟ୍ କଲେ ବିଏସ୍ଏଫ୍ ଆଇଜି। ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲମୁକ୍ତ ଓଡ଼ିଶା ଆମର ଟାର୍ଗେଟ୍ ରହିଛି। ଆତ୍ମସମର୍ପଣ କଲେ ସହଯୋଗ ମିଳିବ। ମୁଖ୍ୟସ୍ରୋତକୁ ଫେରିପାରିବେ ମାଓବାଦୀ। ସେ ଆହୁରି କହିଛନ୍ତି, ଆନ୍ଧ୍ର ଓ ଛତିଶଗଡ଼ ପଟୁ ଆସୁଥିବା ମାଓବାଦୀଙ୍କ ଉପରେ ନଜର ରହିଛି। ଓଡ଼ିଶା ପୁଲିସର ମାଓ ଅପରେସନ ବହୁତ ଭଲ ଭାବେ ହେଉଛି। କେକେବିଏନ ରିଜିଅନ ଉପରେ ବିଏସଏଫର ବିଶେଷ ନଜର ରହିଛି। ଓଡ଼ିଶାରେ ମାଓବାଦୀମାନେ ଏବେ ଛୋଟ ଛୋଟ ଗ୍ରୁପରେ ବିଚରଣ କରୁଛନ୍ତି। ହିଡମାର ଏନ୍‌କାଉଣ୍ଟର ପରେ ଏବେ ଟପ୍ ମାଓ ନେତା ଆମର ଟାର୍ଗେଟ୍। କନ୍ଧମାଳ, ବୌଦ୍ଧ, କଳାହାଣ୍ଡିରେ ବିଏସଏଫ ଏବେ ମୁତୟନ ରହିଛି ବୋଲି ଆଜି ବିଏସ୍ଏଫ୍ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସଙ୍ଗିଳନୀରେ କହିଛନ୍ତି ଆଇଜି ଶଶାଙ୍କ ଆନନ୍ଦ।

ମାଓ ମୁକାବିଲା ଉପରେ ବିଏସଏଫର ସାମ୍ବାଦିକ ସଙ୍ଗିଳନୀ। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଭାରତରୁ ନକ୍ସଲବାଦରୁ ସମ୍ପୂର୍ଣ୍ଣ ଲୋପ କରିବା ପାଇଁ କେନ୍ଦ୍ର ସରକାରଙ୍କ ଆହ୍ୱାନ ଉପରେ ଓଡ଼ିଶାରେ ପୃଷ୍ଠା-୬

ମାଓନେତା ଅନନ୍ତ ସହ ୧୧ ନକ୍ସଲଙ୍କ ଆତ୍ମସମର୍ପଣ

● ମୁଣ୍ଡରେ ଥିଲା ୮୯ ଲକ୍ଷର ପୁରସ୍କାର

ମାଲକାନଗିରି,୨୯।୧୧ (ସଂଚାର ବ୍ୟୁରୋ): ଏବେ ୫ ରାଜ୍ୟରେ ନକ୍ସଲଙ୍କୁ ତ୍ରାହି ନାହିଁ। ଯବାନଙ୍କ ଘନ ଘନ ଅପରେସନ ଓ ଏନକାଉଣ୍ଟରରେ ନକ୍ସଲ ସଂଗଠନରେ ଏବେ ଏକରକମ ଭୂମିକମ୍ପ ସୃଷ୍ଟି ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ମାଓବାଦୀମାନେ ଜୀବନ ବଞ୍ଚାଇବା ପାଇଁ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଉଛନ୍ତି। ଏହି କ୍ରମରେ ଆଜି ମହାରାଷ୍ଟ୍ରରେ ଦୁର୍ଦ୍ଦାନ୍ତ ମାଓ ନେତା ପୃଷ୍ଠା-୬

ଇ-କେଓ୍ୱାଇସିରେ ହିତାଧିକାରୀ ବାଦ୍ ପଡ଼ିବା ବିବାଦ

ସରକାରୀ ଭତ୍ତାକୁ ଆୟ ଭାବେ ଗ୍ରହଣ କରାଯିବନି

- ୱାନ୍ ନେସନ-ୱାନ ରାସନ: ଅନ୍ୟ ରାଜ୍ୟରେ ବି ମିଳିବ ଚାଉଳ
- ଅଯୋଗ୍ୟ ବାଦ୍ ପଡ଼ିବାରୁ ୨୧୦ କୋଟି ବଞ୍ଚାଇଲେ ସରକାର
- ପାର୍ଟି ଆଧାରରେ ରାସନ କାର୍ଡ ହାତେଇବାର ସୁଯୋଗ ନାହିଁ
- ଆହୁରି ୧୫ ଲକ୍ଷ ନୂଆ ଲୋକଙ୍କୁ ଦିଆଯିବ ରାସନ କାର୍ଡ
- ତାଲିକାରୁ ବାଦ ପଡ଼ିଛନ୍ତି ୮ ଲକ୍ଷ ଅଯୋଗ୍ୟ ହିତାଧିକାରୀ
- କେଓ୍ୱାଇସି ନାଁରେ ହିତାଧିକାରୀ ସଂଖ୍ୟା କମାଇବାକୁ ଚକ୍ରାନ୍ତ: ବିଜେଡି

ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଇ-କେଓ୍ୱାଇସିକୁ ନେଇ ଉଠୁଥିବା ଦ୍ୱନ୍ଦ୍ୱ ଓ ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ଆୟ ଏକ ମାପଦଣ୍ଡ ରହିଛି। ହେଲେ ଏଥିରେ ଗରିବଗୁରୁବା ପାଉଥିବା ସରକାରୀ ଭତ୍ତା ବା ସାହାଯ୍ୟକୁ ଆୟ ଭାବେ ଗଣାଯିବ ନାହିଁ ବୋଲି ଆଜି ବିଧାନସଭାରେ ଯୋଗାଣ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସେହିଭଳ କୌଣସି ସରକାରୀ ଋଣ ପାଇଁ ଆବେଦନ କରୁଥିବା ହିତାଧିକାରୀ ଶୂନ୍ୟ ଆୟକର ଦାଖଲ କଲେ ତାଙ୍କୁ ମଧ୍ୟ ଅଯୋଗ୍ୟ ବୋଲି କୁହାଯିବନି। କେବଳ ମୃତ ବ୍ୟକ୍ତି, ସରକାରୀ ଚାକିରିଆ ଏବଂ ଆୟ କର ଦାଖଲ କରୁଥିବା ବ୍ୟକ୍ତିଙ୍କୁ ରାସନ କାର୍ଡ ତାଲିକାରୁ ବାଦ ଦିଆଯିବ ବୋଲି ଆଜି ବିଧାନସଭାରେ ବିଜେଡି ପକ୍ଷରୁ ଆଗତ ଇ-କେଓ୍ୱାଇସି ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ସ୍ପଷ୍ଟ କରିଛନ୍ତି ଯୋଗାଣ ମନ୍ତ୍ରୀ।

ଆଲୋଚନାର ଉତ୍ତର ଦେଇ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ଅଯୋଗ୍ୟଙ୍କୁ ତାଲିକାରୁ ବାଦ ଦେବା ପ୍ରକ୍ରିୟା କିଛି ନୂଆ ନୁହେଁ। ବିଜେଡି ସରକାରରେ ମଧ୍ୟ ଏହା ତାଲିଥିଲା। ସେ ସମୟରେ ମହିଳାଙ୍କୁ ଜେଲ ଦଣ୍ଡ ସହ ବହୁ ଗରିବ ଲୋକଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରି ସରକାର ୮୨ କୋଟି ଟଙ୍କା ଆୟ କରିଥିଲେ। ପୃଷ୍ଠା-୬

ଆଇନ ମନ୍ତ୍ରୀଙ୍କ ଘୋଷଣା

ପ୍ରତିଷ୍ଠା ହେବ ୧୫ ପକ୍ସୋ କୋର୍ଟ

ନିଯୁକ୍ତି ପାଇବେ 'ପଞ୍ଚାୟତ ପିଅନ'

ମାସିକ ଦରମା ୧୩,୧୫୦ ଟଙ୍କା

ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ): ରାଜ୍ୟରେ ନ୍ୟାୟିକ ବ୍ୟବସ୍ଥାକୁ ଅଧିକ ଦ୍ରୁତଗାମୀ କରିବା ସହ ଶିଶୁମାନଙ୍କ ପ୍ରତି ବଢୁଥିବା ନିର୍ଯାତନା ମାମଲାରେ ଦୋଷୀମାନଙ୍କୁ ଅପେକ୍ଷାକୃତ ସଅଳ ଦଣ୍ଡ ବିଧାନ କରିବା ସକାଶେ ଖୁବ୍‌ଶୀଘ୍ର ୧୫ଟି ପକ୍ସୋ କୋର୍ଟ ପ୍ରତିଷ୍ଠା ହେବ। ଏଥିସହ ପଞ୍ଚାୟତ କାର୍ଯ୍ୟାଳୟରେ ଜଣେ ଲେଖାଏଁ ପଞ୍ଚାୟତ ପିଅନ ନିଯୁକ୍ତି ପାଇବେ ବୋଲି ଆଜି ଘୋଷଣା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଜି ବିଧାନସଭାରେ ପ୍ରଶ୍ନୋତ୍ତର କାଳରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଜେଡି ବିଧାୟକ ଚକ୍ରମଣି କହଁରଙ୍କ ପକ୍ଷରୁ ଆଗତ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଉପରୋକ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନାନୁସାରେ, ଆଗାମୀ ଦିନରେ ବାଲେଶ୍ୱର, ଭଦ୍ରକ, ପୃଷ୍ଠା-୬

ଟାଟା ପାୱାର ଲୁଟିଛି ୧୦୬୫ କୋଟି

ସୁଧ ସହ ଟଙ୍କା ଫେରାଉ କମ୍ପାନୀ

ବିଧାନସଭାରେ ଦାବି ରଖିଲେ ବିଧାୟକ

ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ): ଗ୍ରାହକଙ୍କୁ ଲୁଟୁଛି ଟାଟା ପାୱାର। ଏହାକୁ ନେଇ ଆଜି ବିଧାନସଭାରେ ଟାଟା ପାୱାର ବିରୋଧରେ ବର୍ଷିଛନ୍ତି ବିଜେଡି ବିଧାୟକ ସାରଦା ଜେନା। ଓଡ଼ିଶାର ଲୋକଙ୍କୁ ଟାଟା ପାୱାର କିପରି ଲୁଟୁଛି, ତାହାର ଉଦାହରଣ ଦେଇଛନ୍ତି ବିଧାୟକ ଶ୍ରୀ ଜେନା। ସେ ଅଭିଯୋଗ କରିଛନ୍ତି ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ବାର୍ଷିକ ସମୀକ୍ଷା ରିପୋର୍ଟରେ ଟାଟା ପାୱାର ଓଡ଼ିଶା ଗ୍ରାହକଙ୍କୁ ଠକିଥିବା ସ୍ପଷ୍ଟ ହୋଇଛି। ରିପୋର୍ଟ କହୁଛି ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ଟାଟା ପାୱାର ଧାର୍ଯ୍ୟ ଦରଠାରୁ ପ୍ରତି ୟୁନିଟ ପିଛା ୩୬ ପଇସା ଅଧିକ ଆଦାୟ କରିଛି। ଏ ବାବଦରେ ଟାଟାର ୪ଟିଯାକ ବିତରକ କମ୍ପାନୀ ଲୋକଙ୍କଠାରୁ ପ୍ରାୟ ୧ ହଜାର ୬୫ କୋଟି ଟଙ୍କା ଅଧିକ ଆଦାୟ କରିଛନ୍ତି। କେବଳ ସେତିକି ନୁହେଁ, ଡିଜିଟାଲ ମିଟର ନାଁରେ ମଧ୍ୟ ଲୋକଙ୍କୁ ଲୁଟୁଛି ଏହି ବିତରକ କମ୍ପାନୀ। ସେହିଭଳି ୨୬୫୯ଟି ଟ୍ରାନ୍ସଫର୍ମର ମଧ୍ୟରୁ ପୃଷ୍ଠା-୬

ଶୁଭଙ୍କରଙ୍କ ବିବାଦୀୟ ଟିପ୍ପଣୀ ମାମଲା

ତର୍ଜମା ଚାଲିଛି, କାର୍ଯ୍ୟାନୁଷ୍ଠାନ ହେବ

ପ୍ରତିକ୍ରିୟା ରଖିଲେ ଜିଲ୍ଲାପାଳ

ପୁରୀ,୨୯।୧୧ (ସଂଚାର ବ୍ୟୁରୋ): ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଶୁଭଙ୍କର ମିଶ୍ରାଙ୍କ ଅଡୁଆ ବଢ଼ିଛି। ନିକଟରେ ଏହି ପୂର୍ବତନ ନ୍ୟୁଜ୍ ଆଙ୍କର୍ ଜଣଙ୍କ ପୁରୀ ଶ୍ରୀମନ୍ଦିର ସମ୍ପର୍କରେ କେତେକ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ଏହାକୁ ନେଇ ସେବାୟତ ଓ ଭକ୍ତ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ମାମଲାରେ ଆଜି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ନେଇ ସଙ୍କେତ ଦେଇଛନ୍ତି। ସେ କହିଛନ୍ତି, ଶୁଭଙ୍କରଙ୍କ ଟିପ୍ପଣୀର ତର୍ଜମା କରାଯାଉଛି। ଏହା ଗୁଜବ ନା ସତ୍ୟ, ତାହା ଜାଣିବା ସକାଶେ ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା ଚାଲିଛି। ଯଦି ଏପରି ଟିପ୍ପଣୀ ସତ୍ୟ ସାବ୍ୟସ୍ତ ହୁଏ ଓ କମିଟି ଶୁଭଙ୍କରଙ୍କ ପୃଷ୍ଠା-୬

୧୭ ହଜାର ଲାଞ୍ଚ ନେଉଥିଲେ

ଭିଜିଲାନ୍ସ ହାତରେ ଧରାପଡ଼ିଲେ ଅମିନ

ଦୁଇଟି କିସ୍ତିରେ ନେଇସାରିଥିଲେ ୧୩ ହଜାର

ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ): ବିଲ୍ଡିଂ ପ୍ଲାନ୍ ମଞ୍ଜୁର ସକାଶେ ଆବେଦନକାରୀଙ୍କଠାରୁ ୧୭ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରାପଡ଼ିଛନ୍ତି ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡ଼ା ଏନ୍‌ଏସି ଅମିନ ବିଜୟ କୁମାର ଗ୍ରହାଚାର୍ଯ୍ୟ। ତାଙ୍କୁ ଆଜି ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ମିଳିଥିବା ସୂଚନାନୁସାରେ, ଗତ ମାର୍ଚ୍ଚରେ ଆବେଦନକାରୀ ଜଣଙ୍କ ନିମାପଡ଼ା ଏନଏସି ଅଧୀନରେ ଏକ ଘର ପାଇଁ ପ୍ଲାନ୍ ମଞ୍ଜୁର ସକାଶେ ଦାଖଲ କରିଥିଲେ। ଏ ବାବଦ ଫାଇଲ୍ ଶ୍ରୀ ଗ୍ରହାଚାର୍ଯ୍ୟଙ୍କ ନିକଟରେ ବିଚାରାଧୀନ ଥିଲେ ହେଁ ସେ ଏହାକୁ ଆଗକୁ ବଢ଼ାଉନଥିଲେ। ପରେ ଶ୍ରୀ ଗ୍ରହାଚାର୍ଯ୍ୟ ଏହି କାମ କରିଦେବା ପୃଷ୍ଠା-୬

ସେବା ସମବାୟ ସମିତିର ପୂର୍ବତନ ସଚିବଙ୍କୁ ୩ ବର୍ଷ ଜେଲ୍

କଟକ: ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ୩ ବର୍ଷ ଜେଲ୍‌ଦଣ୍ଡାଦେଶ ପାଇଛନ୍ତି ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ରମେଶ ଚନ୍ଦ୍ର ସେନ୍। ସେ ଭଦ୍ରକ ବିବିସିସି ବ୍ୟାଙ୍କ ଅର୍ଣ୍ଣପାଳସ୍ଥିତ କୋଅପରେଟିଭ ସୋସାଇଟିରେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ବିରୋଧରେ ସୋସାଇଟି ଅର୍ଥ ତୋଷରପାତ ଅଭିଯୋଗ ଆସିଥିଲା। ଏହି ମାମଲାରେ ଆଜି ତାଙ୍କୁ ଦୋଷୀ କରିବା ସହ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ୩ ବର୍ଷ ପାଇଁ ସଶ୍ରମ ପୃଷ୍ଠା-୬

ସାର୍! ତୁମ ଚାରି ଖୁରାକୁ ଜୁହାର୍

କ୍ଷଣିକ ସୁଖ ପାଇଁ ମୟୂରଭଞ୍ଜରୁ ଭୁବନେଶ୍ୱର



ସାର୍‌ଙ୍କ ମୁହଁରେ ଟିକେ ହସ ଆଉ ଦେହକୁ ଟିକେ ପୁଉ କରିବା ପାଇଁ ମ୍ୟାଡାମଙ୍କ ୩ ଶହ ୫୦ କିମି ଯାତ୍ରା। ଶୁକ୍ରବାର ରାତିରେ ମୟୂରଭଞ୍ଜରୁ ଭୁବନେଶ୍ୱର ଆଉ ରବିବାର ରାତିରେ ଭୁବନେଶ୍ୱରରୁ ମୟୂରଭଞ୍ଜ। ପ୍ରେମ ପାଇଁ ବସ୍‌ରେ ଏମିତି ଦୌଡ଼ି ଦୌଡ଼ି ନୟାକ୍ତ ହେଇଗଲେଣି ଆଇଆଇସି ମ୍ୟାଡାମ। ଆଜ୍ଞା ହଁ, ମୁଡ଼ି ମାଂସଖିଆ ପ୍ରେମ କାହାଣୀକୁ ନେଇ ଏବେ ଭାରି ଚର୍ଚ୍ଚା। ପୁଣି ମ୍ୟାଡାମଙ୍କ ପ୍ରେମରେ ପଡିଛନ୍ତି ଡିସିପି ର୍ୟାଙ୍କର ଜଣେ ଅଫିସର। ତେବେ ଆସନ୍ତୁ ପୂରା ଘଟଣା ଉପରେ ଟିକେ ନଜର ପକାଇବା। ଜିଲ୍ଲାରେ ଅତିରିକ୍ତ ଏସପି ଦାୟିତ୍ୱରେ ଥିବା ବେଳେ ସାର୍ ଜଣେ ଆଇଆଇସିଙ୍କୁ ଭଲ ପାଇ ବସିଥିଲେ। କେତବେଳେ ତାଙ୍କ ପାଇଁ ସୁନା ଗହଣା କିଣି ଦେଉଥିଲେ ତ ଆଉ କେତବେଳେ ମିଞ୍ଜି ମିଞ୍ଜି ଆଳୁଅରେ ମୁଡ଼ି ମାଂସ ଖୁଆଇ ଦେଉଥିଲେ। ସାର୍‌ଙ୍କ ସ୍ତ୍ରୀ ପୂର୍ବରୁ ମୃତ୍ୟୁବରଣ କରିସାରିଥିବାରୁ ଏପରି ଲୁଚାଚୋରା ପ୍ରେମରେ ବାଧା ଦେବାକୁ କେହି ନଥିଲେ। ସେପଟେ ମ୍ୟାଡାମ ବି କୁଆଡେ ବେଶ୍ କୋଅପରେଟିଭ। କାମରୁ ଟିକେ ଫ୍ରି' ପାଇଲେ ଶିମିଳିପାଳ, ଲୁଲୁଙ୍ଗରେ ରାତି ବିତାନ୍ତି। ସବୁ ଠିକ ଚାଲୁଥିବା ବେଳେ ସାରଙ୍କ ବଦଳି ହେଲା କମିଶନରେଟ ପୁଲିସକୁ। ବଡ଼ ପଦ ବି ମିଳିଲା। ଏବେ ପ୍ରମୋସନ ପାଇବା ସହ ଗୁରୁତ୍ୱପୂର୍ଣ୍ଣ ପଦରେ ବି ସାର୍ ଅବସ୍ଥାପିତ। ହେଲେ ମନ କୋଉ ବୁଝୁଛି ? ଦେହ ବି କୋଉ ମାନୁଛି ? ମ୍ୟାଡାମଙ୍କର ବି ସମାନ ଅବସ୍ଥା। ତେଣୁ ଶୁକ୍ରବାର ନାଇଟ କୋଚ୍ ବସ୍‌ରେ ମ୍ୟାଡାମ ମୟୂରଭଞ୍ଜରୁ ଆସି ସିଧା ଓହ୍ଲାଉଛନ୍ତି ଆଚାର୍ଯ୍ୟ ବିହାର ନିକଟରେ। ଖବର ମୁତାବକ ସାର୍‌ଙ୍କ ସରକାରୀ ବାସଭବନ ବି କୁଆଡ଼େ ଜୟଦେବ ବିହାରରେ। ତେଣୁ ଶନିବାର ନିରୋଳାରେ ଦୁହେଁ ସମୟ ବିତେଇବା ସହ ରବିବାର ଖାସି ମାଂସ ଖାଇ ମ୍ୟାଡାମ ପୁଣି ବସ୍‌ରେ ବାହାରି ଯାଉଛନ୍ତି ନିଜ କର୍ମସ୍ଥଳକୁ। ଏସବୁ ଦେଖି କିଛି ଅଫିସର ଟୁପୁରୁଟାପୁରୁ ହେବା ଆରମ୍ଭ କଲେଣି। ଆଉ କହୁଛନ୍ତି 'ସାରଙ୍କ ଚାରି ଖୁରାକୁ ଜୁହାର'।

ହଲ୍ଲା କରୁଛନ୍ତି ନୂଆ ମୁଲ୍ଲା

କେନ୍ଦ୍ର ଚାହୁଁନି ବିଜେଡି ଭାଙ୍ଗୁ

- ଅଣକଂଗ୍ରେସ ଭୋଟ ଏକାଠି କରିବା ଲକ୍ଷ୍ୟ
- କେନ୍ଦ୍ର ହ୍ୱିସିଲ ମାରିଲେ ଫୁସ୍ ହୋଇଯିବ ବିଜେଡି
- ହ୍ୱିସିଲ ମାରିବାକୁ ଆହ୍ୱାନ ଦେଲେ ଗଣେଶ୍ୱର

ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ): ବିଜେଡି ଦଳକୁ ଭାଙ୍ଗିବାକୁ କେନ୍ଦ୍ର ବିଜେପି ନେତୃତ୍ୱ ଚାହୁଁନାହାଁନ୍ତି। ବିଜେପିର ଲକ୍ଷ ରାଜ୍ୟରେ ଅଣକଂଗ୍ରେସ ଭୋଟକୁ ଏକାଠି କରିବାକୁ। ଯେଉଁଥିରି ବିଜେଡି ଏକ ଭାଗିଦାର। ବିଜେଡି ହାତରେ ମଧ୍ୟ ରହିଛି ଅଣକଂଗ୍ରେସ ଭୋଟ ବ୍ୟାଙ୍କ। କିନ୍ତୁ କେନ୍ଦ୍ର ବିଜେପି ନେତୃତ୍ୱ ଯେବେ ଚାହିଁବେ ହ୍ୱିସିଲ ମାରିଲେ ବିଜେଡି ଫୁସ୍ ହୋଇଯିବ, ଅର୍ଥାତ୍ ଏହି ଦଳ ନିଜର ଶତପ୍ରତିଶତ ସତ୍ତା ହରାଇବ। ଆଜି ଏଭଳି କହିଛନ୍ତି ବିଜେପି ବିଧାୟକ ଜୟନାରାୟଣ ମିଶ୍ର। ଅନୁଗୁଳଠାରୁ ଆରମ୍ଭ କରି ଭୁବନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏବେ ବିଜେଡିର ଅସନ୍ତୁଷ୍ଟମାନେ ବିଜେପିରେ ସାମିଲ୍ ହେଉଛନ୍ତି। ଏହାଦ୍ୱାରା ପୃଷ୍ଠା-୬

ପ୍ରଯୋଜକ ରବୀନ୍ଦ୍ର ସାହୁ ଅସୁସ୍ଥ

- ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ
- ଆଶୁ ଆରୋଗ୍ୟ କାମନା କଲା ଓଲିଉଡ୍

ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ବିଶିଷ୍ଟ ବ୍ୟବସାୟୀ ତଥା ଓଲିଉଡର ଅନ୍ୟତମ ଜଣାଶୁଣା ସିନେ ପ୍ରଯୋଜକ ରବୀନ୍ଦ୍ର ସାହୁ ଅସୁସ୍ଥ ହୋଇଥିବା ନେଇ ସୂଚନା ମିଳିଛି। ସେ ହାର୍ଟ ସମ୍ପର୍କିତ ସମସ୍ୟା ନେଇ ଏଠାକାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଶ୍ରୀ ସାହୁ କେନ୍ଦ୍ରାପଡ଼ାରେ ବେଶ ଜଣାଶୁଣା ହୋଇଥିବା ବେଳେ ଓଲିଉଡରେ ମଧ୍ୟ ସେ ନିଜର ଅନେକ ସୁପରହିଟ ସିନେମା ପାଇଁ ବେଶ ଲୋକପ୍ରିୟତା ଅର୍ଜନ କରିଛି। ବଳଦେବ ଜିୟୁ ପ୍ରଡକ୍ସନ ପୃଷ୍ଠା-୬

ନବୀନଙ୍କୁ ଅନୁଚିତ ବ୍ୟବହାର କରାଯାଉଛି



କାନ ଡେରିଥା

ପାୱାର ଭିତରେ ଟାଟା ପାୱାର
ସମସ୍ତଙ୍କୁ ବଳିଗଲା
ଓଡିଶାବାସୀଙ୍କୁ ବର୍ଷ ବର୍ଷ ଧରି
ତଣ୍ଟି ଚିପି ଲୁଟିନେଲା
ସେଇ ଫର୍ମୁଲା ଚାଲିଲା...
ପାଣ୍ଡିଆନ ପରା
କୋଟିକୋଟି ନେଇ
ଲୁଟିବା ଶିଖେଇ ଦେଲା ।

■ ଦେବାଶିଷ

ପଦ୍ମଲୋଚନ ମାରିଲେ ବାଣ, କାଉଣ୍ଟର କଲାନି ବିଜେଡି

ନୂଆପଡ଼ା ଉପନିର୍ବାଚନରେ ପରାଭବ ଭୋଗିଲା ଦଳ

ବିଜେପି ବିଧାୟକଙ୍କ ଆକ୍ଷେପକୁ ନିରବ ସମର୍ଥନ!

ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଅନୁଚିତ ବ୍ୟବହାର କରୁଛି ବିଜେଡି। ନବୀନ ପଟ୍ଟନାୟକ ଜଣେ ସମ୍ମାନସ୍ପଦ ରାଜନେତା। ତାଙ୍କ ପ୍ରତି ସମସ୍ତଙ୍କର ଯଥେଷ୍ଟ ସମ୍ମାନ ରହିଛି। କିନ୍ତୁ ତାଙ୍କ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ବିଜେଡି ଦଳର ନେତାମାନେ ତାଙ୍କର ଅନୁଚିତ ବ୍ୟବହାର କରୁଛନ୍ତି। ଅସୁସ୍ଥତା ସତ୍ତ୍ୱେ ତାଙ୍କୁ ଦୁଇ ଦୁଇ ଥର ନୂଆପଡାରେ ବୁଲାଇଲେ। ଯାହାର ଫଳ ନୂଆପଡାବାସୀ ବିଜେଡିକୁ ଉପନିର୍ବାଚନରେ ଦେଲେ ବୋଲି ସିଧାସଳଖ ଆକ୍ଷେପ କରିଛନ୍ତି ବିଜେପି ବିଧାୟକ ପଦ୍ମଲୋଚନ ପଞ୍ଚା।

ମୁଲତବି ଆଲୋଚନା ସମୟରେ କଥା ଛଳରେ ପଦ୍ମଲୋଚନ ପଞ୍ଚା ଏଭଳି ଆକ୍ଷେପ କରିଥିଲେ। ଏପରିକି ସେ କହିଥିଲେ ଯେ ନବୀନଙ୍କ ପରିବାର ତାଙ୍କ ସହ ନଥିବାରୁ ତାଙ୍କୁ ଏଭଳି ଅସୁସ୍ଥତା ସତ୍ତ୍ୱେ ନୂଆପଡାକୁ ନେଇ ପ୍ରଚାର କରାଯାଇପାରିଲା। ତାଙ୍କ ପରିବାର ଲୋକ ଥିଲେ କଣ ଏହା ହୋଇପାରିଥାନ୍ତା ? ନୂଆପଡାବାସୀ ଓ ସାରା ରାଜ୍ୟ ଏ ଚିତ୍ର ଦେଖିଲା। ଯେଉଁଥିପାଇଁ ନୂଆପଡାରେ ବିଜେଡି କେବଳ ହାରିଲାନି ତିନି ନମ୍ବର ସ୍ଥାନରେ ରହିଲା ବୋଲି ସେ କହିଥିଲେ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେ ସମୟରେ ବିରୋ

ବୃଦ୍ଧ ଦମ୍ପତିଙ୍କୁ ଆବାସ ଯୋଜନା ସାତସପନ ଘଟଣା

ଅଭିଯୋଗ ପରେ ବିଭାଗର ତତ୍ପରତା

ମହାକାଳପଡ଼ା,୨୯।୧୧(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅଧୀନ ଦଡକୁଳ ପଞ୍ଚାୟତ ଅନ୍ତର୍ଗତ ଦହିମାଛ ଗ୍ରାମର ସୁରେନ୍ଦ୍ର ରାଉତ(୭୦) ଓ ତୁଳସୀ ରାଉତ(୬୫) ବୟସର ଅପରାହ୍ନରେ ପହଞ୍ଚିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କୁ ସରକାରଙ୍କ ତରଫରୁ ପକ୍କା ଗୃହ ଖଞ୍ଜିଏ ମିଳିନାହିଁ। ଯାହା ଫଳରେ ସେ ଭଙ୍ଗା କୁଡ଼ିଆରେ ଜୀବନ ଯାପନ କରୁଛନ୍ତି। ବୟସାଧିକ କାରଣରୁ କାର୍ଯ୍ୟ କରିବାକୁ ଶକ୍ତି ନଥିବାରୁ ମିଳୁଥିବା ଭତ୍ତା ଟଙ୍କା ଓ ରାସନ୍ ଚାଉଳ ଗଣ୍ଡିଏକୁ ନିର୍ଭରକରି ଜୀବିକା ନିର୍ବାହ କରୁଛନ୍ତି। ପକ୍କାଘର ଖଞ୍ଜିଏ ପାଇଁ କେତେ ଗୁହାରି କରି ମଧ୍ୟ ତାଙ୍କ କଥାକୁ ଗୁରୁତ୍ୱ ଦେଉଥିଲେ। ଏନେଇ ସଂଚାର ରେ ଖବର ପ୍ରକାଶ ପରେ ସୁବ୍ରତ କୁମାର ସେଠୀ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ଦପ୍ତରକୁ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହିତ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ବିଭାଗୀୟ ଅଧିକାରୀ ଙ୍କୁ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି।

ବଦଳିଲେ ମହାକାଳପଡ଼ା ବିଡିଓ

ଏକା ସଙ୍ଗେ ସମ୍ଭାଳୁଥିଲେ ୪ ପଦବୀର ଭାର

ସଞ୍ଜିବ କୁମାର ସାହୁ ନୂତନ ବିଡିଓ ନିଯୁକ୍ତ

ମହାକାଳପଡ଼ା,୨୯।୧୧ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକର ବିଡ଼ିଓ ତଥା ଭାରାପ୍ରାପ୍ତ ତହସିଲଦାର, ସବରେଜିଷ୍ଟ୍ରାର ଓ ରାମଚଣ୍ଡୀ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଆଜି ବଦଳି କରିଛି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ। ତାଙ୍କ ଜାଗାରେ ସଞ୍ଜିବ କୁମାର ସାହୁଙ୍କୁ ନୂତନ ବିଡିଓ ଭାବରେ ଦାୟିତ୍ୱ ଦିଆଯାଇଛି। ହେଲେ ୧୦ ମାସ ମଧ୍ୟରେ ସୌମ୍ୟଙ୍କ ବଦଳି ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ଫେବୃଆରୀ ୧୪ ତାରିଖରେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ମହାକାଳପଡ଼ାର ବିଡ଼ିଓ ଭାବରେ ବଦଳି କରିଥିଲା ବିଭାଗ।

ସୌମ୍ୟଙ୍କ ପୂର୍ବରୁ ମହାକାଳପଡ଼ାର କେହି ସ୍ଥାୟୀ ବିଡ଼ିଓ ନଥିଲେ। ତତ୍କାଳୀନ ତହସିଲଦାର ଶିବ ମଲ୍ଲିକ ଙ୍କୁ ଅତିରିକ୍ତ ଭାବେ ବିଡ଼ିଓ ଦାୟିତ୍ୱରେ ବସାଇଥିଲା ପ୍ରଶାସନ। ସୌମ୍ୟଙ୍କ ଆଗମନ ପରେ ଶିବ ଦାୟିତ୍ୱ ମୁକ୍ତ ହୋଇଥିଲେ। ସୌମ୍ୟ ବିଡ଼ିଓ ଭାବରେ ଯୋଗଦାନ କରିବା ପରଠାରୁ ମହାକାଳପଡ଼ାର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ବିଭିନ୍ନ ପଞ୍ଚାୟତକୁ ନିଜେ ପରିଦର୍ଶନରେ ଯାଇ ଉନ୍ନୟନ ମୂଳକ କାର୍ଯ୍ୟର ଅନୁଧ୍ୟାନ କରିବା, ଲୋକଙ୍କ ସମସ୍ୟା ସମାଧାନ ପାଇଁ ଅଭିଯୋଗ ଶୁଣାଣୀ ଶିବିରରେ ଉପସ୍ଥିତ ରହି ତ୍ୱରିତ ପଦକ୍ଷେପ ଗ୍ରହଣ, କର୍ମଚାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଆଦି କାର୍ଯ୍ୟ କରି ସେ କମ୍ ଦିନ ମଧ୍ୟରେ ଲୋକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଥିଲେ। ହେଲେ ତତ୍କାଳୀନ ତହସିଲଦାର ଶିବ ମଲ୍ଲିକ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ସୌମ୍ୟ ଙ୍କୁ ବିଡ଼ିଓ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ସହିତ ତହସିଲଦାର, ସବରେଜିଷ୍ଟ୍ରାର ଓ ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଭାବେ ଅତିରିକ୍ତ ଦାୟିତ୍ୱ ମୁଣ୍ଡେଇ ଦେଇଥିଲା ପ୍ରଶାସନ।

ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ହୋଇଥିବା ଚିଠିରେ ସୌମ୍ୟଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ସୋନପୁର ବିଡ଼ିଓ ସଞ୍ଜିବ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଶ୍ରୀ ପାଣିଗ୍ରାହୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରାଯାଇଛି। ସୌମ୍ୟଙ୍କ ବଦଳି ପରେ ସମଗ୍ର ଅଞ୍ଚଳରେ ଏବେ ଚର୍ଚ୍ଚା କିନ୍ତୁ ଜୋର୍।

ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଯୁବକଙ୍କୁ ୪ବର୍ଷ କାରାଦଣ୍ଡ

ସାଲେପୁର,୨୯।୧୧ (ସଂଚାର ବ୍ୟୁରୋ): ଜଣେ ନାବାଳିକାକୁ ପ୍ରଲୋଭିତ କରି ବୁଲାଇ ନେଇ ବିଭିନ୍ନ ସ୍ଥାନରେ ତାକୁ ଅସଦାଚରଣ ପ୍ରଦର୍ଶନ କରିବା ସହ ମାରଧର କରିବା ଘଟଣାରେ ବିଚାର କରି ପୋକ୍ସୋ କୋର୍ଟ ସମ୍ପୃକ୍ତ ଯୁବକକୁ ୪ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଆର୍ଥିକ ଦଣ୍ଡ ପ୍ରଦାନ କରିଛନ୍ତି। ଏହି ୧୦ହଜାର ଟଙ୍କା ନଦେଇପାରିଲେ ଅତିରିକ୍ତ ୬ମାସ ଅଧିକ କାରାଦଣ୍ଡ ମିଳିବ ବୋଲି ପୋକ୍ସୋ କୋର୍ଟର ବିଚାର ପ୍ରତି ଏହି ରାୟ ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ଚଳିତ ବର୍ଷ ଜାନୁୟାରୀ ମାସ ୨୬ତାରିଖରେ ଜନୈକା ନାବାଳିକା ଛାତ୍ରୀଙ୍କ ଘରକୁ ଯିବା ଆସିବା କରିବା ସହ ତାକୁ ପ୍ରଲୋଭିତ କରି କଟକ ବୁଲାଇ ନେବା ସହ ନାବାଳିକା ପ୍ରତି ଅସଦାଚରଣ କରିବା ସହ ତାଙ୍କୁ ହଇରାଣ କରିଥିଲା। ଏହି ଘଟଣାରେ ନାବାଳିକା ନିଜେ ସାଲେପୁର ଥାନାର ତତ୍କାଳୀନ ଆଇ.ଆଇ.ସି. ମନୋଜ କୁମାର ସ୍ୱାଇଁଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ଦେଲାପରେ ଶ୍ରୀ ସ୍ୱାଇଁ ସଂଗେ ସଂଗେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ନାବାଳିକା ପ୍ରତି ଅସଦାଚରଣ କରିଥିବା ସ୍ଥାନୀୟ ବ୍ଲକର କିଶନନଗର ଥାନା ଅଧିନ ମୁର୍କୁଣ୍ଡି ଗ୍ରାମର ସତ୍ୟଜିତ୍ ବେହେରାକୁ ଗିରଫ କରି ଜାନୁୟାରୀ ୨୭ତାରିଖ ଦିନ କୋର୍ଟ ଚାଲାଣ କରିଥିଲେ।

ଜିଲ୍ଲାସ୍ତରୀୟ ସିଙ୍ଗଲ ୱିଣ୍ଡୋ ବୈଠକ

କେନ୍ଦ୍ରାପଡା,୨୯।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଦିପା ବିଭାଗ ତରଫରୁ ୬୩ ତମ ଜିଲ୍ଲା ସ୍ତରୀୟ ସିଙ୍ଗଲ ଉଇଣ୍ଡୋ ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ଯ୍ୟାଳୟର ବିଭିନ୍ନ ପ୍ରକଳ୍ପ ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ୨ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି । ଏ.ବି ପ୍ଲାଏ ଫ୍ଲୋ ପ୍ରାଇଭେଟ ଲିମିଟେଡକୁ ପାଇପ ତିଆରି କରିବା ପାଇଁ ୬କୋଟି ୮୯ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଛି । ଏଥିରେ ଜିଲ୍ଲାର ୨୦୦ ଛାତ୍ରଛାତ୍ରୀ ନିଯୁକ୍ତି ପାଇବେ । ସେହିଭଳି ମିନର୍ଭା ଏଣ୍ଟର ପ୍ରାଇଜର୍ସ କୁ କୁଲିଂ ଟାୱାର ନିର୍ମାଣ ଓ ଏଥିରେ ଲାଗୁଥିବା କେମିକାଲ ତିଆରି କରିବା ସହ ବ୍ୟବହୃତ ଜଳକୁ ବ୍ୟବହାର ଯୋଗ୍ୟ ଶୁଦ୍ଧ କରିବା ପାଇଁ ୮ କୋଟି ୧୪ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଛି । ଏହି ପ୍ରକଳ୍ପରେ ଜିଲ୍ଲାର ୧୩୮ ଜଣ ତାଲିମ ପ୍ରାପ୍ତ ଛାତ୍ରଛାତ୍ରୀ ନିଯୁକ୍ତି ପାଇବେ ବୋଲି ଜଣାପଡିଛି ।

ଶିକ୍ଷକଙ୍କ ବଦଳି ଆଦେଶ ଘଟଣା

ସମ୍ପୃକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ରାଜନଗର,୨୯।୧୧ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଡେରା ପଞ୍ଚାୟତ ନୂଆଗାଁ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ସଙ୍କଟ ଦୂର କରିବା ପାଇଁ ଗତ ୨୬ ତାରିଖ ଠାରୁ ବ୍ଲକ ଶିକ୍ଷା ଅଧିକାରୀ ଶିକ୍ଷକଙ୍କୁ ସାମୟିକ ଭାବେ ପାଠ ପଢାଇବାକୁ ନିର୍ଦ୍ଦେଶ ଦେଇଥିଲେ ବି ଶିକ୍ଷକ ଜଣଙ୍କ ଆଜି ଯାଏଁ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଆଜି ସମ୍ପୃକ୍ତ ସହକାରୀ ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଛି।

ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆଜି ଚିଠି ନମ୍ବର ୨୫୦୪ରେ ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଲ୍ଲେଇଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନୋଟିସରେ ସରକାରୀ କର୍ତ୍ତବ୍ୟରେ ଅବହେଳା କରିଥିବା ଦର୍ଶାଯାଇଛି। ଚିଠି ନମ୍ବର ୨୪୭୫ରେ ଆପଣଙ୍କୁ ନୂଆଗାଁ ଯୁଜିୟୁପି ସ୍କୁଲରେ କ୍ଲାସ ନେବା ପାଇଁ ନିଯୋଜିତ କରାଯାଇଥିଲା। କିନ୍ତୁ ଆପଣ ଆଜି ଯାଏଁ ନୂତନ ସ୍ଥାନରେ ଯୋଗ ଦେଇନାହାନ୍ତି। ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶକୁ ଅବମାନନା କରିଛନ୍ତି। ଆପଣଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ୩ ଦିନ ଭିତରେ ଜଣାଇବାକୁ କୁହାଯାଇଛି। ନଚେତ ନିୟମ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦର୍ଶାଯିବା ସହ ନଭେମ୍ବର ମାସର ଦରମା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯିବ ବୋଲି ଚିଠି କରାଯାଇଛି।

ସୂଚନାଯୋଗ୍ୟ ଯେ, ଡେରା ପଞ୍ଚାଯତ ନୂଆଗାଁ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ୮ଟି ଶ୍ରେଣୀକୁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକମାନେ ୨୬ ତାରିଖ ଦିନ ତାଲା ପକାଇଥିଲେ। ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦ଟି ଶ୍ରେଣୀ ପାଇଁ ୨୨ ଜଣ ଶିକ୍ଷକ ଥିବାରୁ ସହକାରୀ ଶିକ୍ଷକ ନିରଞ୍ଜନ ପଲ୍ଲେଇଙ୍କୁ ନୂଆଗାଁ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ଟେକ କ୍ଲାସରେ ଯୋଗଦେବା ପାଇଁ ବ୍ଲକ ଶିକ୍ଷାଧିକାରୀ ଅର୍ଡର କରିଥିଲେ।

ବିଭିନ୍ନ ଦୋକାନରେ ପୌରପରିଷଦର ଚଢ଼ଉ

ପଙ୍ଗାମୁଣ୍ଡାଇ,୨୯।୧୧ (ସଂଚାର ବ୍ୟୁରୋ): ପଙ୍ଗାମୁଣ୍ଡାଇ ପୌରପରିଷଦ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶକ୍ରମେ ପଙ୍ଗାମୁଣ୍ଡାଇ ବଜାରରେ ବ୍ୟାପକ ପରିମାଣରେ ପଲିଥିନ ବ୍ୟବହାର ଦ୍ୱାରା ଜଳବାୟୁ ଉପରେ କୁପ୍ରଭାବ ପଡୁଥିବାର ଅଭିଯୋଗ ପାଇଲା ପରେ ତାଙ୍କ ନିର୍ଦ୍ଦେଶରେ ପଙ୍ଗାମୁଣ୍ଡାଇ ପୌରପରିଷଦର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ତତ୍ତ୍ୱାବଧାନରେ ପଲିଥିନ ବ୍ୟବହାର କରୁଥିବା ଦୋକାନମାନଙ୍କ ଉପରେ ଆଜି ଚଢାଉ କରାଯାଇ ୨,୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏଥି ସହିତ ଦୋକାନୀମାନଙ୍କୁ ଓ ସାଧାରଣ ଲୋକମାନଙ୍କୁ ପଲିଥିନ ବ୍ୟବହାର ନକରିବାକୁ ସଚେତନ କରାଯାଇଥିଲା। ମନୋଜ କୁମାର ନାୟକ (କ୍ଷେତ୍ର ସହାୟକ) ପଲ୍ୟୁସନ କଂଟ୍ରୋଲ ବୋର୍ଡ ପାରାଦୀପ, ପଙ୍ଗାମୁଣ୍ଡାଇ ପୌରପରିଷଦର କନିଷ୍ଠଯନ୍ତ୍ରୀ ପ୍ରମୋଦ କୁମାର ସାମଲ, ରାଜସ୍ୱ ନାରିକ୍ଷକ ଭୂବନ ମୋହନ କାନୁନଗୋ, ହୃଶିକେଷ ନାଥ, ଦେବବ୍ରତ ମନ୍ତ୍ରୀ, ଗଙ୍ଗାଧର ନାୟକ, ସରୋଜ କୁମାର ପଣ୍ଡା, ପରିମଳ ଭାରପ୍ରାପ୍ତ ଅଧିକାରୀ ପ୍ରଫୁଲ୍ଲ କୁମାର ଦାଶ, ବାସୁଦେବ ଦାସ, ଗଣେଶ କୁମାର ପାତ୍ର, ମନୋରଞ୍ଜନ ଦାସ, ପ୍ରଭଞ୍ଜନ ସ୍ୱାଇଁ ଓ ପଙ୍ଗାମୁଣ୍ଡାଇ ଆଦର୍ଶ ଥାନାର ପୁଲିସମାନଙ୍କ ସହଯୋଗରେ ଚଢାଉ କାର୍ଯ୍ୟ କରାଯାଇ ଜୋରିମାନା ଆଦାୟ କରାଯାଇଥିଲା।

ଜିଲ୍ଲାସ୍ତରୀୟ ଶିଳ୍ପ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡା,୨୯।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଶିଳ୍ପ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାରେ ଥିବା ଶିଳ୍ପ ଅନୁଷ୍ଠାନ ଗୁଡିକର ଅଭିଯୋଗ ଗୁଡିକର ଶୁଣାଣି କରି ସମାଧାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମାର୍ଶାଘାଇ ପୁରୁଷୋତମପୁର ରେ ଥିବା ଶିଳ୍ପ କେନ୍ଦ୍ରକୁ ଯିବାପାଇଁ ରାସ୍ତା ନ ଥିବାରୁ କଳ୍ପାନୀକୁ ଯାତାୟତ କରିବା ପାଇଁ ଶ୍ରମିକ ଓ କର୍ମଚାରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ତୁରନ୍ତ ସେଠାରେ ରାସ୍ତା ନିର୍ମାଣ କରିବା ପାଇଁ ଜିଲ୍ଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିପା ବିଭାଗର ସମସ୍ତ ସଦସ୍ୟଙ୍କ ସମେତ ସୌଭାଗ୍ୟ ରଞ୍ଜନ ମଲିକ, ବଳରାମ ସାହୁ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ ।

ବିଜେପିରେ ମିଶିଲେ ଦୁଇ ସରପଞ୍ଚ

ରାଜନଗର,୨୯।୧୧ (ସଂଚାର ବ୍ୟୁରୋ): ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖମାରସାହି ପଞ୍ଚାୟତର ସରପଞ୍ଚ ଅନୁଷ୍ଠୟା ବିଶ୍ୱାଳ, ୱାର୍ଡ ସଭ୍ୟ ଏବଂ ଈଶ୍ୱରପୁର ପଞ୍ଚାୟତର ସରପଞ୍ଚ, ନାୟବ ସରପଞ୍ଚ ଏବଂ ୱାର୍ଡ ସଭ୍ୟ, ସଭ୍ୟା ବିଜୁ ଜନତା ଦଳ ତ୍ୟାଗ କରି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ଜିଲ୍ଲା ସଭାପତିଙ୍କ ଉପସ୍ଥିତିରେ ବିଜେପି ପରିବାରରେ ସାମିଲ ହେଲେ। ଏହି ଅବସରରେ ଭାରତୀୟ ଜନତା ପାର୍ଟି ରାଜନଗର ନିର୍ବାଚନ ମଣ୍ଡଳୀର ଯୁବ ନେତା ଲଳିତ ବେହେରା ସମସ୍ତ ସଦସ୍ୟଙ୍କୁ ଦଳୀୟ ଟୋପି ଏବଂ ଉତ୍ତରୀୟ ପକାଇ ସ୍ୱାଗତ କରିଥିଲେ। ଦଳରେ ମିଶିଥିବା ନୂତନ ସଦଶ୍ୟ ମାନଙ୍କ ନେତୃତ୍ୱରେ ଆମ ଦଳ ଆହୁରି ସଂଗଠିତ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

ପଙ୍ଗାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ରକ୍ତଦାନ ଶିବିର

ପଙ୍ଗାମୁଣ୍ଡାଇ,୨୯।୧୧ (ସଂଚାର ବ୍ୟୁରୋ): ପଙ୍ଗାମୁଣ୍ଡାଇ କୋର୍ଟ ଓ ଓକିଲ ସଂଘର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପଙ୍ଗାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି ଫିତା କାଟି ଉଦଘାଟନ କରିଥିଲେ। ସବଜଜ ଅପୂର୍ବା ଚୌଧୁରୀ, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଜେଏମଏଫସି ଡ଼ି.କେ ବାଳକ୍ରିଷ୍ଣନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଙ୍ଗାମୁଣ୍ଡାଇ ଓକିଲ ସଂଘ ସଭାପତି ସୂର୍ଯ୍ୟ ରଞ୍ଜନ ରାଉଳ, ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ଯୁଗ୍ମ ସମ୍ପାଦକ ମନୋଜ ନାୟକ, କୋଷାଧକ୍ଷ ପ୍ରମୋଦ ବିଶ୍ୱାଳ ପାଠାଗାର ସମ୍ପାଦକ ପ୍ରକାଶ ପାତ୍ର, ବରିଷ୍ଠ ଆଡ଼ଭୋକେଟ କିଶୋର କୁଣ୍ଡ, ଭୀମସେନ ପ୍ରଧାନ, ନରହରି ଲେଙ୍କା ତପନ ମିଶ୍ର ବିଜୟ ରାଉତ, ବିଜ୍ଞାନ ଜେନା, ଧୀରେନ୍ଦ୍ର ସାହୁ, ସୌମ୍ୟ ରଞ୍ଜନ ଧଳ, ଗୋପୀନାଥ ତ୍ରିପାଠୀ ଅଶ୍ୱିନୀ ବେହେରା ଅଭିରାମ କୁଣ୍ଡ ହୃଦାନନ୍ଦ ମହାନ୍ତି, ପ୍ରତାପ ପୃଷ୍ଟି ଭବାନୀ ପଣ୍ଡା, ଲଳିତ ଦାସ ମହାପାତ୍ର, ସଞ୍ଜୀବ କର, ଗିରିଜା ଦାଶ, ଗୁରୁ ଚରଣ ଷଣ୍ଢ, ଅଶ୍ୱିନୀ ଚୌଧୁରୀ, ସୁନାକାର ପ୍ରଧାନ, ନାରାୟଣ ସାହୁ, ବିଦ୍ୟାଭୂଷଣ ଦାଶ, ପ୍ରଫୁଲ୍ଲ ଦାଶ, ଗୀତାଞ୍ଜଳି ପୃଷ୍ଟି ବିଦ୍ୟାଧର ଦାଶ, ରାଜେନ୍ଦ୍ର ମିଶ୍ର ପ୍ରମୁଖ ବହୁ ବରିଷ୍ଠ ଆଡ଼ଭୋକେଟ ଓକିଲ ସଂଘ ପୂର୍ବତନ କର୍ମକର୍ତ୍ତା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପଙ୍ଗାମୁଣ୍ଡାଇ ଓକିଲ ସଂଘର ଏହି ମହତ କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।

ରଜାଙ୍ଗ ଉପ୍ରା ବିଦ୍ୟାଳୟର ଭିତିଭୂମି ବିକାଶର ଶିଳାନ୍ୟାସ

ଡେରାବିଶ,୨୯।୧୧ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ରଜାଙ୍ଗ ସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଶାନ୍ତି ବାଲମନ୍ଦିର ଟ୍ରଷ୍ଟ ପକ୍ଷରୁ ବିଦ୍ୟାଳୟର ଭିତିଭୂମିର ବିକାଶ ପାଇଁ ଶୁଭ ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ସମ୍ମାନିତ ଅତିଥିଭାବେ ଡେରାବିଶ ବିଡ଼ିଓ ନମିତା ବାରିକ ଯୋଗଦେଇ ଭୂମିପୂଜନ ସହ ଶୁଭ ଶିଳାନ୍ୟାସ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦାନପୁରର ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ମହିମା ସ୍ୱାଇଁ, ରଜାଙ୍ଗ ଗ୍ରାମର ୱାର୍ଡ଼ସଭ୍ୟ ପ୍ରକାଶ ଘଡ଼େଇ, ସୁଶାନ୍ତ ମଲିକ, ଶିକ୍ଷାବିତ୍ ରଞ୍ଜନ ସ୍ୱାଇଁ, ବୈରାଗୀ ଚରଣ ପଣ୍ଡା, ଶୀତଳ କୁମାର ସ୍ୱାଇଁ, ଅକ୍ଷୟ କୁମାର ପଣ୍ଡା, ଗ୍ରାମର ମହିଳା ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡ଼ି କର୍ମୀ ଓ ଗ୍ରାମର ମୁରବିମାନେ ଉପସ୍ଥିତ ରହିଥିଲେ।

ସୂଚନାଯୋଗ୍ୟ ବାଲ ମନ୍ଦିର ଟ୍ରଷ୍ଟ ତରଫରୁ ଏହି ଗ୍ରାମରେ ଏକ ଦାତବ୍ୟ ଚିକିତ୍ସାଳୟ ଖୋଲିବା ପାଇଁ ସରକାରଙ୍କ ତରଫରୁ ୫ ଏକର ଜମି ଯୋଗାଇ ଦିଆଯାଇଛି। ଏହାଛଡ଼ା ଗ୍ରାମର ଏହି ବିଦ୍ୟାଳୟରେ

କେରଳ-ଓଡ଼ିଶା ରାଜ୍ୟପାଳ ସାକ୍ଷାତାଲୋଚନା

ଭୁବନେଶ୍ୱର, ୨୯।୧୧ (ସଂଚାର ବ୍ୟୁରୋ) : ଦୁଇ ରାଜ୍ୟର ରାଜ୍ୟପାଳଙ୍କ ମଧ୍ୟରେ ଆଜି ଏକ ସୌଜନ୍ୟମୂଳକ ସାକ୍ଷାତକାର ଅନୁଷ୍ଠିତ ହୋଇଛି। ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ସାକ୍ଷାତ କରିଛନ୍ତି। ଏନେଇ ସୋସିଆଲ ମିଡିଆ 'ଏକ୍ସ'ରେ ରାଜ୍ୟପାଳ ଡ. କମ୍ଭମପଟି ସୂଚନା ଦେଇଛନ୍ତି।ଏଥିରେ ରାଜ୍ୟପାଳ ଡ. କମ୍ଭମପଟି ସାକ୍ଷାତ ସଂକ୍ରାନ୍ତରେ ଲେଖିଛନ୍ତି ଯେ ଆଜି ଓଡ଼ିଶା ରାଜଭବନରେ କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କ ସହ ଏକ ସୌଜନ୍ୟପୂର୍ଣ୍ଣ ସାକ୍ଷାତକାର ହୋଇଛି। ଆଲୋଚନା ଅତ୍ୟନ୍ତ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଥିଲା ଓ ଏଥିରେ ପ୍ରେରଣାଦାୟୀ ତଥା ଅର୍ଥପୂର୍ଣ୍ଣ ମତ ବିନିମୟ ହୋଇଛି। ସେହିପରି ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଫଟୋରେ ଦୁଇ ରାଜ୍ୟପାଳ ପରସ୍ପରକୁ ହାତଯୋଡ଼ି ଅଭିବାଦନ ଜଣାଇବା ସହ ପରେ ଡ. କମ୍ଭମପଟି କେରଳ ରାଜ୍ୟପାଳଙ୍କୁ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ଥିବା ଫଟୋ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି।

● ଜିଡିପି ଅଭିବୃଦ୍ଧି ପ୍ରସଙ୍ଗ

ଦେଶବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ): ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋସିଆଲ ମିଡିଆ 'ଏକ୍ସ' ହ୍ୟାଣ୍ଡେଲରେ ସେ ଉଲ୍ଲେଖ କରିଛନ୍ତି ଯେ ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତ ୮.୨ ପ୍ରତିଶତର ଦୃଢ଼ ଅଭିବୃଦ୍ଧି ହାସଲ କରିଥିବାରୁ ଏଥିସକାଶେ ସମସ୍ତ ଭାରତବାସୀ ଅଭିନନ୍ଦନର ପାତ୍ର। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଦେଶର ସାମୂହିକ ସ୍ଥିରତା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଣ୍ଣାୟକ, ସଂସ୍କାରଚାଳିତ ନେତୃତ୍ୱକୁ ପ୍ରତିଫଳିତ କରୁଛି। ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ଓ ଅଭିବୃଦ୍ଧି ଉପରେ ନିରନ୍ତର ଧ୍ୟାନ ଦେଶର ଅର୍ଥନୈତିକ ଭିତ୍ତିଭୂମିକୁ କ୍ରମାଗତ ଭାବେ ସୁଦୃଢ଼ କରି ଚାଲିଛି। ଓଡ଼ିଶା ଏହି ଗତିରେ ଯୋଗଦାନ ଦେଇ ଗର୍ବିତ ଓ ଏକ ବିକଶିତ ଭାରତର ସହଭାଗୀ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ। ଜୟ ହିନ୍ଦ୍ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

■ ଜନ୍ତୁ ଅଦଳ ବଦଳ ପ୍ରକ୍ରିୟା

ନନ୍ଦନକାନନ ଆସିବେ ୧୯ ଜୀବ

ବାରଙ୍ଗ,୨୯।୧୧(ସଂଚାର ବ୍ୟୁରୋ): ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଗୁଜରାଟରୁ ଆସୁଛନ୍ତି ୧୯ ଜୀବଜନ୍ତୁ। ଏନେଇ ସୁରଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଜୁଲୋଜିକାଲ ଗାର୍ଡେନ ସହ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ କଥାବାର୍ତ୍ତା ସରିଥିବା ଏବଂ କେନ୍ଦ୍ରୀୟ ଚିଡ଼ିଆଖାନା ପକ୍ଷରୁ ଅନୁମତି ମିଳିଥିବା ଜଣାପଡ଼ିଛି। ଏହି ସୂତ୍ରରୁ ଜଣାଯାଇଛି ଯେ, ଡ଼ିସେମ୍ବର ୧୦ ତାରିଖ ସୁଦ୍ଧା ନୂଆ ଜୀବଜନ୍ତୁ ଆସି ନନ୍ଦନକାନରେ ପହଞ୍ଚିବେ। ତେଣୁ ନନ୍ଦନକାନନ ପକ୍ଷରୁ ଏକ ଟିମ ଗୁଜୁରାଟ ଯିବା ପାଇଁ ପ୍ରସ୍ତୁତି ସରିଛି। ଗୁଜରାଟ ଚିଡ଼ିଆଖାନାରୁ ୪ ପ୍ରଜାତିର ୧୯ ଜୀବଜନ୍ତୁ ଆସୁଥିବା ବେଳେ

ଏହାର ପ୍ରତିବଦଳରେ ନନ୍ଦନକାନନ ୫ ପ୍ରଜାତିର ୧୪ ଜୀବଜନ୍ତୁ ଦେଉଛି। ଆସୁଥିବା ଜୀବଜନ୍ତୁ ମଧ୍ୟରେ ଅଛନ୍ତି ୫ଟି (୩ଟି ଅଣ୍ଡିରା ଓ ୨ଟି ମାଈ) ପାଣି ଓଧ, ୨ଟି ଅଣ୍ଡିରା ଧୂସର ଗଧିଆ, ୧୦ଟି (୫ଟି ଅଣ୍ଡିରା, ୫ଟି ମାଈ) ଭାରତୀୟ ପଥର କଇଁଛ ଓ ୨ଟି (ଅଣ୍ଡିରା ଓ ମାଈ) ରୁପେଲି କୁକ୍କୁଟ ଅଛନ୍ତି। ସେହିପରି ନନ୍ଦନକାନନରୁ ଯାଉଥିବା ୫ ପ୍ରଜାତିର ୧୪ ଜୀବଜନ୍ତୁ ମଧ୍ୟରେ ଦୁଇଟି ଅଣ୍ଡିରା ଓ ମାଈ ମହାବଳ ବାଘ, ଦୁଇଟି ମାଈ ଧୂସର ଗଧିଆ, ୩ଟି (ଗୋଟିଏ ଅଣ୍ଡିରା ଓ ୨ଟି ମାଈ) ଚଉସିଙ୍ଗା, ଦୁଇଟି ମାଈ କୁଟୁରା ଓ ୫ଟି (୨ଟି ଅଣ୍ଡିରା ଓ ୩ଟି ମାଈ) ଭାରତୀୟ ବିଲୁଆ ରହିଛନ୍ତି।

ବିଧାନସଭାର କିଛି ରୋଚକ ଦୃଶ୍ୟ

ବିଜେଡି ବିଧାୟକଙ୍କୁ ଆଇନ ମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୨୯।୧୧ (ସଂଚାର ବ୍ୟୁରୋ): ବିଧାନସଭା ଶୂନ୍ୟକାଳରେ ଆଜି ଏମତି କିଛି ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। କେଉଁଠି ବିଜେପି ବିଧାୟକ ଓ ପୂର୍ତ୍ତମନ୍ତ୍ରୀଙ୍କ କଥା କଟାକଟି ହୋଇଛନ୍ତି ତ କେଉଁଠି ପୂର୍ତ୍ତମନ୍ତ୍ରୀ ବିଜେଡି

ଆଇନ ମନ୍ତ୍ରୀଙ୍କୁ କଟାକ୍ଷ କଲେ ଦଳୀୟ ବିଧାୟକ

ବିଧାୟକଙ୍କ ପ୍ରଶଂସା କରିଛନ୍ତି। ଯଦିଓ ଏସବୁକୁ ଉଭୟ ଦଳର ସଦସ୍ୟମାନେ ହାଲୁକା ଭାବେ ନେଇଛନ୍ତି, ରାଜନୈତିକ ଦୃଷ୍ଟିରୁ କିନ୍ତୁ ଏହାର ଗୁରୁତ୍ୱ ରହିଛି। ବାଲେଶ୍ୱର ରିଂ ରୋଡ ସ୍ଥିତି ନେଇ ପ୍ରଶ୍ନକାଳରେ କଥା କଟାକଟି ହୋଇଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବିଜେପି ବିଧାୟକ ମାନସ ଦତ୍ତ। ବିଭାଗୀୟ କାମରେ ଶୀଥିଳତା ଦେଖାଦେଇଥିବା କହିଥିଲେ ମାନସ। ବାଲେଶ୍ୱର ରିଙ୍ଗ ରୋଡ ପାଇଁ ଫିଜିବିଲିଟି ସର୍ଭେ ହେବ, ତା'ପରେ ଡିପିଆର ପ୍ରସ୍ତୁତ ହେବ ଆଉ କେବେ ହେବ ଟେଣ୍ଡର। ମନ୍ତ୍ରୀଙ୍କ ଘୋଷଣା ପରେ ବି କାମ ଆଗଉନଥିବା କହିଥିଲେ ମାନସ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେଯେ ବିଧାୟକ ଯେଉଁ ଶୀଥିଳତା କଥା କହୁଛନ୍ତି ମୋ ବିଭାଗରେ ତା' ନାହିଁ। କାମ ଜୋରଦାର ଚାଲିଛି। ବର୍ଷକ ଭିତରେ ବାଲେଶ୍ୱର ରିଙ୍ଗ ରୋଡ ପାଇଁ ଟେଣ୍ଡର ହେବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଅନ୍ୟପଟେ ଗୃହରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ରଙ୍କୁ ପ୍ରଶଂସା କରିଥିଲେ ଶ୍ରୀ ହରିଚନ୍ଦନ। ବିଜେଡିର ଏହି ବରିଷ୍ଠ ବିଧାୟକ ନିଜ ଅଞ୍ଚଳର ପ୍ରକଳ୍ପଗୁଡିକ ପାଇଁ ବ୍ୟକ୍ତିଗତ ଭାବେ ମାସକୁ ମାସକୁ ତାଙ୍କ ସହ ଆଲୋଚନା କରୁଥିବାରୁ କାମ ତୀବ୍ର ଗତିରେ ହୋଇପାରୁଛି। ଅନ୍ୟ ସମସ୍ତ ବିଧାୟକ ନିଜ ନିଜ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ବାରମ୍ବାର ଆଲୋଚନା କରିବା ସହ ସୁଚିନ୍ତିତ ପରାମର୍ଶ ଦେଲେ କାମ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ପୂର୍ତ୍ତ ମନ୍ତ୍ରୀ କହିଥିଲେ। ବିଜେଡିର କିଛି ବିଧାୟକ ନିଜ ଅଞ୍ଚଳ କଥା ଉଠାଇବା ଛଳରେ ପୃଥ୍ୱୀରାଜଙ୍କୁ ପ୍ରଶଂସା ମଧ୍ୟ କରିଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରା, ଅଶ୍ୱନି ପାତ୍ର, ଧ୍ରୁବ ସାହୁ ବିଭାଗର କାମ ପାଇଁ ପୂର୍ତ୍ତମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାକୁ ମଧ୍ୟ ପଛାଇନାହାଁନ୍ତି। ଅନ୍ୟପଟେ ବିଜେପିର ଅନ୍ୟ ଜଣେ ବିଧାୟକ ପଦ୍ମଲୋଚନ ପଣ୍ଡା ହସି ହସି ପୂର୍ତ୍ତମନ୍ତ୍ରୀଙ୍କୁ କଟାକ୍ଷ କରିଛନ୍ତି। କହିଛନ୍ତି ଯେ ମନ୍ତ୍ରୀ ଆମ ନିଜ ଲୋକ, କିନ୍ତୁ ଆମକୁ ଅବହେଳା କରୁଛନ୍ତି। ବାଲେଶ୍ୱର ଖଇରା-ରାଣୀତାଳ ରାସ୍ତା ନିର୍ମାଣ ନେଇ ଏଭଳି ଢଙ୍ଗରେ ଗୃହରେ ନିଜର ଉଦବେଗ ପ୍ରକାଶ କରିଛନ୍ତି ବିଜେପି ବିଧାୟକ। ସେ କହିଛନ୍ତି ଯେ ୫୦ ଥର ଏନେଇ ମନ୍ତ୍ରୀଙ୍କୁ ଭେଟିଥିଲେ ବି କାମ ହେଉନି। ରାସ୍ତାରେ ଥିବା ଖାଲଖମାର ବି ମରାମତି ହେଉନି। ଦାୟିତ୍ୱରେ ଥିବା ଅଧିକାରୀଙ୍କର ବି ଦେଖା ମିଳୁନାହିଁ। ଯାହାକୁ ନେଇ ବିଧାନସଭାରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା।

ହ୍ୟୁମାନଙ୍କ ମ୍ୟାନେଜରଙ୍କ ନାଁରେ ମାମଲା

କଟକ,୨୯।୧୧(ସଂଚାର ବ୍ୟୁରୋ): ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ତାଙ୍କ ମ୍ୟାନେଜରଙ୍କ ବିରୋଧରେ ଏବେ ଆଉ ଏକ ମାମଲା ଦାୟର ହୋଇଛି। ରାଜ୍ୟ ମାନବାଧିକାର ପରିଷଦ (ଏସ୍ଏଚ୍ଆର୍ସି) ପକ୍ଷରୁ ସ୍ଥାନୀୟ ମହିଳା ଥାନାରେ ଅଭିଯୋଗ ହୋଇଛି। ଗତ ୧୭ ତାରିଖରେ ହ୍ୟୁମାନଙ୍କ ମୃତ୍ୟୁ ସମୟରେ ଭୁବନେଶ୍ୱର ଏମ୍ସ ପରିସରରେ ତାଙ୍କ ମା' ଶେଫାଳି ସୁନାଙ୍କୁ ମ୍ୟାନେଜର୍ ଦୀନେଶ ବେହେରା ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ବେଳେ ଏହାକୁ ପରିଷଦ ପକ୍ଷରୁ ବିରୋଧ କରାଯାଇଛି। ଅନ୍ୟପକ୍ଷରେ ହ୍ୟୁମାନଙ୍କ ଦୁଇ ମ୍ୟାନେଜର ଓ ଅର୍ପିତା ଚୌଧୁରୀଙ୍କୁ ନେଇ ରହସ୍ୟ ବଢ଼ିଛି। ଆଇସିୟୁ ସହ ଶେଷ ଦର୍ଶନ ସମୟରେ ଅର୍ପିତା କ'ଣ ପାଇଁ ମାସ୍କ ପିନ୍ଧି ଯାଇଥିଲେ ବୋଲି ପ୍ରଶ୍ନ ଉଠିଛି। ବରିଷ୍ଠ ଫିଲ୍ମ ପ୍ରଯୋଜକ ଟୁଟୁ ନାୟକ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ହ୍ୟୁମାନ ରୋଜଗାର କରିଥିବା ବିପୁଳ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ଦୁଇ ମ୍ୟାନେଜର ଓ ପୂରା ଟିମ୍ ଉପରେ ଧୀରେ ଧୀରେ ସନ୍ଦେହ ଘନୀଭୂତ ହେବାରେ ଲାଗିଛି।

୬ ନୂଆ ସହରରେ ଗଡ଼ିବ ଇଭି ବସ୍

ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ): ଆଗାମୀ ଦିନରେ ୬ଟି ନୂଆ ସହରରେ ଇଭି ବସ୍ ଗଡ଼ିବ। ଏନେଇ ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଏବେ ରାଜ୍ୟରେ ୬୭୦ଟି ବସ୍ ଚାଲିଛି, ସେଥିମଧ୍ୟରୁ ୨୨୦ଟି ଇଭି ବସ୍ ଚାଲିବ। ଏବେ ୧୧୩ଟି ରୁଟ୍‌ରେ ୧୩୯୯ କିମି ବସ୍ ଚାଲୁଛି। ଆଗକୁ ଯେଉଁଠି ଆବଶ୍ୟକତା ଅଛି, ସେହି ସହରରେ ବସ୍ ଚାଲିବ। ଉକ୍ତ ବସ୍‌ରେ ଯାତାୟାତ କ୍ଷେତ୍ରରେ ଅନ୍‌ଲାଇନ୍ ଟିକେଟ୍‌ରେ ରିହାତି ପାଇଁ ୩୫% ଟିକେଟ୍ ଆଦାୟ ରାଶି ବଢ଼ିଛି।

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ସଂସ୍କୃତି ଚର୍ଚ୍ଚା ସମ୍ମାନ

ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୯ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ, କବି, ଲେଖକ ତଥା ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପଶାସନ ସଚିବ ସଙ୍ଗମିତ୍ରା ବେହେରା ଯୋଗଦେଇଥିଲେ। ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ମନୋରଞ୍ଜନ ପାଣିଗ୍ରାହୀ, ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଡ. ଅନାମ ବେହେରା, ଡ. ସତ୍ୟନାରାୟଣ ମିଶ୍ର ଉପସ୍ଥିତ ଥିଲେ।

ସିଆର୍‌ପିଏଫ୍ ଆଇଜି ହେଲେ ରେଖା ଲୋହାନୀ

ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ): ସିଆରପିଏଫ ଆଇଜି ଭାବେ ଅବସ୍ଥାପିତ ହୋଇଛନ୍ତି ୧୯୯୭ ବ୍ୟାଚର ଆଇପିଏସ ଅଫିସର ରେଖା ଲୋହାନୀ। ୧୯୯୮ରେ ଅନୁଗୁଳର ଅତିରିକ୍ତ ଏସପି ଭାବେ କ୍ୟାରିୟର ଆରମ୍ଭ କରିଥିବା ନିଜର କାର୍ଯ୍ୟଦକ୍ଷତା ବିଭିନ୍ନ ସମୟରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ବର୍ତ୍ତମାନ ସେ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ ପୁଲିସ ରିସର୍ଚ୍ଚ ଆଣ୍ଡ ଟ୍ରେନିଂର ଆଇଜି ଦାୟିତ୍ୱରେ ଅଛନ୍ତି। ଏଥିସହ ସେ ୬୫ତମ ଏନସିଡି ଟ୍ରେନିଂ ମଧ୍ୟ ନେଉଛନ୍ତି। ଆଗାମୀ ୨୦୨୮ ଜାନୁଆରୀ ୧୫ ପର୍ଯ୍ୟନ୍ତ ସେ ସିଆରପିଏଫ ଆଇଜି ଦାୟିତ୍ୱରେ ରହିବେ। ସେ କମିଶନରେଟ ପୁଲିସରେ ଡିସିପି ହେଡକ୍ୱାର୍ଟର ଓ ଅତିରିକ୍ତ କମିଶନର ଭାବେ ଦାୟିତ୍ୱ ମଧ୍ୟ ତୁଲାଇସାରିଛନ୍ତି। କେନ୍ଦ୍ରୀୟ ଡେପୁଟେସନରେ ଥିବା ସମୟରେ ସେ ଆଇବିରେ ମଧ୍ୟ ୩ ବର୍ଷ କାର୍ଯ୍ୟ କରିଛନ୍ତି। ସେ କିଛି ଦିନ ପାଇଁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ଓ୍ୱିଙ୍ଗର ଅତିରିକ୍ତ ଡିଜି ଭାବେ କାର୍ଯ୍ୟ କରିଥିଲେ।

● କଂଗ୍ରେସର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

୩କୁ ଘୁଞ୍ଚିଲା ଆବେଦନ ଅବଧି

ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ (ଏଆଇସିସି) ପକ୍ଷରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଆବେଦନ ପାଇଁ ଶେଷ ତାରିଖ ଆସନ୍ତା ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଦଳ ପାଇଁ ଦକ୍ଷ ପ୍ରବକ୍ତା, ଅଧିବକ୍ତା, ଗଣମାଧ୍ୟମ ସଂଯୋଜକ ପାଇଁ ଆବେଦନର ଶେଷ ତାରିଖ ଆଗାମୀ ୩୦ ତାରିଖ ଥିଲା। ଇତିମଧ୍ୟରେ ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷ ଏଥିପାଇଁ ଆବେଦନ କରିସାରିଛନ୍ତି। ଦରଖାସ୍ତକାରୀମାନଙ୍କର ଏହି କାର୍ଯ୍ୟକ୍ରମ ପ୍ରତି ଆଗ୍ରହକୁ ଦୃଷ୍ଟିରେ ରଖି ଓ ଅଧିକ ଲୋକଙ୍କୁ ସୁଯୋଗ ଦେବା ସକାଶେ ଆବେଦନ ଅବଧିକୁ ବଢ଼ାଇ ଦିଆଯାଇଥିବା ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ପ୍ରକାଶ ଥାଉ କି ଜାତୀୟ କଂଗ୍ରେସ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ଦେଶତମାମ ଆରମ୍ଭ କରିଛି। ବିଭିନ୍ନ ରାଜ୍ୟରେ ଏହା ଚାଲୁ ରହିଛି ଓ ଏଥିରେ ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷ ଆବେଦନ ବି କରୁଛନ୍ତି। ଏକ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଦରଖାସ୍ତକାରୀଙ୍କ ଭିତରୁ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଚୟନ କରାଯିବ ଓ ସେମାନେ ଜାତୀୟ ସ୍ତରରେ ଦଳର ପ୍ରବକ୍ତା ଭାବେ କାର୍ଯ୍ୟ କରିବେ। ଓଡ଼ିଶାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଓ ଇଚ୍ଛୁକ ଆବେଦନକାରୀଙ୍କ ନିକଟରୁ ଦରଖାସ୍ତ ସଂଗ୍ରହ ଚାଲିଛି। ଆସନ୍ତା ୮ ତାରିଖରେ ଜୋନ ସ୍ତରରେ ସେମାନଙ୍କ ପ୍ରଥମ ଚୟନ କରାଯିବ ଓ ଅନ୍ତିମ ଚୟନ ଆସନ୍ତା ୨୬ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

ବିଧାନସଭା ଖବର

ଏବର୍ଷ ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ ୯୭୫୩ କୋଟି ଟଙ୍କା

ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ): ଚଳିତ ଆର୍ଥିକ ବର୍ଷରେ ଅବାକରୀ ରାଜସ୍ୱ ବାବଦରେ ସରକାର ୯୭୫୩ କୋଟି ୬୨ଲକ୍ଷ ଟଙ୍କା ପାଇବାର ଲକ୍ଷ୍ୟ ରଖିଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୨୦-୨୧ ବର୍ଷରେ ରାଜ୍ୟରେ ଅବକାରୀ ରାଜସ୍ୱ ବାବଦରେ ୫୪୦୦ କୋଟି ୨୧ ଲକ୍ଷ ଟଙ୍କା ଆଦାୟ ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହି ପରିମାଣ ୧୧,୪୨୯ କୋଟି ୭୪ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସରକାର ଏ ବାବଦରୁ ୯୭୫୩ କୋଟି ୬୨ ଲକ୍ଷ ଟଙ୍କା ପାଇବାର ଲକ୍ଷ୍ୟ ରଖିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରର ଉଲ୍ଲେଖ କରିଛନ୍ତି ଯେ ଗତ ଆର୍ଥିକ ବର୍ଷରେ ଓଡିଶାରେ ୮୪୦ ଲକ୍ଷ ବକ୍ସ ଲିଟର ଭାରତ ତିଆରି ବିଦେଶୀ ମଦ ବିକ୍ରି ହୋଇଥିବାବେଳେ ଏଥିରୁ ରାଜ୍ୟ ବାହାରୁ ପାଖପାଖି ୬୪ଲକ୍ଷ ଲିଟର ମଦ ଆମଦାନୀ ହୋଇଥିଲା। ସେହିଭଳି ଗତ ବର୍ଷ ରାଜ୍ୟରେ ୧୬୭୮ ଲକ୍ଷ ବକ୍ସ ଲିଟର ବିୟର ବିକ୍ରି ହୋଇଥିବା ବେଳେ ଏଥିମଧ୍ୟରୁ ୨୪୬ ଲକ୍ଷ ବକ୍ସ ଲିଟର ରାଜ୍ୟ ବାହାରୁ ଆମଦାନୀ ହୋଇଥିଲା। ତେବେ ବିକ୍ରି ହେଉଥିବା ଦେଶୀ ମଦ ଓ ବାହାର ଭାଟି ମଦ ସବୁ ଓଡିଶାରେ ପ୍ରସ୍ତୁତ ହେଉଛି। ଗତ ଆର୍ଥିକ ବର୍ଷରେ ଓଡିଶାରେ ୧୮୩ ଲକ୍ଷ ଲିଟର ଦେଶୀମଦ ବିକ୍ରି ହୋଇଥିବାବେଳେ ୧୩୧୪ ଲକ୍ଷ ଲିଟର ବାହାରଭାଟି ମଦ ବିକ୍ରି ହୋଇଛି।

ଝାରସୁଗୁଡ଼ା ଜିଲ୍ଲାରେ ୫୮୬୮ ଏସଏଚ୍‌ଜି

ଝାରସୁଗୁଡା ଜିଲ୍ଲାରେ ମୋଟ୍ ୫୮୬୮ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଥିବା ବେଳେ ଏମାନଙ୍କ ମଧ୍ୟରୁ ୧୧୭୫ଟି ଗୋଷ୍ଠୀ ମିଳୁଥିବା ଅର୍ଥକୁ ବିନିଯୋଗ କରି ଭିନ୍ନ ଭିନ୍ନ ଜୀବିକାକୁ ସୁଦୃଢ କରାଇପାରିଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଉପମୁଖ୍ୟମନ୍ତ୍ରୀ ଦେଇଥିବା ସୂଚନାନୁଯାୟୀ, ୨୦୨୦-

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ରବିବାର ୩୦ ନଭେମ୍ବର ୨୦୨୫, ଭୁବନେଶ୍ୱର
Sunday 30 November 2025, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ସ୍ୱାବଲମ୍ବୀ ଭାରତର ସଂକେତ

ଆଜି ଭାରତ ବିଶ୍ୱର ସବୁଠାରୁ ଦ୍ରୁତଗତିରେ ବଢୁଥିବା ଅର୍ଥନୀତି ଭାବେ ନିଜକୁ ପ୍ରତିଷ୍ଠା କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଜିଡିପି ବୃଦ୍ଧି ହାର ଉତ୍ସାହଜନକ ଭାବେ ଅଧିକ ରହିବ ବୋଲି ଆନ୍ତର୍ଜାତିକ ମୁଦ୍ରା ଭଣ୍ଡାର (ଆଇଏମଏଫ୍) ଓ ବିଶ୍ୱ ବ୍ୟାଙ୍କ ଅନୁମାନ କରିଛନ୍ତି। ଏହା କେବଳ ଏକ ସଂଖ୍ୟା ନୁହେ, ଏହା ହେଉଛି ସ୍ୱାବଲମ୍ବୀ ଭାରତର ଏକ ଦୃଢ଼ ସଂକେତ।

ସ୍ୱାଧୀନତାର ପ୍ରାରମ୍ଭିକ ଦଶନ୍ଧିଗୁଡ଼ିକରେ ଭାରତ ଖାଦ୍ୟ, ଔଷଧ, ଜାଲେଣି ଓ ପ୍ରତିରକ୍ଷା ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭରଶୀଳ ଥିଲା। ଆଜି ସେହି ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ, ପଞ୍ଚମ ବୃହତ୍ତମ ଅର୍ଥନୀତି ଏବଂ ନିକଟ ଭବିଷ୍ୟତରେ ତୃତୀୟ ବୃହତ୍ତମ ଅର୍ଥନୀତି ହେବାର ଦିଗରେ ଅଗ୍ରସର। ଏହି ରୂପାନ୍ତର ହେଉଛି 'ଆତ୍ମନିର୍ଭର ଭାରତ'ର ସଫଳତାର ଜ୍ୱଳନ୍ତ ଉଦାହରଣ। ଉତ୍ପାଦନ କ୍ଷେତ୍ରରେ 'ମେକ୍ ଇନ୍ ଇଣ୍ଡିଆ' ଓ ପ୍ରତ୍ତକ୍ଷନ୍ ଲିଙ୍କଡ୍ ଇନ୍ସେଣ୍ଟିଭ୍ (ପିଏଲଆଇ) ଯୋଜନା ଫଳରେ ମୋବାଇଲ୍ ଫୋନ୍, ଇଲେକ୍ଟ୍ରୋନିକ୍ସ, ଡ୍ରୋନ୍, ସୌର ପ୍ୟାନେଲ ଓ ଔଷଧ ଉତ୍ପାଦନରେ ଭାରତ ବିଶ୍ୱ ବଜାରରେ ନିଜର ସ୍ଥାନ ସୁଦୃଢ଼ କରିଛି। ୨୦୧୪ରେ ଯେଉଁ ଦେଶ ମୋବାଇଲ୍ ଫୋନ୍ ଆମଦାନୀ କରୁଥିଲା, ସେହି ଦେଶ ଆଜି ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ୍ ଉତ୍ପାଦକ ଏବଂ ରପ୍ତାନିକାରୀ। କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ପରେ ଆଜି ଭାରତ ଖାଦ୍ୟରେ କେବଳ ସ୍ୱୟଂସମ୍ପୂର୍ଣ ନୁହେଁ, ଅତିରିକ୍ତ ଉତ୍ପାଦନ କରି ରପ୍ତାନି ମଧ୍ୟ କରୁଛି। ଗହମ, ଚାଉଳ, ଦାନା ଓ ଫଳମୂଳରେ ଭାରତ ବିଶ୍ୱର ଶୀର୍ଷ ରପ୍ତାନିକାରୀ ଦେଶଗୁଡ଼ିକ ମଧ୍ୟରେ ରହିଛି।

ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତାର ଅର୍ଥ ହେଉଛି ଦେଶର ସୁରକ୍ଷା। ତେଜସ୍ ଯୁଦ୍ଧବିମାନ, ଅର୍ଜୁନ ଟ୍ୟାଙ୍କ, ବ୍ରହ୍ମୋସ୍ କ୍ଷେପଣାସ୍ତ୍ର, ଆକାଶ ମିସାଇଲ୍ ସିଷ୍ଟମ୍ ଓ ଆଇଏନଏସ୍ ବିକ୍ରାନ୍ତ ଭଳି ସ୍ୱଦେଶୀ ଉତ୍ପାଦନ ଆଜି ଭାରତକୁ ଅସ୍ତ୍ର ରପ୍ତାନିକାରୀ ଦେଶରେ ପରିଣତ କରିଛି। ୨୦୧୪ରେ ଯେଉଁ ଦେଶ ୯୦ ପ୍ରତିଶତରୁ ଅଧିକ ଅସ୍ତ୍ର ଆମଦାନି କରୁଥିଲା, ସେହି ଦେଶ ଆଜି ୪୦ରୁ ଅଧିକ ଦେଶକୁ ଅସ୍ତ୍ର ରପ୍ତାନି କରୁଛି।

ଡିଜିଟାଲ୍ ଇଣ୍ଡିଆ ଓ ଉନ୍ନତ ଭିତ୍ତିଭୂମି ମଧ୍ୟ ଏହି ବୃଦ୍ଧିକୁ ଗତି ଦେଇଛି। ୟୁପିଆଇ ମାଧ୍ୟମରେ ବିଶ୍ୱର ସବୁଠାରୁ ବଡ଼ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍, ୧୪୦ କୋଟି ଲୋକଙ୍କର ଆଧାର କାର୍ଡ଼, ୧୦୦ରୁ ଅଧିକ ସ୍ମାର୍ଟ ସିଟି ପ୍ରକଳ୍ପ, ବନ୍ଦେ ଭାରତ ଟ୍ରେନ୍, ଏକ୍ସପ୍ରେସ ୱେ ଓ ମେଟ୍ରୋ ନେଟୱର୍କର ବିସ୍ତାର ଏହି ସ୍ୱାବଲମ୍ବନର ଅନ୍ୟ ରୂପ। ଏହି ଦୃଢ଼ ଅର୍ଥନୈତିକ ବୃଦ୍ଧି କେବଳ ସଂଖ୍ୟା ନୁହେଁ, ଏହା ହେଉଛି ଏକ ନୂଆ ଭାରତର ଜାଗରଣ। ଯେଉଁ ଭାରତ ନିଜର ପାଦ ଉପରେ ଠିଆ ହୋଇ ବିଶ୍ୱକୁ ଦିଗ୍ ଦେଖାଉଛି। ଏହା ହିଁ ସ୍ୱାବଲମ୍ବୀ ଭାରତର ପ୍ରକୃତ ଅର୍ଥ। ଆସନ୍ତୁ ଆମେ ସମସ୍ତେ ଏହି ଯାତ୍ରାରେ ସାମିଲ ହୋଇ ବିଶ୍ୱଗୁରୁ ଭାରତର ସ୍ୱପ୍ନକୁ ସାକାର କରିବା।

ସାମାଜିକ ସୁରକ୍ଷା ଯୋଜନା

ସବା ଶେଷ ଲୋକ ନିକଟରେ ପହଞ୍ଚିବା ଜରୁରୀ

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଦେଶର ଜନସାଧାରଣଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ଭାରତ ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲଓ)ର ମୂଲ୍ୟାୟନ ଅନୁଯାୟୀ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ଆଇଏଲଓର ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିବା ନିଶ୍ଚିତ ଭାବେ ଏକ ସୌଭାଗ୍ୟ ବୋଲି କୁହାଯାଇପାରିବ। ଆଇଏଲଓର ରିପୋର୍ଟ ଅନୁଯାୟୀ ଭାରତ ପ୍ରାୟ ୯୪କୋଟି ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେଇଛି ଦେଶର ମୋଟ ଜନସଂଖ୍ୟାର ୬୪.୩ ପ୍ରତିଶତ ସାମାଜିକ ସୁରକ୍ଷାର ଅର୍ନ୍ତଭୁକ୍ତ ହୋଇଥିବାବେଳେ ୨୦୧୯ରେ ସେମାନଙ୍କ ସଂଖ୍ୟା ଥିଲା ୨୪.୪ ପ୍ରତିଶତ। ଏହି ପରିସଂଖ୍ୟାନ ନିଶ୍ଚିତ ଭାବେ ଉତ୍ସାହଜନକ କିନ୍ତୁ ଏହା କେତେଦୂର ସତ୍ୟ, ସେ ନେଇ ବିସ୍ତୃତ ରିପୋର୍ଟର ଆବଶ୍ୟକ ରହିଛି। ଉଦାହରଣ ସ୍ୱରୂପ ନିୟମିତ ବେତନ କିମ୍ବା ମଜୁରୀ ପାଉଥିବା ୫୩.୪ ପ୍ରତିଶତ ଯେକୌଣସି ଗୋଟିଏ ହେଲେ ସାମାଜିକ ସୁରକ୍ଷା ଯୋଜନାରେ ଅର୍ନ୍ତଭୁକ୍ତ ହୋଇନଥିବା କିମ୍ବା କୌଣସି ସୁବିଧା ସୁଯୋଗ ପାଉନଥିବା ପିରିଅଡିକ୍ ଲେବର ଫୋର୍ସ ସର୍ଭେ ପକ୍ଷରୁ ପ୍ରକାଶିତ ସର୍ବଶେଷ ରିପୋର୍ଟରେ କୁହାଯାଇଛି। ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତଙ୍କ ସଂଖ୍ୟା ୨୦୨୩-୨୪ ସୁଦ୍ଧା ୫୩.୪ ପ୍ରତିଶତ ଥିଲା। ଏମାନଙ୍କ ମଧ୍ୟରୁ ବହୁ ବ୍ୟକ୍ତି ମଧ୍ୟ ରାଜ୍ୟସ୍ତରରେ କାର୍ଯ୍ୟକାରୀ ହେଉଥିବା ସାମାଜିକ ଯୋଜନା ବା କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ ହୋଇନଥିବା କୁହାଯାଏ। ଏହାର ମୁଖ୍ୟ କାରଣ ହେଉଛି ଜନହିତକର ଯୋଜନାର ନୀତିନିୟମ ସେମାନଙ୍କ ବାର୍ଷିକ ଆୟ ମଧ୍ୟରେ ଆସୁନଥିବାରୁ ବଞ୍ଚିତ ହେବା ସାର ହେଉଛି। ଭାରତୀୟ ଜନସଂଖ୍ୟାର ୮୦ ପ୍ରତିଶତରୁ ଅଧିକ ଅଣ ଆନୁଷ୍ଠାନିକ ସେକ୍ଟରରେ କାର୍ଯ୍ୟ କରୁଥିବାବେଳେ ସେମାନେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପରି ସାମାଜିକ ସୁରକ୍ଷା ଯୋଜନା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ମାତ୍ର ସର୍ଭେ କହେ ଯେ, ସେମାନଙ୍କ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଉଥିବାବେଳେ ଏହି ଯୋଜନାରେ ବଜେଟ ବ୍ୟୟ ବରାଦ ବୃଦ୍ଧି ପାଉନଥିବା ଯୋଗୁଁ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ ବଢୁନାହିଁ। ଏହା ନିସନ୍ଦେହ ଯେ, ସାମାଜିକ ସୁରକ୍ଷା ଯୋଜନା କାଗଜ ପତ୍ରରେ ସୀମିତ ରହିଛି କିନ୍ତୁ ବାସ୍ତବରେ ଏହା ଆଶାୟୀ ହିତାଧିକାରୀଙ୍କ ନିକଟରେ ପହଁଚିପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ୨୦୨୦ ସାମାଜିକ ସୁରକ୍ଷା କୋର୍ଡରେ ସାମାଜିକ ସୁରକ୍ଷା ପାଣ୍ଠି କେବଳ ଅସ୍ଥାୟୀ (ଗିଗ୍) ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଆସନ୍ତା ୨୦୩୦ସୁଦ୍ଧା ସେମାନଙ୍କ ସଂଖ୍ୟା ୨୩.୫ ମିଲିଅନରେ ପହଁଚିବ। ତେବେ ସର୍ବନିମ୍ନ କେତେ ସଂଖ୍ୟକ ଅସ୍ଥାୟୀ କର୍ମଚାରୀ ଏହି ଯୋଜନାରେ ସାମିଲ ହେବେ, ସେ ନେଇ କୌଣସି ସୀମା ନିର୍ଦ୍ଧାରଣ କରାଯାଇନାହିଁ। ସେହିପରି ଘରୋଇ ସହାୟକ ଓ କୃଷିକ୍ଷେତ୍ରରେ କାମ କରୁଥିବା ଅଣ ଆନୁଷ୍ଠାନିକ ଶ୍ରମିକଙ୍କ ପାଇଁ ମଧ୍ୟ କିଛି କୁହାଯାଇନାହିଁ। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଦେଶର ପ୍ରତ୍ୟେକ ରାଜ୍ୟରେ ବେଶ ଆଦୃତ ହୋଇଥିବା ବାର୍ଦ୍ଧକ୍ୟ ଭତା ଯୋଜନା (ଓଲଡଏଜ୍ ପେନସନ)ରେ କେନ୍ଦ୍ର ସରକାରଙ୍କ ଅଂଶଧନ ମାସିକ ମାତ୍ର ୨୦୦ଟଙ୍କା ରହିଛି, ଯାହାକି ୨୦୦୬ ପର୍ଯ୍ୟନ୍ତ ଦୈନନ୍ଦିନ ମଜୁରୀଠାରୁ କମ୍। ଆଇଏଲଓର ତଥ୍ୟ ଅନୁଯାୟୀ ବ୍ରାଜିଲ ଦେଶବାସୀଙ୍କୁ ସାମାଜିକ ସୁରକ୍ଷା ଯୋଗାଇବାରେ ତାଲିକାର ପ୍ରଥମ ସ୍ଥାନରେ ରହିଥିବାବେଳେ ଦେଶର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସାମାଜିକ ସୁରକ୍ଷାର ଗ୍ୟାରେଂଟି ଦେଇଥିବା ବେଳେ ବେକାରୀ ଇନସ୍ୟୁରାନ୍ସକୁ ମଧ୍ୟ ବାଧ୍ୟତାମୂଳକ କରିଛି। କିନ୍ତୁ ଆମ ଦେଶରେ ବର୍ଦ୍ଧିତ ବେକାରୀ ଆହୁରି ଅସୁରକ୍ଷିତ କରିଦେଇଛି। ତେବେ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଥିବା ତ୍ରୁଟିର ସଂଶୋଧନ କରି ଏହା ଯେପରି ଏଥିପ୍ରତି ସରକାର ଧ୍ୟାନ ଦେବା ଜରୁରୀ।

ସଞ୍ଜୀନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୪୦୩

'ଇ-ଆବର୍ଜନାର ସଂକଟ'

ବିକ୍ରମ ମହାପାତ୍ର

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ। ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି। କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି। ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି। ସାତଶହ ନିଯୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ। ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି। ଚୀନରେ ପ୍ରତିବର୍ଷ ପାଞ୍ଚ ନିଯୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି। ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ। ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି।

ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ। କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ। ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ। ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି। ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସମ୍ପର୍କରେ ସମ୍ୟକ ସୂଚନା ମିଳିଛି। ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ। ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି। ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି। ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିଯୁତ ଟନ୍ ଓଜନର ଇ-ଆବର୍ଜନା। ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି। ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିଯୁତ ଟନ୍। ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିଯୁତ ମେଟ୍ରିକ୍ ଟନ୍‌ରେ।

ଏହି ଆବର୍ଜନାର ଓଜନ ୨୦୦ଟି ଏଞ୍ଜାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ। ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ। ୨୦୨୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା। ତାର ପରିମାଣ ଥିଲା ୧୧.୧ ନିଯୁତ ଟନ୍। ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ। ଏବେ ଏ କ୍ରମ ବଦଳି ଯାଇଛି। ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିଯୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି। ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ।

ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିଯୁତ ଟନ୍ ଓଜନର ଇ-ଆବର୍ଜନା। ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି। ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିଯୁତ ଟନ୍। ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିଯୁତ ମେଟ୍ରିକ୍ ଟନ୍‌ରେ।

ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି। ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ। କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ। କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ। ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ। କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ। ଏହି ଇ-ଆବର୍ଜନା କେବଳ ସମାଜ ନୁହେଁ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଦଜ୍ଜନକ, ଘାତକ ଓ ମାରାତ୍ମକ। ତେଣୁ ଏ କ୍ଷେତ୍ରରେ ଆମ୍ଭମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ।

'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ

ଅଧିକାର ଅହଙ୍କାର ନ ହେଉ

ଡ଼. ମନୋଜ କୁମାର ମହାନ୍ତି

ଭାରତ ବିଗତ ଦଶବର୍ଷଧରି ନଭେମ୍ବର ଛବିଶିକୁ ସମ୍ବିଧାନ ଦିବସରୂପେ ପାଳନ କରିଆସୁଛି। ଏହା ପ୍ରଥମେ ଜାତୀୟ ଆଇନଦିବସରୂପେ ସୁପ୍ରିମକୋର୍ଟର ବିଚାରପତି ଓ ଆଇନ୍ ଜୀବୀମାନେ ପାଳନ କରୁଥିଲେ। ଆମ ସମ୍ବିଧାନ ଆମ ସ୍ୱାଭିମାନ ଏ ବର୍ଷର ସମ୍ବିଧାନ ଦିବସର ପ୍ରସଙ୍ଗ। ସମ୍ବିଧାନକୁ ଜାଣିବ ଓ ବୁଝିବା ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। କାରଣ ସମ୍ବିଧାନରେ ଆମ ମୌଳିକ ଅଧିକାର ବିଷୟରେ ଅତି ସରଳ ତଥା ପ୍ରାଞ୍ଜଳଭାବରେ ବୁଝାଯାଇଛି। ଦେଶର ନାଗରିକ ହିସାବରେ ସମସ୍ତ ମୌଳିକ ଅଧିକାରର ବ୍ୟବହାରରେ ଆମମାନଙ୍କର ସ୍ୱାଧୀନତା ନିହିତ। ଆମ ସମ୍ବିଧାନ ଆମ ବଞ୍ଚିବାର ଏକ ପ୍ରେରଣା, ଏକ ରାହା। ଦେଶର ବିଭିନ୍ନ କ୍ଷେତ୍ରରେ ନିଜ ଅଧିକାର ପାଇଁ ଲଢ଼େଇ ସହ ତାର ଅମଲକ୍ଷମ ଆମ ସାମ୍ବିଧାନିକ ବ୍ୟବସ୍ଥାର ରୂପାୟନ। ଆଇନ୍ ଓ ମୌଳିକ ଅଧିକାର ପାଇଁ ମଣିଷ ଯେଉଁ ଉତ୍ସୁକତା ଦେଖାଉଛି କିନ୍ତୁ ତାହା ରାଷ୍ଟ୍ରକ୍ଷେତ୍ରରେ ବିପରୀତଭିମୁଖୀ। ଅର୍ଥାତ କେବଳ ସମ୍ବିଧାନିକ ବ୍ୟବସ୍ଥାର ବ୍ୟକ୍ତିଗତ ଫାଇଦାରେ ସଭିଁଏ ଜଡିତ। ସମ୍ବିଧାନ ବିଷୟରେ ସଠିକ୍ ଜ୍ଞାନ ଆହରଣ ନକରି ବାରମ୍ବାର ସମ୍ବିଧାନର ହତ୍ୟା ପ୍ରସଙ୍ଗକୁ ନେତମନ୍ତ୍ରୀ ଦୋହରାଇ କିଛି ସାଧାରଣଜନତା ଏବଂ ଯୁବଗୋଷ୍ଠୀଙ୍କ ଦୃଷ୍ଟି ଆକର୍ଷଣ ସହ ସେମାନଙ୍କୁ ପଥଭ୍ରଷ୍ଟ କରୁନାହାନ୍ତି? କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଓ ଜାତି ମଧ୍ୟରେ ମିଥ୍ୟା ରାଜନୈତିକ ସୂଚନା ମାଧ୍ୟମରେ ଯୁବଗୋଷ୍ଠୀଙ୍କ ମନରେ ଉତ୍ତେଜନା ସୃଷ୍ଟି କରିଚାଲିଛନ୍ତି। ଯାହାର ପ୍ରଭାବରେ ଜାତି ଧର୍ମର ସଂକୀର୍ଣ୍ଣତା।

ଉତ୍ଥାନ ଓ ପତନ, ଘଟଣା ଓ ଅଘଟଣା ସହ ଜଡ଼ିତ ଏ ଦେଶର ବିବିଧତା ମଧ୍ୟରେ ଐକ୍ୟ ହିଁ ଆମର ସ୍ୱତନ୍ତ୍ର ପରିଚୟ। ମନ୍ଦିର, ମସଜିଦ, ଗୀର୍ଜା ଓ ଗୁରୁଦ୍ୱାରସହ ଅନ୍ୟାନ୍ୟ ଧର୍ମପୀ

ଜାତିସଂଘ ଦ୍ୱାରା ପ୍ରକାଶିତ ବିଶ୍ୱ ଜନବହୁତ ସହର ର‍ୟାଙ୍କିଙ୍ଗ

ଜାକର୍ତ୍ତା ନଂ.୧ ; ଢାକା, ଟୋକିଓ ପରେ ଦିଲ୍ଲୀ

ନୂଆଦିଲ୍ଲୀ,୨୯।୧୧: ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର ବିଭାଗ ଦ୍ୱାରା ପ୍ରକାଶିତ ସର୍ବଶେଷ ବିଶ୍ୱ ସହରୀକରଣ ସମ୍ଭାବନା ରିପୋର୍ଟ ଅନୁଯାୟୀ, ଭାରତର ଦୁଇଟି ବୃହତ୍ତମ ସହର ଦିଲ୍ଲୀ ଓ କୋଲକାତା ୨୦୨୫ ପାଇଁ ମିଳିତ ଜାତିସଂଘର ବିଶ୍ୱର ସର୍ବାଧିକ ଜନବହୁଳ ମେଗାସିଟି ମାନ୍ୟତାରେ ତଳକୁ ଖସିଛନ୍ତି। ଜାତିସଂଘର ନୂତନ ତାଲିକା ଅନୁଯାୟୀ, ଜାକର୍ତ୍ତା ହେଉଛି ବିଶ୍ୱର ସବୁଠାରୁ ଜନବହୁଳ ମେଗାସିଟି, ଯାହା ଟୋକିଓକୁ

ବିଶ୍ୱର ୩୩ଟି ମେଗାସିଟି ତାଲିକାରେ କୋଲକାତା, ମୁମ୍ବାଇ, ବେଙ୍ଗାଲୁରୁ ଓ ଚେନ୍ନାଇ

ପଛରେ ପକାଇଛି। ଟୋକିଓ ତୃତୀୟ ସ୍ଥାନରେ ରହିଛି। ୨୦୦୦ ମସିହାରେ ୧୮ ନିୟୁତ ଜନସଂଖ୍ୟା ସହିତ ଦିଲ୍ଲୀ ଷଷ୍ଠ ସ୍ଥାନରେ ଥିଲା। ୨୦୨୫ରେ ଦିଲ୍ଲୀ ଜନସଂଖ୍ୟା ୩୦.୨ ନିୟୁତକୁ ବୃଦ୍ଧି ପାଇଛି। ଆକଳନ ଅନୁଯାୟୀ, ଦିଲ୍ଲୀ ୨୦୨୨ରେ ଦ୍ୱିତୀୟ ସ୍ଥାନରେ ରହିଥିଲା। କିନ୍ତୁ ବର୍ତ୍ତମାନ ଜାକର୍ତ୍ତା, ଢାକା ଓ ଟୋକିଓ ତଳେ ବିଶ୍ୱରେ ଚତୁର୍ଥ ସ୍ଥାନରେ ଦିଲ୍ଲୀ ରହିଛି ବୋଲି ଜାତିସଂଘର ତଥ୍ୟ ଦର୍ଶାଉଛି। ୨୫ ବର୍ଷ ମଧ୍ୟରେ ଦିଲ୍ଲୀରେ ୧୨ ନିୟୁତରୁ ଅଧିକ ଲୋକ ବଢ଼ିଛନ୍ତି। କୋଲକାତା ୨୦୦୦ ମସିହାରେ, ୧୮.୪ ନିୟୁତ ବାସିନ୍ଦା ସହିତ ବିଶ୍ୱର ପଞ୍ଚମ ସର୍ବାଧିକ ଜନବହୁଳ ସହର ଥିଲା। ୨୦୨୫ ସୁଦ୍ଧା ଏହାର ଜନସଂଖ୍ୟା ୨୨.୬ ନିୟୁତକୁ ବୃଦ୍ଧି ପାଇଛି, ତଥାପି ଏହା ନବମ ସ୍ଥାନକୁ ଖସି ଆସିଛି।

ଜାତିସଂଘ କହିଛି ଯେ, ବିଶ୍ୱର ଶ୍ରେଷ୍ଠ ୨୦ଟି ମେଗାସିଟି (୧୦ ନିୟୁତ କିମ୍ବା ତା'ଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରାଞ୍ଚଳ) ମଧ୍ୟରେ ଭାରତର ପାଞ୍ଚଟି ସହର ରହିଛି, ଯାହା ଅନ୍ୟ କୌଣସି ଦେଶ ଅପେକ୍ଷା ଅଧିକ। ଦିଲ୍ଲୀ ଓ କୋଲକାତା ବ୍ୟତୀତ ମୁମ୍ବାଇ, ବେଙ୍ଗାଲୁରୁ ଓ ଚେନ୍ନାଇ ମଧ୍ୟ ବିଶ୍ୱର ୩୩ଟି ମେଗାସିଟି ତାଲିକାରେ ସ୍ଥାନ ପାଇଛନ୍ତି। ଜାତିସଂଘ ଆକଳନ କରିଛି ଯେ, ୨୦୫୦ ସୁଦ୍ଧା ଦିଲ୍ଲୀର ଜନସଂଖ୍ୟା ୩୩.୯ ନିୟୁତରେ ପହଞ୍ଚିବ ଏବଂ ଏହା ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ମାତ୍ର ୨୩.୮ ନିୟୁତକୁ ବୃଦ୍ଧି ପାଇ ବିଶ୍ୱରେ ଦଶମ ସ୍ଥାନକୁ ଖସିଯିବ ବୋଲି ଆଶା କରାଯାଉଛି।

ପାକିସ୍ତାନକୁ ନେଇ ଜାତିସଂଘ ଚିନ୍ତିତ

ଶାସନ ସନ୍ତୁଳନକୁ ବିଗାଡ଼ିଛି ସମ୍ବିଧାନ ସଂଶୋଧନ

- ନ୍ୟାୟପାଳିକାର ଶକ୍ତି ହ୍ରାସ କରାଯାଇଛି
- ନିର୍ବାଚିତ ସରକାରର ଭୂମିକା ଦୁର୍ବଳ ହୋଇଛି
- ଗଣତାନ୍ତ୍ରିକ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିପନ୍ଥୀ

ନ୍ୟୁୟର୍କ ୨୯।୧୧: ନିକଟରେ ପାକିସ୍ତାନରେ ହୋଇଥିବା ସମ୍ବିଧାନ ସଂଶୋଧନ ଦେଶରେ ଶାସନ ସନ୍ତୁଳନକୁ ସମ୍ପୂର୍ଣ୍ଣ ବିଗାଡି ଦେଇଛି। ନୂଆ ପରିବର୍ତ୍ତନ ପରେ ସେନା ଖାସ କରି ଏବେକା ଆର୍ମି ଚିଫ୍ ଜେନେରାଲ ଅସୀମ ମୁନିର ଅତ୍ୟନ୍ତ ପ୍ରଭାବଶାଳୀ ହୋଇ ଯାଇଛନ୍ତି। ଏହାର ଓଲଟା ନ୍ୟାୟପାଳିକାର ଶକ୍ତି ସ୍ପଷ୍ଟ ରୂପେ ହ୍ରାସ କରାଯାଇଛି। ପାକିସ୍ତାନ ସରକାରଙ୍କ ଏହି ନିଷ୍ପତ୍ତି ବିଭିନ୍ନ ସଂସ୍ଥାଙ୍କ ସହିତ ମିଳିତ ଜାତିସଂଘକୁ ଚିନ୍ତାରେ ପକାଇଛି। ଏଣୁ ମିଳିତ ଜାତିସଂଘ ମାନବାଧିକାର (ୟୁଏନଏଚଆରସି) କାର୍ଯ୍ୟାଳୟ ମୁଖ୍ୟ ଭୋଲ୍କର ଟର୍କ ବୟାନରେ ଚେତାବନୀ ଦେଇଛନ୍ତି ଯେ, ପାକିସ୍ତାନରେ ତରବରିଆ ଭାବେ କରାଯାଇଥିବା ସଂଶୋଧନ ନ୍ୟାୟପାଳିକା ସ୍ୱାଧୀନତାକୁ ଗୁରୁତର ପ୍ରଭାବିତ କରୁଛି।

ଟର୍କଙ୍କ ଅନୁସାରେ ଏହି ପଦକ୍ଷେପ ଯୋଗୁ ସେନାର ଦଖଲ ବଢ଼ିବା ଓ ନିର୍ବାଚିତ ସରକାରର ଭୂମିକା ଦୁର୍ବଳ ହେବାର ଆଶଙ୍କା ଦୃଢ଼ ହେଉଛି, ଯାହା ଆଇନର ଶାସନ ଉପରେ ଗୁରୁତର ପ୍ରଶ୍ନବାଚୀ ଲଗାଉଛି। ଟର୍କ କହିଛନ୍ତି ଯେ, ଏହି ସଂଶୋଧନକୁ ବିନା କୌଣସି ଆଲୋଚନା, ଆଇନଜୀବୀ ସମୁଦାୟର ପରାମର୍ଶ ଅଥବା ବ୍ୟାପକ ବିତର୍କ ବିନା ଲାଗୁ କରିଦିଆଯାଇଛି। ଏହା ଗଣତାନ୍ତ୍ରିକ ପ୍ରକ୍ରିୟାର ବିପରୀତ ବୋଲି ଟର୍କ କହିଛନ୍ତି। ସେ କହିଛନ୍ତି ଯେ, ଏହି ପରିବର୍ତ୍ତନ ସେହି ସଂସ୍ଥାଙ୍କ ବିରୋଧରେ ଯାଉଛି ଯାହା ପାକିସ୍ତାନରେ ମାନବାଧିକାର ଓ ଆଇନର ଶାସନକୁ ରକ୍ଷା କରେ। ବିଶେଷ କରି ନ୍ୟାୟାଧୀଶଙ୍କ ସ୍ୱାଧୀନତା ଉପରେ ସଂଶୋଧନର ପ୍ରଭାବକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରାଯାଇଛି।

ବୟାନରେ କୁହାଯାଇଛି ଯେ ଜଜମାନଙ୍କ ନିଯୁକ୍ତି ଓ ବଦଳି ସମ୍ପର୍କିତ ପ୍ରାବଧାନ ନ୍ୟାୟପାଳିକାର ସଂରଚନାତ୍ମକ ସ୍ୱାଧୀନତାକୁ ଦୁର୍ବଳ କରିପାରେ। ଏଣୁ ରାଜନୈତିକ ହସ୍ତକ୍ଷେପ ବଢ଼ିବା ଓ ନ୍ୟାୟପାଳିକା କାର୍ଯ୍ୟପାଳିକା ଅନ୍ତର୍ଗତ ହେବାର ବିପଦ ସୃଷ୍ଟି କରୁଛି। ଭୋଲ୍କର ଟର୍କ ଗୁରୁତର ସହ କହିଛନ୍ତି ଯେ କୋର୍ଟ ତାଙ୍କ ରାୟରେ କୌଣସି ରାଜନୈତିକ ଚାପରୁ ସମ୍ପୂର୍ଣ୍ଣ ମୁକ୍ତ ରହିବା ଦରକାର। ସେ ୨୭ତମ ସଂଶୋଧନ ଉପରେ ଆପତ୍ତି କରି କହିଛନ୍ତି ଯେ, ଏହା ରାଷ୍ଟ୍ରପତି ଓ ଫିଲ୍ଡ ମାର୍ଶଲଙ୍କୁ ଆଜୀବନ ମକଦ୍ଦମା ଓ ଗିରଫରୁ ସୁରକ୍ଷା ଦେଉଛି। ଏହି ପଦକ୍ଷେପ ମାନବାଧିକାର ସିଦ୍ଧାନ୍ତ ଓ ଗଣତାନ୍ତ୍ରିକ ନିୟନ୍ତ୍ରଣ ଢାଞ୍ଚାର ବିପରୀତ ଅଟେ ଓ ପାକିସ୍ତାନର ଗଣତାନ୍ତ୍ରିକ ଭବିଷ୍ୟତ ଉପରେ ଦୂରଗାମୀ ପ୍ରଭାବ ପକାଇପାରେ। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀ ନଭେମ୍ବର ୧୩ ତାରିଖ ଦିନ ସମ୍ବିଧାନ ସଂଶୋଧନରେ ସ୍ୱାକ୍ଷର କରି ଏହାକୁ ଆଇନରେ ପରିଣତ କରିଛନ୍ତି। ଏହି ସଂଶୋଧନ ପରେ ଆର୍ମି ଚିଫ୍ ଅସୀମ ମୁନିରଙ୍କ ଶକ୍ତି ଅଭୂତପୂର୍ବ ଭାବେ ବଢ଼ି ଯାଇଛି। ଏଣୁ ସେ ଦେଶର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ପାଲଟିଛନ୍ତି। ରିପୋର୍ଟ ଅନୁସାରେ ତାଙ୍କ ପାଖରେ ଏବେ ପ୍ରଧାନମନ୍ତ୍ରୀଙ୍କ ଠାରୁ ମଧ୍ୟ ଅଧିକ କ୍ଷମତା ଓ ଅଧିକାର ଅଛି।

ବ୍ରେକଫାଷ୍ଟ ମିଟିଂ ସତ୍ତ୍ୱେ ଡୁଟିନି କର୍ଣ୍ଣାଟକ କଂଗ୍ରେସ ବିବାଦ

ହାଇକମାଣ୍ଡ ନେବେ ଚୂଡ଼ାନ୍ତ ନିଷ୍ପତ୍ତି

ବେଙ୍ଗାଲୁରୁ, ୨୯।୧୧: କଥା ମୁଖ୍ୟମନ୍ତ୍ରୀ ଆବାସରୁ ଯାଇ ଦିଲ୍ଲୀରେ ପହଞ୍ଚିଛି। ଚୌକିର ଲଢ଼େଇ ଏଭଳି ଅବସ୍ଥାକୁ ଆସିସାରିଛି ଯେ, ବିରୋଧୀଙ୍କୁ ସମାଲୋଚନା କରିବାର ସୁଯୋଗ ମିଳିଛି। ରାଜନୈତିକ ମହଲରେ ଚର୍ଚ୍ଚା ଯେ, କର୍ଣ୍ଣାଟକରେ ଖୁବ୍ ବଡ଼ ପରିବର୍ତ୍ତନ ହୋଇପାରେ। ଏହାରି ଭିତରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାରଙ୍କୁ ବ୍ରେକଫାଷ୍ଟ ମିଟିଂ ପାଇଁ ଡାକିଥିଲେ। ଏଠାରେ ଉଭୟ ନେତା ଏକାଠି ହୋଇ ବ୍ରେକଫାଷ୍ଟ କରିବା ସହ ବିଭିନ୍ନ ଆଲୋଚନା କରିଥିଲେ।

କଂଗ୍ରେସ ହାଇକମାଣ୍ଡ ଉଭୟ ବରିଷ୍ଠ ନେତାଙ୍କୁ ନିଜ ଭିତରେ ବୁଝାମଣା କରିବାକୁ ପରାମର୍ଶ ଦେଇଥିଲେ। ଗୋଟିଏ ପଟେ ସିଦ୍ଧରମୈୟା ପଦ ଛାଡ଼ିବାକୁ ନାରାଜ ତ ଅନ୍ୟପଟେ ପଦ ଦଖଲ କରିବାକୁ ନେଇ କଂଗ୍ରେସକୁ ପୁରୁଣା ଚୁକ୍ତି ମନେପକାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଚୌକି ପାଇଁ ଉଭୟ ସିଦ୍ଧରମୈୟା ଓ ଡିକେ ଶିବକୁମାରଙ୍କ ମଧ୍ୟରେ ଲାଗିଥିବା କଳି ଭିତରେ କଂଗ୍ରେସ ହାଇକମାଣ୍ଡ ଉଭୟଙ୍କୁ ଦିଲ୍ଲୀ ଡାକିଛନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଗୋଟିଏ ଟେବୁଲରେ ବସି ଆଲୋଚନା କରିଛନ୍ତି। ହେଲେ ଡିକେ ଦିଲ୍ଲୀରେ ପହଞ୍ଚିବା ପୂର୍ବରୁ କଂଗ୍ରେସର ପୁରୁଣା ପ୍ରତିଶ୍ରୁତି ମନେ ପକାଇ ଦେଇଛନ୍ତି। ସେ କହିଛନ୍ତି ୨୦୨୩ରେ ଦଳ କ୍ଷମତାକୁ ଆସିବା ପରେ କଂଗ୍ରେସ ନେତୃତ୍ୱଙ୍କ ମଧ୍ୟରେ ଏକ ଗୁପ୍ତ ଚୁକ୍ତି ହୋଇଥିଲା। ଏହି ଚୁକ୍ତି ମୁତାବକ ଯିଏ ମୁଖ୍ୟମନ୍ତ୍ରୀ ହେବେ ସେ ଅଢ଼େଇ ବର୍ଷ ପରେ ପଦ ଛାଡିବା ନେଇ କଥା ହୋଇଥିଲା। ଏହି ଚୁକ୍ତି କ୍ରମରେ ସିଦ୍ଧରମୈୟା ଅଢ଼େଇ ବର୍ଷ ପରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା କଥା ଓ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବା କଥା। ସିଦ୍ଧରମୈୟାଙ୍କ କାର୍ଯ୍ୟକାଳ ନଭେମ୍ବର ୨୦ ତାରିଖରେ ଅଢ଼େଇ ବର୍ଷ ପୂର୍ଣ୍ଣ ହୋଇଛି । ଡି.କେଙ୍କ ସମର୍ଥକ କହିଛନ୍ତି କି, ଚୁକ୍ତି ମୁତାବକ ଏବେ ସିଦ୍ଧରମୈୟା ପଦ ଛାଡିବାର ସମୟ ଆସିଛି।

ସେପଟେ ସିଦ୍ଧରମୈୟା ଏକ ଟ୍ୱିଟ୍ କରି କହିଛନ୍ତି କି, କର୍ଣ୍ଣାଟକର ଭୋଟର ଅଢ଼େଇବର୍ଷ ପାଇଁ କ୍ଷମତା ଦେଇନଥିଲେ। ସେମାନେ ଭୋଟ ଦେଇଥିବାରୁ ତାଙ୍କର ଦାୟିତ୍ୱ ମୋତେ ୫ ବର୍ଷ ନେବାକୁ ପଡ଼ିବ। ହେଲେ ଶୁକ୍ରବାର ଦିନ ସିଦ୍ଧରମୈୟା ତାଙ୍କ କଥାରୁ ଓହୁରି ଯାଇଛନ୍ତି। ଏବେ ସେ କହିଛନ୍ତି କି, ହାଇକମାଣ୍ଡ ଯାହା କହିବେ ତାହା କରାଯିବ।

ଜେଲରେ ମୋବାଇଲ ଫୋନ ବ୍ୟବହାର

ଆଶାରାମ ବାପୁଙ୍କ ପୁଅ ନାମରେ ମାମଲା ରୁଜୁ

ସୁରଟ ୨୯।୧୧: ଆଶାରାମଙ୍କ ପୁଅ ନାରାୟଣ ସାଇଁଙ୍କ ସମସ୍ୟା କମ ହେବାର ନାଁ ନେଉନି। ଦୁଷ୍କର୍ମ ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ନାରାୟଣ ସାଇଁଙ୍କ ବିରୋଧରେ ସୁରଟର ଲାଜପୁର ସେଣ୍ଟ୍ରାଲ ଜେଲରେ ମୋବାଇଲ ଫୋନ ରଖିବା ଓ ତାକୁ ବ୍ୟବହାର କରିବାର ନୂଆ ମାମଲା ରୁଜୁ ହୋଇଛି। ଏହି ମାମଲାର ଏଫଆଇଆର ସଚିନ ପୋଲିସ ଷ୍ଟେସନରେ ଦିଆଯାଇଛି। ଜେଲ ପ୍ରଶାସନ ଗୁରୁବାର ଗୁପ୍ତ ସୂଚନା ପାଇଥିଲା ଯେ, ଉଚ୍ଚ ସୁରକ୍ଷିତ ବାରାକ ନମ୍ବର-୧ରେ ବନ୍ଦୀ ନାରାୟଣ ସାଇଁ ପାଖରେ ମୋବାଇଲ ଫୋନ ଅଛି।

ସୂଚନା ମିଳିବା ମାତ୍ରେ ଜେଲ ସ୍କ୍ୱାଡ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଓ ନାରାୟଣ ସାଇଁ ରହୁଥିବା ସେଲ ନମ୍ବର-୧ର ଗହନ ତଲାସୀ ନିଆଯାଇଥିଲା। ଏହି ତଲାସୀ କାଳରେ ସେଲର ମୁଖ୍ୟ ଲୁହା ଫାଟକରେ ଏକ ସ୍ମାର୍ଟ ଫୋନ ଚୁମ୍ବକ ସହାୟତାରେ ଲାଗି ରହିଥିବା ମିଳିଥିଲା। ଫୋନ ଛଡା ନରାୟଣ ସାଇଁ ନିକଟରୁ ଏକ ଜିଓ ସିମ୍ ମଧ୍ୟ ଜବତ ହୋଇଛି। ସେ ଏହି ସିମ୍ କୁ ତାଙ୍କ ଇନହେଲରରେ ଲୁଚାଇ ରଖୁଥିଲେ। ଯାଞ୍ଚରୁ ନାରାୟଣ ସାଇଁ ଅତ୍ୟନ୍ତ ସତର୍କତାର ସହ ଜେଲରେ ଫୋନ ବ୍ୟବହାର କରୁଥିବା ଜଣାପଡିଛି। ସେ କଥାବାର୍ତ୍ତା ଶେଷ ହେବାମାତ୍ରେ ଫୋନରୁ ବ୍ୟାଟେରୀ ଓ ସିମ୍ କାର୍ଡ ଅଲଗା କରିଦେଉଥିଲେ। ନାରାୟଣ ସାଇଁ ଜେଲକୁ ମୋବାଇଲ ଫୋନ କେଉଁଠୁ ଓ କିପରି ଆଣିଲା ଏବଂ କେଉଁ କେଉଁ ଲୋକଙ୍କ ସହ ସମ୍ପର୍କ କରିବା ପାଇଁ ବ୍ୟବହାର କରୁଥିଲା, ତା'ର ଏବେ ଯାଞ୍ଚ ହେଉଛି। ଏସିପି ନୀରବ ଗୋହିଲ କହିଛନ୍ତି ଯେ, ଜେଲରେ ମୋବାଇଲ ଫୋନ ରଖିବା ଏକ ଗୁରୁତର ଅପରାଧ। ଏଥିରେ ନାରାୟଣ ସାଇଁ ସେଲରୁ ସେଲଫୋନ, ବ୍ୟାଟେରୀ ଓ ସୀମ୍ ଜବତ ହୋଇଛି। ଏଣୁ ଆମେ ଜେଲ ପ୍ରଶାସନର ଅଭିଯୋଗରେ ତୁରନ୍ତ ଏତଲା ରୁଜୁ କରିଛୁ ବୋଲି ଏସିପି କହିଛନ୍ତି।

ହଂକଂ ଟ୍ରାଜେଡି: ମୃତ୍ୟୁସଂଖ୍ୟା ୧୨୮

ଏବେ ବି ୨୦୦ ନିଖୋଜ

ନୂଆଦିଲ୍ଲୀ,୨୯।୧୧: ହଂକଂରେ ଭୟଙ୍କର ଅଗ୍ନିକାଣ୍ଡକୁ ନେଇ ସାରା ବିଶ୍ୱ ସ୍ତବ୍ଧ। ମୃତ୍ୟୁ ସଂଖ୍ୟା ୧୨୮ରେ ପହଞ୍ଚିଛି, ୨୦୦ ରୁ ଅଧିକ ଲୋକ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ହଂକଂ ପୋଲିସ କୋଠାଗୁଡ଼ିକ ଜଳିବାର କାରଣ ଖୋଜିବା ଆରମ୍ଭ କରିଛି। ଏଠାରେ ପ୍ରାୟ ୪,୬୦୦ ଲୋକ ବାସ କରୁଥିଲେ। ତିନି ଦିନ ପରେ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି। ଅଗ୍ନିକାଣ୍ଡର କାରଣ ବିଷୟରେ ତଦନ୍ତ ଆରମ୍ଭ ହୋଇଛି। ହଂକଂ ସ୍ୱତନ୍ତ୍ର ପ୍ରଶାସନିକ କ୍ଷେତ୍ର ସରକାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ସ୍ଥାନୀୟ ସମୟ ସକାଳ ୧୦ ଟାରେ ଅଗ୍ନି ନିର୍ବାପନ, ଉଦ୍ଧାର ଏବଂ ସନ୍ଧାନ କାର୍ଯ୍ୟ ସମାପ୍ତ ହୋଇଛି। ଏହି ସମୟରେ, ହଂକଂର ଦୁର୍ନୀତି ବିରୋଧୀ ସଂସ୍ଥା କୋଠା ମରାମତି କାର୍ଯ୍ୟରେ ସାମିଲ ଥିବା ଜଣେ ମହିଳାଙ୍କ ସମେତ ଆଠ ଜଣଙ୍କୁ ଗିରଫ କରିଛି। ଅଧିକାରୀମାନେ କହିଛନ୍ତି ଯେ, ତିନି ଦିନିଆ ଅଭିଯାନରେ ମୋଟ ୩୯୧ ଅଗ୍ନିଶମ ଇଞ୍ଜିନ, ୧୮୫ ଆମ୍ବୁଲାନ୍ସ ଏବଂ ୨୩୧ ଅଗ୍ନିଶମ ଏବଂ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଜଣେ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା ଏବଂ ୧୨ ଜଣ ଆହତ ହୋଇଥିଲେ।

୬୨ ବର୍ଷରେ ବାହାହେଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

କାନବେରା, ୨୯।୧୧: ବାହା ହେଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ। ପଦବୀରେ ଥାଇ ବିବାହ କରିବାରେ ପ୍ରଥମ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ। ଆଣ୍ଟୋନୀ ଆଲବାନିଜ ୬୨ ବର୍ଷ ବୟସରେ ବିବାହ କରିଛନ୍ତି। ତାଙ୍କ ଦୀର୍ଘ ଦିନର ବାନ୍ଧବୀ ୪୫ ବର୍ଷିୟା ଜୋଡି ହେଡନଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କାନବେରାର 'ଦ ଲଜ୍' ଠାରେ ଆୟୋଜିତ ଏକ ଘରୋଇ ଉତ୍ସବରେ ଏହି ବିବାହ ସମ୍ପନ୍ନ ହୋଇଛି।

ଅଷ୍ଟ୍ରେଲିଆ ଇତିହାସରେ ଏହା ପ୍ରଥମ ଘଟଣା। ଯେଉଁଠାରେ ଜଣେ ପ୍ରଧାନମନ୍ତ୍ରୀ ନିଜ କାର୍ଯ୍ୟକାଳ ମଧ୍ୟରେ ବିବାହ କରିଛନ୍ତି। ତେବେ ଏହି ବାହାଘର ଉତ୍ସବରେ ମାତ୍ର ୨୦ରୁ ୩୦ ଜଣ ଘନିଷ୍ଠ ବନ୍ଧୁ ଓ ପରିବାର ସଦସ୍ୟ ଯୋଗ ଦେଇଥିଲେ। ଜୋଡି ହେଡନ୍ ସିଡନୀର ଡିଜାଇନର୍ 'ରୋମାନ୍ସ ୱାଜ୍ ବର୍ନ' ଙ୍କ ଦ୍ୱାରା ପ୍ରସ୍ତୁତ ଧଳା ଗାଉନ୍ ପିନ୍ଧିଥିଲେ। ଆଲବାନିଜ ଏକ ସୁଟ୍ ପିନ୍ଧିଥିଲେ। ପ୍ରଧାନମନ୍ତ୍ରୀଙ୍କ ପୋଷା କୁକୁର 'ଟୋଟୋ' ମୁଦି ବାହକ ସାଜି ସମସ୍ତଙ୍କ ମନ ଜିଣି ନେଇଥିଲା। ସୁରକ୍ଷା କାରଣରୁ ବିବାହ ଯୋଜନାକୁ ଗୋପନ ରଖାଯାଇଥିଲା। କୌଣସି ଅନ୍ତର୍ଜାତୀୟ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା। ୨୦୨୦ ମସିହାରେ ଏକ ମେସେଜ୍ ଜରିଆରେ ଉଭୟଙ୍କ ସମ୍ପର୍କ ଆରମ୍ଭ ହୋଇଥିଲା। ୨୦୨୪ 'ଭାଲେଣ୍ଟାଇନ୍ସ ଡେ'ରେ ଆଲବାନିଜ ଜୋଡିଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ବିବାହ ପରେ ଆଲବାନିଜ ସୋସିଆଲ ମିଡିଆ 'ଏକ୍ସ' ରେ ଏକ ଫଟୋ ପୋଷ୍ଟ କରି ନିଜର ଖୁସି ବ୍ୟକ୍ତ କରିଛନ୍ତି।

ଫୁଲ ଧରିଲେ ରାଜେଶ ଗୁପ୍ତା

ନୂଆଦିଲ୍ଲୀ,,୨୯।୧୧: ଦିଲ୍ଲୀ ମହାନଗର ନିଗମର ୧୨ଟି ୱାର୍ଡରେ ଉପନିର୍ବାଚନ ପୂର୍ବରୁ ଆମ ଆଦମୀ ପାର୍ଟିକୁ ଏକ ବଡ଼ ଝଟକା ଲାଗିଛି। ଶୁକ୍ରବାର ବିଧିବଦ୍ଧ ଭାବରେ ବିଜେପି ମୁଖ୍ୟାଳୟରେ ଆନୁଷ୍ଠାନିକ ଭାବରେ ଦଳରେ ବୀରେନ୍ଦ୍ର ଗୁପ୍ତା ଯୋଗ ଦେଇଛନ୍ତି। ସେ ଦୀର୍ଘ ୧୦ ବର୍ଷ ଧରି ଆପରେ ଉପାଧ୍ୟକ୍ଷ, ଜାତୀୟ ମୁଖପାତ୍ର ସହ ଆପର କର୍ଣ୍ଣାଟକ ପ୍ରଭାରୀ ଭାବରେ କାର୍ଯ୍ୟରତ ଥିଲେ। କିନ୍ତୁ ଦଳରେ ତାଙ୍କର କୌଣସି ମୂଲ୍ୟ ନ ଥିବା ଯୁକ୍ତିକୁ ଉପସ୍ଥାପନ କରି ସେ ଆପ୍ କୁ ପରିତ୍ୟାଗ କରିଛନ୍ତି। ଏହାସହ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିରୁଦ୍ଧରେ ଚାଞ୍ଚଲ୍ୟକର ଅଭିଯୋଗ ଆଣିଛନ୍ତି। ବିଜେପିରେ ମିଶିବା ପରେ ସେ କହିଛନ୍ତି ଯେ, ଅରବିନ୍ଦ କେଜରିୱାଲ ମୋ ଫୋନ ଉଠାନ୍ତି ନାହିଁ ଏବଂ ରାଜ୍ୟ ସଭାପତି ସୌରଭ ଭରଦ୍ୱାଜ ମୋ ସହିତ କଥା ମଧ୍ୟ ହୁଅନ୍ତି ନାହିଁ।

ବିଜେପିରେ ମିଶିବା ପରେ, ଦିଲ୍ଲୀର ବିଜେପି କାର୍ଯ୍ୟାଳୟରେ ବିଧିବଦ୍ଧ ଭାବରେ ଦିଲ୍ଲୀ ରାଜ୍ୟ ସଭାପତି ବୀରେନ୍ଦ୍ର ସଚଦେବ ଏବଂ ଅନ୍ୟ ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ତାଙ୍କୁ ବିଜେପିର ଉତ୍ତରୀୟ ସହ ବିଜେପି ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଥିଲା। ଦଳରେ ମିଶିବା ପରେ ରାଜେଶ ଆପକୁ ନେଇ ଅସନ୍ତୋଷ ଝାଡିଛନ୍ତି। ସେ କହିଛନ୍ତି ଯେ , ଆପ ତାର ମୂଳ ବିଚାରଧାରାରୁ ଦୂରେଇ ଯାଇଛି ଏବଂ ଦୁର୍ନୀତିରେ ବୁଡ଼ି ରହିଛି। ତେଣୁ ମୁଁ ବିଜେପି ସହ ମିଶି ଲୋକଙ୍କ ପାଇଁ ନିରନ୍ତର କାମ କରିବି ବୋଲି ରାଜେଶ ଗୁପ୍ତା କହିଛନ୍ତି।

ମୃତ ହିନ୍ଦୁ ମାଲିକଙ୍କ ଜମି ହଡ଼ପ ପାଇଁ କାଗଜପତ୍ର ଜାଲିଆତି

ଅଲ୍-ଫଲାହ ଚାନ୍‌ସେଲର୍ ମୁଖ୍ୟ କାର୍ପଟଦାର

ନୂଆଦିଲ୍ଲୀ,୨୯।୧୧: ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଚାନ୍‌ସେଲର ଜାଭେଦ୍ ଅହମଦ ସିଦ୍ଦିକି ଦିଲ୍ଲୀର ମଦନପୁର ଖାଦରରେ ମୃତ ହିନ୍ଦୁ ଜମି ମାଲିକଙ୍କ ନାଁରେ ଜାଲିଆତି କରି ଜମି ଅଧିଗ୍ରହଣ କରିଥିବା ଅଭିଯୋଗ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏଜେନ୍ସି ଅନୁଯାୟୀ, ଖସରା ନମ୍ବର ୭୯୨ରେ ଥିବା ଜମି ଏକ ମିଥ୍ୟା ଜେନେରାଲ ପାୱାର ଅଫ୍ ଆଟର୍ଣ୍

● ମୁଖ୍ୟ ସଚିବଙ୍କ ବିରୁଦ୍ଧରେ ଶୁଭେନ୍ଦୁଙ୍କ ବିସ୍ଫୋରକ ବୟାନ

ଅନେକ ଅନୁପ୍ରବେଶକାରୀଙ୍କ ନାମ ବାଦ୍ ଦିଆଯାଉଛି

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ଏଥର ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟ ମୁଖ୍ୟ ସଚିବ ମନୋଜ ପନ୍ତଙ୍କୁ ଟାର୍ଗେଟ କରିଛନ୍ତି। ଶନିବାର, ଶୁଭେନ୍ଦୁ କହିଛନ୍ତି, ମୁଁ ଯାହା ଜାଣେ ଯେ ଏପର୍ଯ୍ୟନ୍ତ ୧ କୋଟି ୨୦ ଲକ୍ଷ ଭୋଟରଙ୍କ ନାମ ଡିଜିଟାଇଜେସନ୍ ହୋଇନାହିଁ ଏବଂ ଯେଉଁମାନେ ଡିଜିଟାଇଜେସନ୍ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୨୭ ଲକ୍ଷ ୫୦ ହଜାରରୁ ୨୮ ଲକ୍ଷ ନାମ ବାଦ ଦିଆଯାଇଛି। କିନ୍ତୁ, ଏହି ସଂଖ୍ୟା ବହୁତ କମ୍। ଅନେକ ମୃତ, ଅନେକ ବାଂଲାଦେଶୀ ଏବଂ ଅନୁପ୍ରବେଶକାରୀଙ୍କ ନାମ ଛାଡି ଦିଆଯାଉଛି। ଦୁର୍ନୀତିଗ୍ରସ୍ତ ମୁଖ୍ୟ ସଚିବ ମନୋଜ ପନ୍ତ ନେତୃତ୍ୱ ନେଉଛନ୍ତି। ତେବେ, ବିଜେପି ନାମ କାଟିବାକୁ ପ୍ରସ୍ତୁତ ଅଛି ବୋଲି କହି ଶୁଭେନ୍ଦୁ କହିଛନ୍ତି। ଆମ ନିକଟରେ ପ୍ରମାଣ ଅଛି। ଆମେ ଏହା ଉପରେ ମଧ୍ୟ କଡ଼ା ନଜର ରଖିଛୁ। ଏହି ପ୍ରକ୍ରିୟା ଆହୁରି ୨ ମାସ ପର୍ଯ୍ୟନ୍ତ ଜାରି ରହିବ। ଆପଣ ଏହା କରିଚାଲିବେ। ଆମେ ଏହାକୁ କାଟିଦେବୁ।

ରୁମକି ମହାପାତ୍ରଙ୍କୁ ବିଶେଷ ସମ୍ମାନ

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ମାରୱା ଫିଲ୍ମ ସିଟିରେ ଆୟୋଜିତ ଏକ ଜାତୀୟ ସମ୍ବର୍ଦ୍ଧନା ସମାରୋହରେ ଦେଶର ବିଭିନ୍ନ ପ୍ରାନ୍ତର ୧୦୦ ଜଣ ମହିଳା ଉଦ୍ୟୋକ୍ତାକୁ ତୋଳି ଧରାଯାଇଥିଲା। ସମାନ ମଞ୍ଚରେ, କୋଲକାତାର ରୁମକି ମହାପାତ୍ରଙ୍କୁ ରୋଷେଇ ଜଗତରେ ତାଙ୍କ ଅବଦାନ ପାଇଁ ଏକ ବିଶେଷ ସମ୍ମାନ ମିଳିଥିଲା। ଇନିସିଏଟିଭ୍ ଫୁଡ୍‌ରେ ଇନିସିଏଟିଭ୍ - ଟ୍ରେଞ୍ଚସେଟରର ପ୍ରତିଷ୍ଠାତା, ରୁମକି ନୂତନ ଧାରଣା, ସୌନ୍ଦର୍ଯ୍ୟ ଏବଂ ବୃତ୍ତିଗତତା ଆଣି କୋଲକାତାର ଇଭେଣ୍ଟ-କେଟରିଂ ସେବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ସମ୍ମାନ ଗ୍ରହଣ କରିବା ସମୟରେ, ରୁମକି କହିଛନ୍ତି ଯେ, ଖାଦ୍ୟ ଏବଂ ରୋଷେଇ ତାଙ୍କ ପାଇଁ ଏକ ପ୍ରକାରର କାହାଣୀ। ଏହି ମାନ୍ୟତା ସାରା ଦେଶରେ ମହିଳାଙ୍କ ନେତୃତ୍ୱରେ ପ୍ରସ୍ତୁତ ରୋଷେଇ ପଦକ୍ଷେପ ପାଇଁ ଏକ ମାଇଲଖୁଣ୍ଟ ଚିହ୍ନିତ କରେ।

ରାଜଭବନର ନାମ ହେଲା ଲୋକଭବନ

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ବଦଳି ଗଲା ରାଜଭବନର ନାମ। ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ କହିଛନ୍ତି ଯେ, ଶନିବାର ଠାରୁ ରାଜଭବନର ନାମ 'ଲୋକଭବନ' ରଖାଗଲା। କିନ୍ତୁ ହଠାତ୍ ଏହି ନାମ ପରିବର୍ତ୍ତନ କାହିଁକି? ଜାଣିବାକୁ ମିଳିଛି ଯେ, ରାଜଭବନ ଲୋକଙ୍କ ପାଇଁ ହୋଇଥିବାରୁ ଏଦିନ ଠାରୁ ରାଜଭବନର ନାମ ଲୋକଭବନ ରଖାଯାଉଛି। ରାଜ୍ୟପାଳ ନିଜେ ଏହି ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ଏଦିନ ଠାରୁ କାର୍ଯ୍ୟକାରୀ ହୋଇଥିବା ଜଣାପଡ଼ିଛି। ଏହା ମଧ୍ୟ ଜଣାପଡ଼ିଛି ଯେ, ରାଜ୍ୟପାଳ ନିଜେ ରାଜଭବନର ବୋର୍ଡ ପରିବର୍ତ୍ତନ କରିଛନ୍ତି।

ଭାରତୀୟ ରେଡିଏସନ୍ ଅଙ୍କୋଲୋଜିଷ୍ଟ ସଂଘର ବାର୍ଷିକ ସମ୍ମିଳନୀ

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ଏରୋୟକନ୍ ଭାରତୀୟ ରେଡିଏସନ୍ ଅଙ୍କୋଲୋଜିଷ୍ଟ ସଂଘର ୪୫ତମ ବାର୍ଷିକ ଜାତୀୟ ସମ୍ମିଳନୀ କୋଲକାତାର ବିଶ୍ୱବାଂଲା କନଭେନସନ ସେଣ୍ଟରରେ ଅନୁଷ୍ଠିତ ହୋଇଛି। ଏଥିରେ ଭାରତ ଏବଂ ବିଦେଶରୁ ୧୮୦୦ ରୁ ଅଧିକ ପ୍ରତିନିଧି ଏବଂ ଅଧ୍ୟାପକ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ବୈଜ୍ଞାନିକ ଅଧିବେଶନ, ମୁଖ୍ୟ ବକ୍ତୃତା, ପ୍ୟାନେଲ ଆଲୋଚନା, ହସ୍ତ-କର୍ମଶାଳା ଏବଂ କେସ୍-ଆଧାରିତ ଶିକ୍ଷଣ ମଡ୍ୟୁଲ ଅନ୍ତର୍ଭୁକ୍ତ ଥିଲା। ଏହି ସମ୍ମିଳନୀରେ ଓଡିଶାର ଚିକିତ୍ସକ ତଥା ଭାରତୀୟ ରେଡିଏସନ୍ ଅଙ୍କୋଲୋଜିଷ୍ଟ ସଂଘର ଜାତୀୟ ସଭାପତି ଡଃ ସୁରେନ୍ଦ୍ର ନାଥ ସେନାପତି ଯୋଗଦେଇ କହିଲେ ଓଡିଶା ସରକାର କ୍ୟାନ୍ସର ଚିକିତ୍ସା ପାଇଁ ପଦକ୍ଷେପ ନେଇଛନ୍ତି। ଏରୋୟକନ୍ ୨୦୨୫ର ଆୟୋଜନ ଅଧ୍ୟକ୍ଷ ଡକ୍ଟର ସୁମନ ମଲିକଙ୍କ ଅନୁଯାୟୀ, କର୍କଟ ପରିଚାଳନାରେ ରେଡିଏସନ୍ ଅଙ୍କୋଲୋଜି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ୫୦% ରୁ ଅଧିକ କର୍କଟ ରୋଗୀଙ୍କୁ ସେମାନଙ୍କ କର୍କଟ ଯାତ୍ରାର କୌଣସି ସମୟରେ ରେଡିଓଥେରାପିର ଆବଶ୍ୟକତା ପଡ଼ିଥାଏ। ଏରୋୟକନ୍ ୨୦୨୫ର ସଂଗଠନ ସଚିବ ଡକ୍ଟର ଜ୍ୟୋତିରୂପ ଗୋସ୍ୱାମୀଙ୍କ ଅନୁଯାୟୀ, ଆଧୁନିକ ଉପକରଣ ପାଇଁ ପାଣ୍ଠିର ଅଭାବ କେବଳ ଗୋଟିଏ ପ୍ରତିବନ୍ଧକ। ବିଦ୍ୟମାନ ଉପକରଣଗୁଡ଼ିକୁ ମଧ୍ୟ ବଜାୟ ରଖିବାକୁ ପଡିବ। ଏହି ଶୃଙ୍ଖଳରେ ଅନ୍ୟାନ୍ୟ ଜରୁରୀ ସଂଯୋଗ ମଧ୍ୟରେ ଏକ ପ୍ରଶିକ୍ଷିତ କର୍ମଚାରୀ ଏବଂ ଏକ ଦୃଢ଼ ରେଫରାଲ୍ ସିଷ୍ଟମ୍ ଅନ୍ତର୍ଭୁକ୍ତ।

ମୁର୍ଶିଦାବାଦରେ ତୃଣମୂଳ କର୍ମୀଙ୍କୁ ହତ୍ୟା, ଜଣେ ଗିରଫ

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ମୁର୍ଶିଦାବାଦରେ ତୃଣମୂଳ କର୍ମୀଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ଶାସକ ଦଳ ଅଭିଯୋଗ କରିଛି ଯେ, କଂଗ୍ରେସ ସହ ଜଡିତ ଦୁର୍ବୃତ୍ତମାନେ ତାଙ୍କ କର୍ମୀଙ୍କୁ ହତ୍ୟା କରିଛନ୍ତି। ମୃତ ତୃଣମୂଳ କର୍ମୀଙ୍କ ନାମ ହୟାତୁଲ୍ଲା ଶେଖ। ତାଙ୍କ ଘର ବହରମପୁର ଥାନା ଅନ୍ତର୍ଗତ ରାଜଧରପଡାର କୁମ୍ଭୋଡା ଘାଟ ଅଞ୍ଚଳରେ। ହୟାତୁଲ୍ଲା ଶେଖଙ୍କୁ ତାଙ୍କ ନିଜ ଗାଁରେ ଘେରି ଛୁରି ଭୁସି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ମୁର୍ଶିଦାବାଦ ମେଡିକାଲ କଲେଜ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦଳୀୟ କର୍ମୀଙ୍କ ହତ୍ୟା ପାଇଁ ତୃଣମୂଳ କଂଗ୍ରେସକୁ ଦାୟୀ କରୁଥିବା ବେଳେ ପୁଲିସ ଏହାର ବିପରୀତ କହିଛି। ପୁଲିସ କହିଛି ଯେ, ତୃଣମୂଳ କର୍ମୀଙ୍କ ହତ୍ୟାରେ କୌଣସି ରାଜନୈତିକ ସମ୍ପର୍କ ନାହିଁ। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି।

ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାଟି ବୀରଭୂମର ସିଉଡିରେ ଘଟିଛି। ପୁଲିସ ଅଭିଯୁକ୍ତ ବନ୍ଧୁ ମନୋଜିତ ହାଜରାଙ୍କୁ ଗିରଫ କରିଛି। ଜାଣିବାକୁ ମିଳିଛି ଯେ, ମୃତ ବିକ୍ରମ ଅଙ୍କୁର ୨ ଦିନ ଧରି ନିଖୋଜ ଥିଲେ। ୨ ଦିନ ପୂର୍ବରୁ ମନୋଜିତ ଏବଂ ବିକ୍ରମ ଏକାଠି ବାହାରକୁ ଯାଇଥିଲେ। ତା'ପରେ ସେମାନେ ମଦ୍ୟପାନ କରିଥିଲେ। ସେହି ସମୟରେ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ପୁଲିସର ଜେରା ସମୟରେ ମନୋଜିତ ସ୍ୱୀକାର କରିଛନ୍ତି ଯେ, ସେ ଯୁକ୍ତିତର୍କ ସମୟରେ ବିକ୍ରମଙ୍କୁ ପୋଖରୀରେ ଠେଲି ଦେଇଥିଲେ। ବିକ୍ରମ ବୁଡ଼ି ମୃତ୍ୟୁବରଣ କରିଥିଲେ।

ଡିଟେନସନ୍ କ୍ୟାମ୍ପରେ ରହିବେ ଅନୁପ୍ରବେଶକାରୀ: ଶାନ୍ତନୁ

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏସ୍‌ଆଇଆର୍ ପ୍ରକ୍ରିୟାର ଅଂଶସ୍ୱରୂପ ପ୍ରତ୍ୟେକ ଜିଲ୍ଲାରେ ଡିଟେନସନ୍ କ୍ୟାମ୍ପ ସ୍ଥାପନ କରିବାକୁ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟା ବଙ୍ଗଳାରେ ମଧ୍ୟ ଚାଲିଛି। ଅନେକ ବାଂଲାଦେଶୀ ଅନୁପ୍ରବେଶକାରୀ ନିଜ ଦେଶକୁ ଫେରିବା ପାଇଁ ସୀମାନ୍ତକୁ ଧାଇଁ ଆସୁଛନ୍ତି। ସେମାନଙ୍କୁ ସୀମାନ୍ତ ଦେଇ ବାଂଲାଦେଶକୁ ମଧ୍ୟ ଫେରାଇ ଦିଆଯାଉଛି। କିନ୍ତୁ, ଏସ୍‌ଆଇଆର୍ ପ୍ରକ୍ରିୟା ପରେ ମଧ୍ୟ ବଙ୍ଗଳାରେ ରହୁଥିବା ଅନୁପ୍ରବେଶକାରୀଙ୍କ ଅବସ୍ଥା କ'ଣ ହେବ? କେନ୍ଦ୍ର ରାଜ୍ୟମନ୍ତ୍ରୀ ତଥା ବନଗାଁର ବିଜେପି ସାଂସଦ ଶାନ୍ତନୁ ଠାକୁର ଏ ବିଷୟରେ ଏକ ବଡ଼ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଯଦି ଏସ୍‌ଆଇଆର୍ ଅଛି, ତେବେ ଗିରଫଦାରୀ ହେବ। ଅଟକ ରହିବେ। ମୁଖ୍ୟମନ୍ତ୍ରୀ କ'ଣ ସେମାନଙ୍କୁ ରକ୍ଷା କରିପାରିବେ? ଅନ୍ୟପଟେ, ସେ କହିଛନ୍ତି, ତୃଣମୂଳ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାମାନଙ୍କୁ ରକ୍ଷା କରିପାରିବ ନାହିଁ।

● ଚାଲିଛି ଏସ୍‌ଆଇଆର୍ କାମ

ଜିଲ୍ଲାକୁ ଯାଇ ସମୀକ୍ଷାକରିବେ କମିଶନଙ୍କ ପର୍ଯ୍ୟବେକ୍ଷକ

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ଗୋଟିଏ ପଟେ ଏସ୍‌ଆଇଆର୍ ଆତଙ୍କରେ ମୃତ୍ୟୁର ଅଭିଯୋଗ ଉଠାଇ ତୃଣମୂଳ ସ୍ୱର ଉଠାଇଛି। ଏପରିକି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜଣେ ବିଏଲ୍‌ଓଙ୍କ ଆତ୍ମହତ୍ୟା ଘଟଣାରେ ଏସ୍‌ଆଇଆର୍ ଆତଙ୍କ ଅଭିଯୋଗ କରି ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଏକ ଚିଠି ଲେଖିଛନ୍ତି। ସେ ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ବନ୍ଦ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ, ବିଜେପି କମିଶନଙ୍କ ବିରୋଧରେ ଆସି କହିଛି ଯେ, ଏସ୍‌ଆଇଆର୍ ପ୍ରକ୍ରିୟା ଠିକ୍ ଭାବରେ ଚାଲୁନାହିଁ। ଏହି ପରିସ୍ଥିତିରେ, ନିର୍ବାଚନ କମିଶନ ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ଯାଞ୍ଚ କରିବା ପାଇଁ ପର୍ଯ୍ୟବେକ୍ଷକ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। କମିଶନଙ୍କ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ସୁବ୍ରତ ଗୁପ୍ତା ରାଜ୍ୟକୁ ଆସୁଛନ୍ତି। ତେବେ, ସେ ଏକା ନୁହଁନ୍ତି। ମୋଟ ୧୨ ଜଣ ପର୍ଯ୍ୟବେକ୍ଷକ ଏକାଧିକ ଜିଲ୍ଲାକୁ ଯିବେ। ସେମାନେ ଏସ୍‌ଆଇଆର୍ ପ୍ରକ୍ରିୟା ଯାଞ୍ଚ କରିବେ। ତା'ପରେ ସେମାନେ ଏକ ରିପୋର୍ଟ ଦାଖଲ କରିବେ। କମିଶନ ସେହି ରିପୋର୍ଟ ଉପରେ ଆଧାର କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ନାହିଁ, ତାହା ଦେଖିବାକୁ ବାକି ରହିଲା।

୯ରେ ଏସ୍‌ଆଇଆର ଡ୍ରାଫ୍ଟ ତାଲିକା

ବିଗିଡ଼ିପାରେ ଆଇନଶୃଙ୍ଖଳା, ପୁଲିସ ସତର୍କ ରହିବାକୁ ନିର୍ଦ୍ଦେଶ

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ଏସ୍‌ଆଇଆର୍‌ର ଡ୍ରାଫ୍ଟ ତାଲିକା ପ୍ରକାଶିତ ହେବା ପରେ ଆଇନ ଶୃଙ୍ଖଳା ଯେପରି ବିଗିଡ଼ି ନଯାଏ, ସେଥିପାଇଁ ପୁଲିସ ସତର୍କତା ଅବଲମ୍ବନ କରୁଛି। ସୂଚନା ଅନୁଯାୟୀ, ଏହି ପରିପ୍ରେକ୍ଷୀରେ, କୋଲକାତାର ଲାଲବଜାର ଓ ଜିଲ୍ଲା ମୁଖ୍ୟାଳୟରୁ ସମ୍ପୃକ୍ତ ଥାନାଗୁଡ଼ିକୁ ସତର୍କ କରାଯାଇଛି। ସୂତ୍ର ଅନୁଯାୟୀ, ପ୍ରତ୍ୟେକ ଥାନାକୁ ଏସ୍‌ଆଇଆର୍ ବିଷୟରେ ସତର୍କ ରହିବାକୁ କୁହାଯାଇଛି। କାରଣ କମିଶନ ୯ ଡିସେମ୍ବରରେ ଏସ୍‌ଆଇଆର୍‌ର ଡ୍ରାଫ୍ଟ ତାଲିକା ପ୍ରକାଶ କରିବାକୁ ଯାଉଛି। ପୁଲିସର ସୂଚନା ଅନୁଯାୟୀ, କିଛି ଭୋଟରଙ୍କ ନାମ ଡ୍ରାଫ୍ଟ ତାଲିକାରୁ ବାଦ ପଡ଼ିପାରେ। ଆବେଦନ କରିବା ସତ୍ତ୍ୱେ ଯଦି କାହାର ନାମ ବାଦ ଦିଆଯାଏ ତେବେ ବିଶୃଙ୍ଖଳା ହେବାର ଆଶଙ୍କା ରହିଛି।

ଏସ୍‌ଆଇଆରରେ ୨୭ ଲକ୍ଷରୁ ଅଧିକ ନାମ ବାଦ୍

କୋଲକାତା,୨୯।୧୧(ସଂଚାର ବ୍ୟୁରୋ): ଏସ୍‌ଆଇଆର୍ ପ୍ରକ୍ରିୟାରେ କେତେ ନାମ ବାଦ୍ ପଡ଼ିବ? ବିଜେପି ନେତାମାନେ ସଂଖ୍ୟା ଦେଉଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି ଯେ, ୧ କୋଟିରୁ ଅଧିକ ନାମ ବାଦ୍ ପଡ଼ିବ। ତେବେ, କମିଶନଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ ୨୭ ଲକ୍ଷରୁ ଅଧିକ ନାମ ବାଦ୍ ପଡ଼ିଛି। କମିଶନ କହିଛନ୍ତି ଯେ, ୨୭ ଲକ୍ଷ ୭୧ ହଜାର ଭୋଟର ନିଖୋଜ ଅଛନ୍ତି। ଏଥିମଧ୍ୟରୁ ମୃତ ଭୋଟରଙ୍କ ସଂଖ୍ୟା ୧୫ ଲକ୍ଷ ୫୩ ହଜାର। ୨ ଲକ୍ଷ ୬୧ ହଜାର ଭୋଟର ମିଳିପାରି ନାହିଁ। ସ୍ଥାନାନ୍ତରିତ ଭୋଟରଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ୮ ଲକ୍ଷ ୮୮ ହଜାର। ଡୁପ୍ଲିକେଟ୍ ତଥା ଡବଲ୍ ଏଣ୍ଟ୍ରି ଭୋଟରଙ୍କ ସଂଖ୍ୟା ୫୮ ହଜାର ୧୬୪। କମିଶନ ଏହି ନାମଗୁଡ଼ିକର ଏକ ପୃଥକ ତାଲିକା ବାହାର କରିବେ। ସେମାନଙ୍କ ନାମ ଡ୍ରାଫ୍ଟ ତାଲିକାରେ ଅନ୍ତର୍ଭୁକ୍ତ ହେବ ନାହିଁ। ଏପର୍ଯ୍ୟନ୍ତ ୬ କୋଟି ୭୩ ଲକ୍ଷ ଫର୍ମ ଡିଜିଟାଇଜେସନ୍ କରାଯାଇଛି।

ଶୀତ ଅଧିବେଶନ ପୂର୍ବରୁ ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୨୯।୧୧: ସୋମବାରଠାରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହେଉଛି। ଏଥିପାଇଁ ସରକାର ରବିବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ବୈଠକରେ ଉଭୟ ଗୃହର ନେତାମାନଙ୍କ ସହିତ କେନ୍ଦ୍ର ସଂସଦୀୟ ବ୍ୟାପର ମନ୍ତ୍ରୀ କରିଣ ରିଜିଜୁ ଆଲୋଚନା କରିବେ। ଲୋକସଭା ଓ ରାଜ୍ୟସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାର ବିରୋଧୀ ଦଳଙ୍କ ସହଯୋଗ କମନା କରିବେ। ଡିସେମ୍ବର ୧ରୁ ସଂସଦର ଶୀତ ଅଧିବେଶନ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସଂସଦରେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ଉଠାଇବାକୁ ସ୍ଥିର କରିଥିବା ବେଳେ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କେନ୍ଦ୍ର...

ରାଜ୍ୟରେ ବିଜେପିର ଶକ୍ତି କ୍ରମାଗତ ଭାବେ ବୃଦ୍ଧି ପାଉଛି। ଅଣକଂଗ୍ରେସ ଭୋଟକୁ ଏକାଠି କରିବା ଲକ୍ଷ୍ୟରେ ବିଜେପି କାର୍ଯ୍ୟ କରୁଛି। ଏଥିରେ ବିଜେଡିର ମଧ୍ୟ ଏକ ଭୂମିକା ରହିଛି। ଯେଉଁଥିପାଇଁ କେନ୍ଦ୍ର ନେତୃତ୍ୱ ବିଜେଡି ଦଳକୁ ଏବେ ଭାଙ୍ଗିବାକୁ ଚାହୁଁନାହିଁ। ଗଣେଶ୍ୱର ବେହେରାଙ୍କ ପରି ବିଜେଡି ନେତାମାନେ ନିଜର ମୁହଁ ଟାଣ ଦେଖାଇବାକୁ ଏହାଦ୍ୱାରା ଦଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ବାହାସ୍ଫୋଟ ମାରୁଛନ୍ତି। ସେ ଏବେ ନୂଆ ନୂଆ ଖ୍ରୀଷ୍ଟଧର୍ମ ଛାଡ଼ି ଇସଲାମ୍ ଧର୍ମ ଆପଣେଇଛନ୍ତି। ନୂଆ ନୂଆ ମୁଲ୍ଲା ସାଜିଥିବାରୁ ଅଧିକ ହଲ୍ଲା କରୁଛନ୍ତି ବୋଲି କଟାକ୍ଷ କରିଛନ୍ତି ଜୟନାରାୟଣ।

ବିଜେଡି ଦଳରେ ଏବେ ୩୫ରୁ ୪୦ ବିଧାୟକଙ୍କ ସହ ବହୁ ବରିଷ୍ଠ ନେତା ଦଳ ଛାଡ଼ିବାକୁ ପ୍ରସ୍ତୁତ ହୋଇ ବସିଛନ୍ତି। ଯେଉଁ ସମୟରେ ତାଙ୍କୁ ସଙ୍କେତ ମିଳିବ, ସେମାନେ ଦଳ ଛାଡ଼ିଦେବେ। କିନ୍ତୁ କେନ୍ଦ୍ର ନେତୃତ୍ୱ ଏବେ ବିଜେଡିକୁ ଡିଷ୍ଟର୍ବ କରିବାକୁ ଚାହୁଁନି। ସମୟ ଆସିଲେ ଗୋଟେ ହ୍ୱିସିଲରେ ଦଳ ତାସ୍‌ର କାର୍ଡ ପରି ଭୁଶୁଡ଼ିଯିବ ବୋଲି ଦାବି କରିଛନ୍ତି ଜୟନାରାୟଣ। ସେପଟେ ଜୟନାରାୟଣଙ୍କୁ ହ୍ୱିସିଲ ମାରିବାକୁ ଆହ୍ୱାନ ଦେଇଛନ୍ତି ଗଣେଶ୍ୱର। କହିଛନ୍ତି ଯେ ଜୟନାରାୟଣ ଅବାସ୍ତବ କଥା କହୁଛନ୍ତି। ଆଗକୁ ବିଜେଡି ପୁଣି ସଙ୍ଗଠିତ ହୋଇ ଫେରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ବିଶିଷ୍ଟ...

ବ୍ୟାନରରେ ତାଙ୍କ ପ୍ରଯୋଜିତ 'ଏଇ ତ ଦୁନିଆ', 'ବସ୍ତ୍ର ହରଣ', 'ଭାଇ ହେଲା ଭଗାରୀ', 'ଶାଶୂ ହାତକଡ଼ି ଭାଉଜ ବେଡ଼ି', 'ନାଗପଞ୍ଚମୀ', 'ପାଚେରୀ ଉଠିଲା ମଝି ଦୁଆରୁ', 'ରସିକ ନାଗର', 'କୁଳନନ୍ଦନ', 'ଆଲୋ ମୋର କଷ୍ଟେଇ' ଓଲିଉଡ୍‌ରେ ବେଶ୍ ସଫଳତା ପାଇଛି। ତାଙ୍କର ପ୍ରାୟତଃ ସବୁ ଚଳଚ୍ଚିତ୍ର ପରିବାରଧର୍ମୀ ହୋଇଥିବାରୁ ସେସବୁ ଦର୍ଶକ ମହଲରେ ବେଶ ଆଦୃତି ଲାଭ କରିଛି। ତେବେ ତାଙ୍କ ଅସୁସ୍ଥତା ଖବର ଶୁଣି ଓଲିଉଡର ବହୁ କଳାକାର ଓ ନିର୍ଦ୍ଦେଶକ ଦୁଃଖ ପ୍ରକାଶ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

ନବୀନଙ୍କୁ...

ବିଧାୟକଙ୍କ ଏ ନିରବତା ଅନେକ କିଛି ସଙ୍କେତ ଦେଉଛି। ରାଜନୈତିକ ସମୀକ୍ଷକଙ୍କ ମତରେ ବିଜେଡିର ବହୁ ନେତା ନବୀନଙ୍କୁ ନୂଆପଡା ପ୍ରଚାରକୁ ନେବା ସପକ୍ଷରେ ନଥିଲେ। କିନ୍ତୁ କିଛି ଅଦୃଶ୍ୟ ଶକ୍ତିର ଚାପରେ ସେମାନେ ନବୀନଙ୍କୁ ପ୍ରଚାରକୁ ଓହ୍ଲାଇଥିଲେ। ବୋଧହୁଏ ସେଇଥିପାଇଁ ଗୃହରେ ବିଜେଡି ବିଧାୟକମାନେ ଏହାର ପ୍ରତିବାଦ କରିନଥିଲେ।

ପଦ୍ମଲୋଚନଙ୍କ ସହ ସ୍ୱର ମିଳାଇଥିଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଥିଲେ ଯେଉଁ ବାମ ହାତ ଟିକେ ଉଠେଇ ହଲେଇ ଦେଲେ ଭୋଟ ଗଦା ହୋଇ ପଡୁଥିଲା ତାହା କାହିଁକି ନୂଆପଡ଼ାରେ ପ୍ରତିଫଳିତ ହେଲାନି। ନୂଆପଡ଼ା ବିଜେପି ପାଇଁ ଏକ ଏସିଡ ଟେଷ୍ଟ ଥିଲା। ସରକାର ଲୋକଙ୍କ ବିଶ୍ୱାସ ଜିତିପାରିଛି କି ନାହିଁ, ତା'ର ପରୀକ୍ଷା ଥିଲା। ବିଜେଡି ୨୫ ବର୍ଷରେ ୧୦୦ ଟଙ୍କା ବି ଚାଷୀଙ୍କୁ ବୋନସ ଦେଇପାରିଲାନି। କିନ୍ତୁ ବିଜେପି କ୍ଷମତାକୁ ଆସୁଆସୁ ୮୦୦ ଟଙ୍କା ଇନପୁଟ ସବ୍‌ସିଡି ଦେଲା। ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲୁ, ସରକାରକୁ ଆସିବା ପରେ ସୁଭଦ୍ରା ସହାୟତା ଦିଆଗଲା। କନ୍ଧମାଳରେ ଆମ୍ବଟାକୁଆ ମୃତ୍ୟୁ ଅଭିଯୋଗ ଆସିବା ମାତ୍ରେ ତିନି ମାସ ସରକାର ସବୁ ଗ୍ରାମୀଣ ଲୋକଙ୍କୁ ମାଗଣା ଚାଉଳ ଦେଲେ। 80 ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କ ଭତ୍ତା ବୃଦ୍ଧି କରାଗଲା। ବିଜେଡି ଘୋଷଣାରେ ସୀମିତ ରହୁଥିବା ବେଳେ ବିଜେପି କାମରେ କରି ଦେଖାଉଥିଲା। ଯେଉଁଥିପାଇଁ

ଶୀତ ସାଙ୍ଗକୁ ବୃଦ୍ଧି ପାଉଛି ପର୍ଯ୍ୟଟକଙ୍କ ସଂଖ୍ୟା

ପାରାଦ୍ୱୀପ,୨୯।୧୧ (ସଂଚାର ବ୍ୟୁରୋ): ଶୀତ ଆସିଲେ ଜମିଯାଏ ଭିଡ଼। ଚୁଙ୍ଗୁଡ଼ି, ଜଙ୍ଗଡା ସାଙ୍ଗକୁ ଭଲି ଭଲି ମାଛ ଖାଇବା ସହ ବୁଲିବାର ମଜା। ସମୁଦ୍ର, ମହାନଦୀ ଜାହାଜ, ଟ୍ରଲର ସହ ବିସ୍ତୀର୍ଣ୍ଣ ବେଳାଭୂମି, ଏବେ ପର୍ଯ୍ୟଟକଙ୍କୁ କରୁଛି ବନ୍ଦର ନଗରୀ ପାରାଦୀପ। ସମସ୍ତେ ପାରାଦୀପ କଥା ଭାବିଲେ ମନକୁ ଆସିଯାଏ କଳକାରଖାନା ଆଉ ମାଛ ବ୍ୟବସାୟ। କିନ୍ତୁ ଏହି ପ୍ରତିକୂଳ ପରିବେଶ ଭିତରେ ରହିଛି ଅନେକ ମନ ମୁଗ୍ଧକର ପରିବେଶ। ଯାହା ପାଇଁ ବିଶେଷ କରି ଏହି ଶୀତ ଋତୁରେ ଏଠାକୁ ଟାଣି ହୋଇ ଆସିଥାନ୍ତି ଅନେକ ପର୍ଯ୍ୟଟକ। ପାରାଦୀପ ପାଖ ଅଂଚଳ କେବଳ ନୁହେଁ , କେନ୍ଦ୍ରାପଡା , ଭୁବନେଶ୍ୱର , ପୁରୀ , କଟକ ଆଦି ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କୁ ତା କୋଳକୁ ଟାଣି ଆଣିବାରେ ପାରାଦୀପ ମଧ୍ୟ କିଛି କମ ଭୂମିକା ନିର୍ବାହ କରୁନାହିଁ ଏବେ। ବନ୍ଦର ପ୍ରଶାସନ , ପୌରପାଳିକା ଓ ବିଭିନ୍ନ କମ୍ପାନୀ ସେମାନଙ୍କ ଉନ୍ନୟନ ପାଣ୍ଠି ଖର୍ଚ୍ଚ କରି ପାରାଦୀପର ଚିତ୍ର ଅନେକାଂଶରେ ବଦଳାଇବାକୁ ହେଲେଣି ସକ୍ଷମ। ବିସ୍ତିର୍ଣ ବେଳାଭୂମି ସାଙ୍ଗକୁ ବତୀଘର ଓ ବିଜୁ ମିନାର ବେଶ ମନ ମୁଗ୍ଧକର। ଅଠରବାଙ୍କିରୁ ନେହେରୁବଙ୍ଗଳା ରାସ୍ତାରେ ଯିଏ ଥରେ ଯାଇଛି , ସେ ତା ବାସ୍ତବତାକୁ ଅନୁଭବ କରିଛି। ନେହେରୁବଙ୍ଗଳା ପହଂଚିଗଲେ ସେ ଯିଏ ହେଉନା କାହିଁକି କ୍ଷଣିଏ ଅନେଇ ରହିବ ନିଶ୍ଚୟ। ମହାନଦୀ ଆଉ ସମୁଦ୍ରର ଅପୂର୍ବ ମିଳନ ସ୍ଥଳ ସାଙ୍ଗକୁ ପଥର ବନ୍ଧରେ ସମୁଦ୍ରର ଜୁଆରିଆ ଢେଉ ମାଡ଼ର ପାଣି ଛିଟିକା ଆନମନା କରିବ ନିହାତି। ମାଛଧରା ବନ୍ଦର ସାଙ୍ଗକୁ ଶହ ଶହ ଟ୍ରଲରରେ ବିଭିନ୍ନ ପ୍ରଜାତିର ମାଛ ଆହୁରି ଆନନ୍ଦ ଦାୟକ। ସବୁଠାରୁ ପର୍ଯ୍ୟଟକଙ୍କୁ ପ୍ରଭାବିତ କରୁଛି ଏଠାରେ ଥିବା ସମୁଦ୍ର କୁଳର ମନ୍ଦାର ଉଦ୍ୟାନ। ଘଞ୍ଚ ଜଙ୍ଗଲର ପରିବେଶ ଆଉ ତା ମଧ୍ୟରେ ପ୍ରଶାସନ ଦ୍ୱାରା ନିର୍ମିତ ପିଚ୍ଛି ବଣ ଭୋଜି କରିବାକୁ ବେଶ ସହାୟକ ହେଉଛି। ପରିବାର ସାଙ୍ଗ ସାଥି ସହ ଏଠାକୁ ଶୀତ ଋତୁରେ ପର୍ଯ୍ୟଟକ ମାନେ ଆସି ବଣ ଭୋଜି କରିବା ସହ ପାରାଦୀପକୁ ବୁଲିବା ଓ ବଡ ବଡ ଜାହାଜ ଦେଖିବାର ସୁଯୋଗ ମଧ୍ୟ ନେଉଛନ୍ତି । ଯିଏ ଥରେ ଆସିଛି, ସେ ତାର ତାତ୍ପର୍ଯ୍ୟ ଅନୁଭବ କରିଛି ନିଶ୍ଚୟ।

ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ପଡ଼ିଲା ଛାତ୍ରବାସ ଛାତ

ଆନନ୍ଦପୁର,୨୯।୧୧ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପାଳିକାର ୩ ନଂ ୱାଡ଼ରେ ଥିବା ବହୁ ପୁରାତନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ରବାସ କାର୍ଯ୍ୟ ଚାଲୁଛି। ତେବେ ଗତ ମଙ୍ଗଳବାର ଦିନ ଛାତ୍ରବାସ ଛାତ ପଡ଼ିଥିଲା। ଛାତ ପଡ଼ିଲା ବେଳେ କୌଣସି ଯନ୍ତ୍ରୀ ଉପସ୍ଥିତ ନଥିବା ଅଭିଯୋଗ ହୋଇଛି। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କିଭଳି ଛାତ ପକାଗଲା ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ପୂର୍ବରୁ ହୋଇଥିବା ଅଭିଯୋଗ ତେବେ ସତ ବୋଲି ଆମେ ଅନୁମେୟ କରିବା ସ୍ୱାଭାବିକ୍ । ଠିକାଦାର ନିମ୍ନମାନର ଛାତ ପକାଇ ଟଙ୍କା ଆତ୍ମସାତ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି । ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ ତଦନ୍ତ ହେଉନାହିଁ କାହିଁକି ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଠିକାଦାର ନିମ୍ନମାନର କାମ କରୁଥିବା ଏବଂ ପ୍ଲିନ୍ଥରେ ବାଲି ବଦଳି ମାଟି ଫିଲପ୍ କରୁଥିବା ଚାରି ପାର୍ଶ୍ୱ ଖାଲ ଗୁଡ଼ିକୁ ଚୋରା ମାଟିରେ ପୋତିବାକୁ ନେଇ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତେବେ ଏହାର ତଦନ୍ତ ହେବାର ଦୂରର କଥା ଠିକାଦାରଙ୍କୁ ପଚାରିବା ପାଇଁ କୌଣସି ଅଧିକାରୀଙ୍କର ସାହସ ଜୁଟାଉନାହିଁ। ଯଦି ଅଧିକାରୀଙ୍କୁ ପଚରା ଯାଉଛି ତେବେ ସେ ଠିକାଦାରଙ୍କୁ ସୁହାଇଲା ପରି କହୁଛନ୍ତି। ଏତେ ସାରା ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ ଠିକାଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ବୁଦ୍ଧିଜୀବି ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ବିଷୟରେ ଘଟଗାଁ ପୂର୍ତ୍ତ ବିଭାଗର ଅଧିକାରୀଣୀ ରାଜଶ୍ରୀ ବେହେରାଙ୍କୁ ପଚାରିବାରୁ ଛାତ୍ରବାସ ଛାତ ପଡ଼ିଲା ବେଳେ ଆମର ତିନି ଜଣ ଯନ୍ତ୍ରୀ ଥିବା କହି ପ୍ରଶ୍ନ ଠାରୁ ଦୁରେଇ ଯାଉଥିଲେ। ତେବେ ଏଥିରୁ ସ୍ପଷ୍ଟ ଭାବରେ ଜଣାପଡୁଛି ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମିଳିଭଗତରେ ସରକାରଙ୍କ ଟଙ୍କାକୁ ଆତ୍ମସାତ କରିବା ପାଇଁ ଉଦ୍ୟମ ଚାଲିଛି।

ଏତେ ଅଭିଯୋଗ ପରେ କାହିଁକି ହେଉ ନାହିଁ ତଦନ୍ତ

ଫ୍ୟାନରେ ଝୁଲି ନାବାଳିକାଙ୍କ ଆତ୍ମହତ୍ୟା

ବାଲିଅନ୍ତା,୨୯।୧୧ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ଅଧୀନ ଧବଳାହାର ଗ୍ରାମରେ ବେକରେ ଓଢଣୀ ବାନ୍ଧି ଫ୍ୟାନରେ ଝୁଲି ଜଣେ ୧୭ ବର୍ଷୀୟା ନାବାଳିକା ଆତ୍ମହତ୍ୟା କରିଛନ୍ତି । ମୃତ ନାବାଳିକା ହେଲେ ବଳରାମ ନାଥଙ୍କ ଝିଅ ବିଦୁସ୍ମିତା ନାଥ (୧୭) । ବିଦୁସ୍ମିତା ଫ୍ୟାନରେ ଝୁଲୁଥିବା ଦେଖି ପରିବାର ଲୋକ ତଳକୁ ଓହ୍ଲାଇଥିଲେ । ବିଦୁସ୍ମିତା ଯନ୍ତ୍ରଣା ରେ ଛଟପଟ ହେଉଥିଲେ । ପରିବାର ଲୋକ ସଂକଟାପର୍ଣ୍ଣ ଅବସ୍ଥାରେ ବିଦୁସ୍ମିତାଙ୍କୁ ଏକ ଘରୋଇ ହସ୍ପିଟାଲ ନେଇଥିଲେ । ହେଲେ ଡାକ୍ତର ବିଦୁସ୍ମିତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ବାଲିଅନ୍ତା ଥାନାରେ ଅପମୃତ୍ୟ ମାମଲା ରୁଜୁ ହୋଇଛି । ବିଦୁସ୍ମିତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣା ପଡ଼ିନଥିବା ବେଳେ ପାରିବାରିକ କଳହ ଯୋଗୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି । ବାଲିଅନ୍ତା ଥାନା ପୁଲିସ ଶବ ବ୍ୟବଚ୍ଛେଦ କରାଇ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ଦାନଗଦୀ ଗୋଲେଇ ଛକ
ବିକାଶଠାରୁ ଅଧିକ ବିପଦ

ଯାଜପୁର,୨୯।୧୧ (ସଂଚାର ବ୍ୟୁରୋ): ୨୦ନଂ ଜାତୀୟ ରାଜପଥର ଯାଜପୁରରୋଡ୍ ଦମକଳ କେନ୍ଦ୍ର ନିକଟ ଗୋଲେଇ ଛକ ଦିନକୁ ଦିନ ବିପଦର 'ହଟସ୍ପଟ' ରୂପେ ପରିଚିତ ହେଉଛି। ତ୍ରୁଟିପୂର୍ଣ୍ଣ ନକ୍ସା, ଅପ୍ରାପ୍ତ ସୁବିଧା ଓ ରାଜପଥ ବିଭାଗର ଦୂରଦୃଷ୍ଟି ଅଭାବରେ ଏଠାରେ ୧୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଛି ଓ ଏହି ସଂଖ୍ୟା ଶେଷ ହେବାର ନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳରୁ ପ୍ରତିଦିନ ଶତାଧିକ ଭାରୀଯାନ ଏବଂ ଭୁବନେଶ୍ୱର—ଭଦ୍ରକ—ବାଲେଶ୍ୱର—କୋଲକାତା ମାର୍ଗର ଅନେକ ଯାତ୍ରୀବାହୀ ବସ ଏହି ଛକ ଦେଇ ଚଳାଚଳ କରୁଥିବାରୁ ଯାତାୟାତ ଚାପ ସର୍ବାଧିକ। ଦମକଳ କେନ୍ଦ୍ରର ଜରୁରୀକାଳୀନ ଗାଡ଼ି ମଧ୍ୟ ସମୟକ୍ରମେ ଏହି ବିପଦପୂର୍ଣ୍ଣ ବାଟ ଚାଲିବାକୁ ବାଧ ହୁଏ।

ଓଭରବ୍ରିଜ୍, ଅଣ୍ଡରପାସ କିମ୍ବା ସୁରକ୍ଷିତ ଡାଇଭର୍ସନ ନ ଥିବାରୁ ଦୁଇପଟି ଡିଭାଇଡର୍ କାଟି ବେଆଇନ ରାସ୍ତା ବନାଯାଉଛି, ଯାହା ମରଣଯନ୍ତ୍ରାରେ ପରିଣତ ହୋଇଛି। ସ୍ଥାନୀୟ ଲୋକଙ୍କ ଦାବି ଓ ଅଭିଯୋଗର ପ୍ରତିକ୍ରିୟାରେ ଜାତୀୟ ରାଜପଥ ବିଭାଗର ଏକ ଦଳ ଆସି ଓଭରବ୍ରିଜ୍‌ର ଆବଶ୍ୟକତା ମାନିଥିଲେ। ପ୍ରାଧିକରଣ ପକ୍ଷରୁ ଏକ ସ୍ପଷ୍ଟ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। କିନ୍ତୁ ପ୍ରତିଶ୍ରୁତି ରହିଗଲା। ସମୟ ଗଲାଣି, ପ୍ରକଳ୍ପ କଉଠି ଅଟକିଛି କେହି ଜାଣେନି। ଫଳରେ ଗୋଲେଇ ଛକ ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଦୈନିକ ଭୟ ଓ ଆତଙ୍କର ପ୍ରତୀକ ହୋଇପଡ଼ିଛି। ନୂଆଗଡ଼, କୁଆଁରଦା, କାଦୁଅପଡ଼ା, ଜଇଁତଳ, ମୂଳୁ ସରଗଡ଼ା, ତାହାରପୁର ଓ ଯାଜପୁରରୋଡ୍ ଅଞ୍ଚଳର ଲୋକେ ଗମନାଗମନ ଏହି ଛକ ଉପରେ ନିର୍ଭର କରୁଥିବାରୁ ତତ୍କାଳ ସମାଧାନ ଆବଶ୍ୟକ। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସ୍ପଷ୍ଟ ଦାବି ଓଭରବ୍ରିଜ୍ ଓ ବିକଳ୍ପ ଡାଇଭର୍ସନ ହେଉ।

୩୪୨ ଚୋରା ମୋବାଇଲ୍ ଜବତ: ୪ ଗିରଫ

ବ୍ରହ୍ମପୁର,୨୯।୧୧ (ସଂଚାର ବ୍ୟୁରୋ): ମୋବାଇଲ ଚୋରି ଘଟଣାରେ ବ୍ରହ୍ମପୁର ପୁଲିସ୍ କୁ ସଫଳତା ମିଳିଛି। ଶହ ଶହ ସ୍ମାର୍ଟଫୋନ୍ ସହ ମୋବାଇଲ ଚୋରି ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିଛି। ବ୍ରହ୍ମପୁର ଶ୍ରୀକ୍ଷେତ୍ର ବିହାରଠାରେ ଥିବା ଏକ ଘରୁ ବଡ଼ବଜାର ଥାନା ପୁଲିସ ୩୪୨ ଟି ଚୋରି ମୋବାଇଲ ଜବତ କରିଛି। ଏହାସହ ୩ଟି ଏୟାର ବ୍ୟାଗ୍, ଗୋଟିଏ ଜେରୀ ବ୍ୟାଗ୍, ୯୮ଟି ମୋବାଇଲ୍ ବ୍ୟାକ୍ କଭର ଏବଂ (ଓଡ଼ି ୦୭ ଏଡି ୧୭୨୭) ନଂର ସ୍କୁଟିକୁ ଜବତ କରାଯାଇଥିବା ପୁଲିସ୍ ସୂଚନା ଦେଇଛି।

ଏହି ମୋବାଇଲ ଚୋରି ରାକେଟରେ ସମ୍ପୃକ୍ତ ଥିବା ଆନ୍ଧ୍ରର ୨ ଯୁବକ ଓ ଗଞ୍ଜାମ ଜିଲ୍ଲାର ୨ ଯୁବକ ଗିରଫ ହୋଇଛନ୍ତି। ଅଭିଯୁକ୍ତ ମାନେ ହେଲେ ଧରାକୋଟ ଅଞ୍ଚଳର ଦାସ ସୋନୁ(୨୦), ଦାସ ସହିଲ କୁମାର(୩୧), ଆନ୍ଧ୍ରର ଦାସ ରାଜା(୩୮), ପି. ଶ୍ରୀନିବାସଲୁ(୩୯)। ଏକ ମୋବାଇଲ ଚୋରି ମାମଲାର ତଦନ୍ତ ବେଳେ ବଡ଼ବଜାର ଥାନା ପୁଲିସ ଏକାଧିକ ଅଭିଯୁକ୍ତଙ୍କୁ କାବୁ କରିଥିଲା । ତାଙ୍କ ବୟାନ ଆଧାରରେ ଶ୍ରୀକ୍ଷେତ୍ର ବିହାରଠାରେ ଥିବା ଏକ ଘରେ ଚଢ଼ଉ ବେଳେ ସେହି ଘର ଭିତରେ ଏକ ଟ୍ରଲି ବ୍ୟାଗରେ ଭର୍ତ୍ତି ଦାମୀ ମୋବାଇଲ ମିଳିଥିଲା। ମୋବାଇଲ ଗୁଡ଼ିକ ଜବତ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ରଖି ପୁଲିସ୍ ପଚରାଉଚରା କରିଥିଲା। ଏମାନେ ହାଇଦ୍ରାବାଦ, ଚେନ୍ନାଇ ସହ ବିଭିନ୍ନ ରାଜ୍ୟରୁ ମୋବାଇଲ ଚୋରି କରି ବ୍ରହ୍ମପୁର ଏବଂ ଗଂଜାମ ଜିଲ୍ଲାରେ ବିକ୍ରି କରୁଥିବା ଜଣାପଡିଛି। ପୁଲିସ୍ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ପ୍ରେସର କୁକର ଫାଟି ଛାତ୍ର ଆହତ, ୯ ଦିନ ପରେ ଉଦ୍ଧାର

ପ୍ରଧାନ ଶିକ୍ଷକ ଓ ହଷ୍ଟେଲ ଇନଚାର୍ଜ ନିଲମ୍ବିତ, ରାନ୍ଧୁଣିଆ ବହିସ୍କୃତ

ନବରଙ୍ଗପୁର,୨୯।୧୧ (ସଂଚାର ବ୍ୟୁରୋ): ପ୍ରେସର କୁକର ଫାଟି ଛାତ୍ର ଆହତର ୯ ଦିନ ପରେ ପ୍ରଦୀପ ମାଝୀ ରାତିରେ ଉଦ୍ଧାର କରି ଜିଲ୍ଲାପାଳଙ୍କୁ ଉନ୍ନତ ଚିକିତ୍ସା ପାଇଁ ହସ୍ତାନ୍ତର କରିବା ଘଟଣାରେ ଜିଲ୍ଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଙ୍ଗାଳି ଚରଣ ସେଠି ଓ ହଷ୍ଟେଲ ଇନଚାର୍ଜ କପିଳ ସରାବୁ ନିଲମ୍ବିତ ହୋଇଥିବା ବେଳେ ହଷ୍ଟେଲର ରାନ୍ଧୁଣିଆ ଡମ୍ବରୁ ଭତରାଙ୍କୁ ଚାକିରୀରୁ ବହିସ୍କୃତ କରାଯାଇଛି। ସେମାନେ ନିଜ କାର୍ଯ୍ୟରେ ଅବହେଳା କରାଯାଇଥିବା ଦର୍ଶାଇ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଘଟଣା ହେଉଛି କୋଷାଗୁମୁଡା ବ୍ଲକ କୁକୁଡି ସେମଳା ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର। ନିଲମ୍ବିତ ସମୟରେ କୋଷାଗୁମୁଡା ବିଇଓ ଅଫିସରେ ଆଟାଚ୍ ହୋଇକି ରହିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଛି ।

ଏଠାରେ ସୂଚନାଯୋଗ୍ୟ ଯେ ୯ ଦିନ ଧରି ଛାତ୍ର ଜଣକ ପ୍ରେସର କୁକର ଫାଟି ଗୁରୁତର ଆହତ ହୋଇ ହୋଷ୍ଟେଲରେ ଥିବା ବେଳେ ଗତକାଲି ରାତିରେ ହଷ୍ଟେଲ କାନ୍ଥ ଡେଇଁ ପ୍ରଦୀପ ମାଝୀ ଉଦ୍ଧାର କରି ଉନ୍ନତ ଚିକିତ୍ସା ପାଇଁ ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରିବା ସହ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଥିଲେ । କାଳେ କଥା ପ୍ରଘଟ ହୋଇଯିବ ଭାବି ଆହତ ଛାତ୍ରଙ୍କୁ ମେଡିକାଲ ନନେଇ ସ୍କୁଲ କତୃପକ୍ଷ କଟପାଡ଼ ସ୍ଥିତ ଏକ କ୍ଲିନିକରେ ଦେଖାଇ ଔଷଧ ଆଣିଥିବା ବେଳେ ହଷ୍ଟେଲରେ ବନ୍ଦୀ ଭଳିଆ ରଖିଥିବା ଅଭିଯୋଗ କରିଥିଲେ ପ୍ରଦୀପ ମାଝୀ ।

ଦୁର୍ଘଟଣାଜନିତ ଶୂନ୍ୟ ମୃତାହତ ପକ୍ଷ ପାଳନ

ଫୁଲବାଣୀ,୨୯।୧୧ (ସଂଚାର ବ୍ୟୁରୋ): ଆଜି ସଡ଼କ ଦୁର୍ଘଟଣାଜନିତ ଶୂନ୍ୟ ମୃତାହତ ପକ୍ଷ ପାଳନ ଅବସରରେ ଆରଟିଓ, ଫୁଲବାଣୀ ଦ୍ୱାରା ଏକ ସଡ଼କ ସୁରକ୍ଷା ସଚେତନତା ରାଲି ଆୟୋଜନ କରାଯାଇଥିଲା। ଏହି ରାଲିରେ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ ଏବଂ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର ସଡ଼କ ସୁରକ୍ଷା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲି ସମୟରେ ଜନସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ଲିଫଲେଟ୍ ବଣ୍ଟନ କରାଯାଇଥିଲା। ସୁରକ୍ଷିତ ଡ୍ରାଇଭିଂର ଗୁରୁତ୍ୱ ବିଷୟରେ ନାଗରିକମାନଙ୍କୁ ସଚେତନ କରିବା, ଟ୍ରାଫିକ୍ ନିୟମ ପାଳନ କରିବା, ଦାୟିତ୍ୱବାନ ସଡକ ଆଚରଣ ଏବଂ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ସାମୂହିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ ଅଧିକାରୀ ମିଲି ସାହୁ ପରିଚାଳନା କରିଥିଲେ।

ଟିପିଏସ୍ଓଡିଏଲ୍ ତରଫରୁ ରକ୍ତଦାନ ଶିବିର

ବ୍ରହ୍ମପୁର,୨୯।୧୧ (ସଂଚାର ବ୍ୟୁରୋ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ବ୍ରହ୍ମପୁରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। କେନ୍ଦ୍ରୀୟ ରେଡକ୍ରସ୍ ରକ୍ତ ଭଣ୍ଡାର, କଟକ ଓ ଏଏଲଆଇଜି ଶୈକ୍ଷିକ ଓ ଜନମଙ୍ଗଳ ଅନୁଷ୍ଠାନର ସହଯୋଗରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି। ରକ୍ତଭଣ୍ଡାରଗୁଡ଼ିକୁ ରକ୍ତ ଯୋଗାଇବା ଏବଂ ଜରୁରୀ ସମୟରେ ଯେପରି ରକ୍ତ ଅଭାବରେ ରୋଗୀଙ୍କ ଚିକିତ୍ସାରେ କୌଣସି ଅସୁବିଧା ନ ହେବ ସେ ଦିଗରେ ଗୁରୁତ୍ୱ ଦେବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଅଟେ ।

ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୭୨ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଏଥିରେ କମ୍ପାନୀର ବହୁ କର୍ମଚାରୀ ସ୍ୱ-

ଇଚ୍ଛାରେ ଉତ୍ସାହର ସହିତ ରକ୍ତଦାନ କରିଥିଲେ। ଆଗାମୀ ଦିନରେ ଟିପିଏସ୍ଓଡିଏଲର ୬ଟି ସର୍କଲରେ ଏହି ରକ୍ତଦାନ ଶିବିର ଆୟୋଜିତ ହେବ। ଆୟୋଜିତ ରକ୍ତଦାନ ଶିବିରକୁ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କମ୍ପାନୀର ସିଇଓ ଶ୍ରୀ ଅମିତ କୁମାର ଗର୍ଗ ପ୍ରଶଂସା କରିବା ସହିତ ଏଭଳି କାର୍ଯ୍ୟ ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ ଏବଂ ନିଜେ ମଧ୍ୟ ରକ୍ତଦାନ କରିଥିଲେ

ପିଏମ କିଷାନ ସମ୍ମାନ ନିଧି କିସ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ

ନବରଙ୍ଗପୁର,୨୯।୧୧ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆଜି ନବରଙ୍ଗପୁର ସ୍ଥାନୀୟ ମିଶନ ଶକ୍ତି ହଲ ଠାରେ ଓ ଉମରକୋଟର କୃଷି ବିଜ୍ଞାନ କେନ୍ଦ୍ର ଠାରେ ପିଏମ କିଷାନ ସମ୍ମାନ ନିଧି କିସ୍ତି ହସ୍ତାନ୍ତର କାର୍ଯ୍ୟକ୍ରମ ଆଭାସୀ ଜରିଆରେ ପ୍ରଦର୍ଶିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ଦେଶର ୩୪ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଙ୍କୁ ହସ୍ତାନ୍ତର କରାଯାଇଛି। ଆକାଉଣ୍ଟ ରେ ପଠାଯାଇଛି। ଆଜି ପିଏମ. କିଷାନ ସମ୍ମାନ ନିଧି ହସ୍ତାନ୍ତର କାର୍ଯ୍ୟକ୍ରମରେ ଉମରକୋଟ ଠାରେ ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇଥିବା ବେଳେ ନବରଙ୍ଗପୁର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଧାୟକଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ଚାଷୀ ମାନଙ୍କୁ ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ୨୦୦୦ ହଜାର ଟଙ୍କା ମିଳିବା ପରେ ସେମାନେ ବେଶ ଖୁସି ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧୀୟ ଅଭିମୁଖୀକରଣ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଯାଜପୁର,୨୯।୧୧ (ସଂଚାର ବ୍ୟୁରୋ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଶ୍ରୀ ନାଏକ ତାଙ

ଧନ୍ୟ ବିଡିଏର ପାର୍କ ପରିଚାଳନା

ଅକାମୀ ହୋଇଗଲାଣି ଆଇଜି ପାର୍କ ସୂର୍ଯ୍ୟଘଣ୍ଟା

■ ଘଣ୍ଟାରେ ମାଡିଗଲାଣି ଗଛଲଟା ଓ ଘାସ

■ ବର୍ଷ ବର୍ଷ ଧରି ସୂର୍ଯ୍ୟଘଣ୍ଟାରେ ଲାଗିନି ଝାଡୁ



ଭୁବନେଶ୍ୱର,୨୯।୧୧ (ସଂଚାର ବ୍ୟୁରୋ): ଭୁବନେଶ୍ୱରର ୬୯ଟି ପାର୍କର ପରିଚାଳନା ଦାୟିତ୍ୱ ନେଇଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବା ବିଡିଏ। ସେ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆଇଜି ପାର୍କ ବା ଇନ୍ଦିରା ଗାନ୍ଧୀ ପାର୍କ। ରାଜ୍ୟ ସଚିବାଳୟ ଓ ବିଧାନସଭା ସମ୍ମୁଖରେ ଥିବା ଏହି ପାର୍କ କୁଆଡେ ବିଡିଏର ପ୍ରାୟରିଟି ତାଲିକାରେ ରହିଛି। କିନ୍ତୁ ପାର୍କ ପରିଚାଳନା କେମିତି ହେଉଛି ତାହା ଭାତହାଣ୍ଡିରୁ ଗୋଟିଏ ଚିପିଲେ ଜଣାପଡିବା ପରି ଏଠାରେ ଥିବା ସୂର୍ଯ୍ୟଘଣ୍ଟାର ଅବସ୍ଥାରୁ ପାର୍କ ପରିଚଳନା କେମିତି ହେଉଛି ତାହା ସହଜେ ଅନୁମେୟ।

ଏକଥା ସତ ଯେ, ଆଜିକାଲି ସମୟ ଜାଣିବାକୁ କେହି ସୂର୍ଯ୍ୟଘଣ୍ଟା ଦେଖୁନାହାଁନ୍ତି କି ନିର୍ଭର କରୁନାହାଁନ୍ତି। କିନ୍ତୁ ଏହା ମାନବ ସଭ୍ୟତାର ଉତଥାନର ଏକ ପ୍ରତୀକ। ଖ୍ରୀଷ୍ଟପୂର୍ବ ୧୫୦୦ ଶତାବ୍ଦୀରେ ଇଜିପ୍ଟରୁ ସୂର୍ଯ୍ୟଘଣ୍ଟାର ବ୍ୟବହାର ଆରମ୍ଭ ହୋଇଥିଲା। ସମୟକ୍ରମେ ଏହି ଘଣ୍ଟାରେ ଉନ୍ନତି ଆସିଛି। ପ୍ରାୟ ୭୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ରେଳବାଇରେ ମଧ୍ୟ ସୂର୍ଯ୍ୟଘଣ୍ଟାର ବ୍ୟବହାର ହେଉଥିଲା। ସୂର୍ଯ୍ୟଘଣ୍ଟାକୁ କ୍ରମବିକଶିତ ବିଜ୍ଞାନର ପ୍ରତୀକ ଭାବେ ଦେଶର ବିଭିନ୍ନ ପ୍ରତିଷ୍ଠ ସ୍ଥାନରେ ପ୍ରତିଷ୍ଠା କରାଯାଇଛି। ଏହା ମୁଖ୍ୟତଃ ଏବେର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଖେଳ ଓ ଶିକ୍ଷାର ମିଶ୍ରିତ ବିଜ୍ଞାନ ଭାବେ ପାର୍କଗୁଡିକରେ ପ୍ରତିଷ୍ଠା କରାଯାଇଛି।

ସେଇ ଉଦ୍ଦେଶ୍ୟରେ ଆଇଜି ପାର୍କରେ ମଧ୍ୟ ଏକ ସୂର୍ଯ୍ୟଘଣ୍ଟା ଲଗାଯାଇଥିଲା। ପ୍ରାୟ ୧୦.୬ ଏକର ପରିମିତ ଏହି ପାର୍କ ଭୁବନେଶ୍ୱରର ଅନ୍ୟତମ ଆକର୍ଷଣ ସହ ଲ୍ୟାଣ୍ଡମାର୍କ ମଧ୍ୟ। ଏହି ପାର୍କକୁ ଦୈନିକ ଦୁଇ ହଜାରରୁ ଅଧିକ ଲୋକ ଆସୁଛନ୍ତି। କିଏ ମର୍ଣ୍ଣିଂ ୱାକ କରିବାକୁ ତ କିଏ ଟାଇମପାସ କରିବାକୁ। ଆଉ ଛୋଟ ପିଲାଙ୍କ ପାଇଁ ଏହା ଆମୋଦପ୍ରୋଦର ଏକ ମୁଖ୍ୟ ସ୍ଥାନ। କିନ୍ତୁ ପିଲାଙ୍କ ପାଇଁ ଥିବା ଏହି ସୂର୍ଯ୍ୟଘଣ୍ଟା ଗତ କିଛି ବର୍ଷ ଧରି ଅକାମୀ ହୋଇପଡିଛି। ଏହା ଉପରେ ପଡୁଥିବା ଶୁଖିଲା ପତ୍ରକୁ ଝଡାଯାଉନି। ଏଥିସହିତ ସୂର୍ଯ୍ୟଘଣ୍ଟାଟି ଏବେ ଅନାବନା ଘାସ ଓ ଗୁଳ୍ମରେ ଭର୍ତ୍ତି ହୋଇଗଲାଣି। ସୂର୍ଯ୍ୟ ଆଲୋକ ଓ ଛାଇରୁ ସମୟ ଜଣାପଡୁଥିବା ଏହି ସୂର୍ଯ୍ୟ ଘଣ୍ଟା ଉପରେ ବଡ ବଡ ଗଛ ଏମିତି ଢାଙ୍କି ହୋଇଛି ଯେ, ତା ଉପରେ ସୂର୍ଯ୍ୟାଲୋକ ମଧ୍ୟ ପଡୁନାହିଁ। ଆଉ ପିଲାମାନେ ଏହାକୁ ଦେଖିବେ କ'ଣ ଶିଖିବେ। ଏହି ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଡିଏ ନେଇଥିବା ବେଳେ ଦାୟିତ୍ୱବାନ ଅଧିକାରୀଙ୍କ ଦକ୍ଷତା ଏଥିରୁ ପ୍ରମାଣିତ ହେଉଛି। ଯଦି ରାଜ୍ୟ ପ୍ରଶାସନର ମୁଖ୍ୟ ସଚିବାଳୟ ଓ ବିଧାନସଭା ସାମ୍ନାରେ ଥିବା ପାର୍କର ଏଭଳି ସ୍ଥିତି, ତେବେ ଅନ୍ୟ ପାର୍କର ରକ୍ଷଣାବେକ୍ଷଣ କିଭଳି ହେଉଥିବ ତାହା ଅନୁମେୟ।

ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି,୨୯।୧୧(ସଂଚାର ବ୍ୟୁରୋ): ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରୁ ଏପରି ଏକ ଅଘଟଣ ସାମ୍ନାକୁ ଆସିଛି। ମିଳିଥିବା ସୂଚନାନୁସାରେ, ଦିନଦ୍ୱିପ୍ରହରେ ନୀଳଗିରି କୁଳଡିହା ଅଭୟାରଣ୍ୟ ସୀମାନ୍ତ ମିରିଗିଣି ଅଞ୍ଚଳରେ ଥିବା ଖଣ୍ଡିଆ ହୁଡ଼ିକୁ ପଥୁରିଆ ଗ୍ରାମର ଜୟରାମ ଦେହୁରୀଙ୍କ ସ୍ତ୍ରୀ ମିନତୀ ପାହାଡ଼କୁ ଯାଇଥିଲେ। ଲତା ମୂଳରେ ଥିବା ଏକ ଭାଲୁ ତାଙ୍କୁ ଅଚାନକ ଆକ୍ରମଣ କରିଥିଲା। ଫଳରେ ସେ ପଥର ଉପରେ କଚାଡ଼ି ପଡ଼ିଯାଇଥିଲେ। ଭାଲୁଟି ମୁଣ୍ଡ ଓ ଶରୀରରେ ଗଭୀର କ୍ଷତ ସୃଷ୍ଟି କରିଥିବା ବେଳେ ଗୋଡ଼ଟି ଭାଙ୍ଗିଯାଇଛି। ତାଙ୍କୁ ଗୁରୁତର ଭାବେ ନୀଳଗିରି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରିଛନ୍ତି। ଏନ୍‌ଏସି ଚେୟାରମ୍ୟାନ ମହେନ୍ଦ୍ରନାଥ ବେହେରା ଯାଇ ତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେଇଛନ୍ତି।

● ଜାଭେଦ୍ ଅଖ୍‌ତର ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ

'ସଭ୍ୟତାର ମୂଲ୍ୟବୋଧ ଶିଖାଏ ସାହିତ୍ୟ'

ଭୁବନେଶ୍ୱର ୨୯।୧୧(ସଂଚାର ବ୍ୟୁରୋ) : ସୋଆ ସାହିତ୍ୟ ସମ୍ମାନ ୨୦୨୫ ମହାକୁମ୍ଭରେ ଜାଭେଦ ଅଖତରଙ୍କ ବଡ଼ ବୟାନ। 'ଏହି ଧରାପୃଷ୍ଠରୁ ସାହିତ୍ୟ, ସଂସ୍କୃତିର ସୃଷ୍ଟି। ସେଥିପାଇଁ ସମସ୍ତେ ମାତୃଭାଷା ଶିଖିବା ଜରୁରୀ। ସବୁ ଜିନିଷ ଯାନ୍ତ୍ରିକ ହେବା ଜରୁରୀ ନୁହଁ। ଏଆଇ ଭିତରେ ଭାବପ୍ରବଣତା କି ସୃଜନଶୀଳତା ନାହିଁ। ଏଆଇ ଡାଟାର ପରିସୀମା ଭିତରେ ବନ୍ଧା। ନିଜ ଭିତରେ ସୃଜନଶୀଳତା ସୃଷ୍ଟି କରିବା ପାଇଁ ପାଗଳାମୀ ଆବଶ୍ୟକ।

ଜାଭେଦ ଅଖତର ଆହୁରି ମଧ୍ୟ କହିଛନ୍ତି ଯେ, ଭାବନାତ୍ମକ ଅଭିବୃଦ୍ଧି ସିଡି ଭଳି ହେବା ଉଚିତ୍। ଆମ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆସିବା ଜରୁରୀ। ଏହା ଆମ ପିଲାଙ୍କ ସୃଜନାଶୀଳତାକୁ ମାରି ଦେଉଛି। ଆମ ଭାଷା, ସାହିତ୍ୟ, ସଂସ୍କୃତି ସହ ପିଲାମାନେ ଯୋଡ଼ି ହୁଅନ୍ତୁ। ଭୌତିକ ଲାଭ ପଛରେ ଦୌଡ଼ି ଆମେ ମୂଳକୁ ଭୁଲି ଗଲୁଣି। ଆମର ଭାଷା, ସାହିତ୍ୟ, ସଂସ୍କୃତି ପଛରେ ରହିଯାଇଛି। ଏସବୁ ବିଷୟରେ ଯୁବଗୋଷ୍ଠୀ ଅବଗତ ହେବା ଜରୁରୀ। ସାହିତ୍ୟ ମହାକୁମ୍ଭ ସଭ୍ୟତା ସହ ଯୋଡ଼ି ହେବାର ସୁଯୋଗ। ଗଛ ଯେତେ ବଡ଼ ହେଉନା କାହିଁକି ମୂଳ ସୁଦୃଢ଼ ରହିବା ଦରକାର।'

ବର୍ତ୍ତମାନ ସମୟରେ ଇଂରାଜୀ ଶିଖିବା ଜରୁରୀ। ଯେଉଁ ଅଭିଭାବକମାନେ ନିଜ ପିଲାମାନଙ୍କୁ ଇଂରାଜୀ ଶିଖାଇ ପାରୁନାହାନ୍ତି ସେମାନେ ବଡ଼ ଭୁଲ୍ କରୁଛନ୍ତି। ସେହିପରି ଯେଉଁମାନେ ମାତୃଭାଷା ଶିଖାଇ ପାରୁନାହାନ୍ତି ସେମାନେ ବି ବଡ଼ ଭୁଲ୍ କରୁଛନ୍ତି। କାରଣ ମାତୃଭାଷା ଠାରୁ ବଡ଼ କିଛି ନାହିଁ। ଇଂରାଜୀ ଶିଖିବା ଉଚିତ୍ କିନ୍ତୁ ମାତୃଭାଷା ବି ସେତିକି ଜରୁରୀ। ପିଲାମାନେ ବହୁଭାଷୀ ହେବା ଜରୁରୀ। ଦୁଇଦିନିଆ ଲିଟେରାରୀ ଫେଷ୍ଟିଭାଲକୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶବ୍ଦର ଯାଦୁଗର ଜାଭେଦ୍ ଅଖ୍‌ତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର କୋଣ ଅନୁକୋଣରୁ ପ୍ରାୟ ୧୦୦ରୁ ଅଧିକ ବିଶିଷ୍ଟ ଲେଖକ, କବି, ଚିତ୍ରକର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିତ୍ରକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି।

● ଧାନକିଣା ନେଇ ମନ୍ତ୍ରୀଙ୍କ ସମୀକ୍ଷା

ସହଯୋଗ କରିବ ମିଲର୍ସ ଆସୋସିଏସନ୍

ଭୁବନେଶ୍ୱର,୨୯।୧୧(ସଂଚାର ବ୍ୟୁରୋ): ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ନେଇ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରିବା ସହ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ ଉପରେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏତଦବ୍ୟତୀତ ମିଲର୍ସମାନେ ଏହି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇ ସହଯୋଗ ଜାରି ରଖିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିବା ଜଣାପିଛି। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଓଡିଶା ରାଇସ ମିଲର୍ସ ଆସୋସିଏସନ କର୍ମକର୍ତ୍ତାମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଧାନ ସଂଗ୍ରହ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଧାନ ସଂଗ୍ରହ କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ମିଲର୍ସ ସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ଚକ୍ରବର୍ତ୍ତୀ, ଓଡିଶା ରାଇସ ମିଲର୍ସ ଆସୋସିଏସନ ସଭାପତି ମହେଶ କୁମାର ବଂଶଲ, ସାଧାରଣ ସମ୍ପାଦକ ଶ୍ରୀ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

● କ୍ରୁଟକୁ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାର

୨୦୨୬ ଅକ୍ଟୋବରରେ ୟୁଏମ୍‌ଆଇ ସମ୍ମିଳନୀ: ମନ୍ତ୍ରୀ

ଭୁବନେଶ୍ୱର: ୨୯।୧୧(ସଂଚାର ବ୍ୟୁରୋ): ଆଧୁନିକ ଏବଂ ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନରେ ଏହାର ପାଦଚିହ୍ନକୁ ସୁଦୃଢ଼ କରି, ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ (କ୍ରୁଟ) କୁ ୧୮ ତମ ସହରାଞ୍ଚଳ ଗତିଶୀଳତା ଭାରତ ସମ୍ମିଳନୀରେ ଏକ ସ୍ୱତନ୍ତ୍ର ଉଲ୍ଲେଖ ପୁରସ୍କାରରେ ସମ୍ମାନିତ କରାଯାଇଛି। ଗଣମାଧ୍ୟମ ସହିତ ଏହି ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି ଯେ, ଓଡ଼ିଶା ୨୦୨୬ ଅକ୍ଟୋବର ଶେଷ ସପ୍ତାହରେ ୧୯ ତମ ସହରାଞ୍ଚଳ ଗତିଶୀଳତା ଭାରତ ସମ୍ମିଳନୀଗର୍ବର ସହିତ ଆୟୋଜନ କରିବ। ଗଣମାଧ୍ୟମ ସହିତ କଥାବାର୍ତ୍ତା ଅବସରରେ ଡକ୍ଟର ମହାପାତ୍ର ଆଲୋକପାତ କରିଥିଲେ ଯେ, ଆମ ବସ୍ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ ସାର୍ବଜନୀନ ପରିବହନ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖୁଛି। ବର୍ତ୍ତମାନ ସାରା ଓଡ଼ିଶାରେ ୬୭୦ ଟି ଆମ ବସ୍ ଚାଲୁଛି, ଯେଉଁଥିରେ ୨୨୦ ଟି ଇଲେକ୍ଟ୍ରିକ୍ ବସ୍ ସାମିଲ ଅଛି। ବହୁତ ଶୀଘ୍ର, ସହରାଞ୍ଚଳ ସଂଯୋଗୀକରଣକୁ ଆହୁରି ଉନ୍ନତ କରିବା ପାଇଁ ଛଅଟି ନୂତନ ସହରକୁ ଇଲେକ୍ଟ୍ରିକ୍ ବସ୍ ବିସ୍ତାର କରାଯିବ ବୋଲି ସେ କହିଛନ୍ତି। ଡକ୍ଟର ମହାପାତ୍ର ସୂଚନା ଦେଇଛନ୍ତି ଯେ ଆମବସ୍ ବର୍ତ୍ତମାନ ୧୩୯୯ କିଲୋମିଟର ପରିବ୍ୟାପ୍ତ ୧୧୩ ଟି ରୁଟରେ ଚାଲୁଛି, ଯାହା ପ୍ରତିଦିନ ହଜାର ହଜାର ଯାତ୍ରୀଙ୍କୁ ସେବା ଯୋଗାଇଥାଏ। ଯାତ୍ରୀମାନଙ୍କୁ ଉତ୍ସାହିତ କରିବା ଏବଂ ଡିଜିଟାଲ୍ ଟିକେଟିଂକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅନଲାଇନ୍ ଟିକେଟ୍ ବୁକିଂରେ ୧୦% ରିହାତି ପ୍ରଦାନ କରିଛନ୍ତି, ଯେତେବେଳେ ମହିଳା ଯାତ୍ରୀମାନେ ୧୫% ରିହାତି ପାଉଛନ୍ତି।

ଆସିବ ସ୍ୱତନ୍ତ୍ର ଗୋ-ସୁରକ୍ଷା ଆଇନ

ଭୁବନେଶ୍ୱର, ୨୯।୧୧(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଗୋ-ମାତାର ସୁରକ୍ଷା ନେଇ କୌଣସି ପ୍ରକାର ସାଲିସ କରିପାରିବେ ନାହିଁ । ଏଥି ସହିତ ରାଜ୍ୟରେ ବେଆଇନ କଂସେଇଖାନା ଓ ଗୋତାଲାଣକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କାରାଯିବ । ଏହାକୁ କାର୍ଯ୍ୟକାରି କରିବା ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ଗୋ-ସୁରକ୍ଷା ଆଇନ ଆଣିବାକୁ ଗମ୍ଭୀରତା ସହ ଚିନ୍ତା କରୁଛନ୍ତି । ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ଏହାର ସ୍ପଷ୍ଟ ଚିତ୍ର ଆସିବାର ସମ୍ଭାବନା ଅଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଗୋ-ସୁରକ୍ଷା ନେଇ ଅନୁଷ୍ଠିତ ଆଲୋଚନାରେ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ବାବୁ ସିଂ, ବିଧାୟକ ହିମାଂଶୁ ଶେଖର ସାହୁ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଭିଜିଲାନ୍ସ ଜାଲରେ କୁଏରମାଣ୍ଡୁ ପିଇଓ

ଫୁଲବାଣୀ ,୨୯।୧୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରମାଣ୍ଡୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନାୟକ ନାୟକଙ୍କୁ ପଞ୍ଚାୟତ ଅର୍ଥ ହଡ଼ପ ଅଭିଯୋଗରେ ଗିରଫ କରିଛି ଭିଜିଲାନ୍ସ ବିଭାଗ। ବିନାୟକଙ୍କ ନିଜ ଘର ରାଇକିଆ ବ୍ଲକ ହାଟପଦା ଅଞ୍ଚଳରେ ହୋଇଥିବା ବେଳେ ସେ ଫିରିଙ୍ଗିଆ ବ୍ଲକର କୁଏରମାଣ୍ଡୁ ପଞ୍ଚାୟତରେ କାର୍ଯ୍ୟରତ ଥିଲେ। ଦୀର୍ଘଦିନ ହେବ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉନଥିବା ଅଭିଯୋଗ ହୋଇ ଆସୁଥିଲା । ବିନାୟକ ନାୟକ ଗତ ୧୧/୨/୨୦୨୫ ମସିହାରେ କୁଏର ମାଣ୍ଡୁ ପଞ୍ଚାୟତର ସିଏଫସି ଅର୍ଥ ଅନୁଦାନରେ ଏକ କାର୍ଯ୍ୟକୁ ନେଇଁ ୧୨ ଲକ୍ଷ ୮୭ ହଜାର ୨ ସହ ୧ ଟଙ୍କା ଅର୍ଥ ଆତ୍ମସାତ କରିଥିବା ନେଇଁ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ଭିଜିଲାନ୍ସ ବିଭାଗର ଡିଏସପି ହେମନ୍ତ କୁମାର ମହାନ୍ତି ଏବଂ ଟିମ ବିନାୟକଙ୍କୁ ଫୁଲବାଣୀ ଟାଉନ ଅଞ୍ଚଳରୁ ଗିରଫ କରିଥିବା ସୂଚନା ମିଳିଛି । ଘଟଣାକୁ ନେଇଁ ଭିଜିଲାନ୍ସ ବିଭାଗରେ ୧୮/୨୦୨୫ ରେ ଏକ ମାମଲା ରୁଜୁ ହୋଇଥିବା ଭିଜିଲାନ୍ସ ବିଭାଗ ତରଫରୁ ସୂଚନା ମିଳିଛି।

● ଝାରସୁଗୁଡ଼ା ସଶସ୍ତ୍ର ଡକାୟତି ମାମଲା

୨ ନାବାଳକ, ମହିଳା ସମେତ ୧୦ ଗିରଫ

ଝାରସୁଗୁଡ଼ା,୨୯।୧୧ (ସଂଚାର ବ୍ୟୁରୋ): ଗତ ସପ୍ତାହରେ ଝାରସୁଗୁଡ଼ା ସହରରେ ଜଣେ ବ୍ୟବସାୟୀଙ୍କୁ ଯୋଜନାବଦ୍ଧ ଭାବେ ଆକ୍ରମଣ କରି ସଶସ୍ତ୍ର ଡକାୟତି କରାଯିବା ଘଟଣାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଝାରସୁଗୁଡ଼ା ପୁଲିସ ଦୁଇ ଜଣ ନାବାଳକ ଓ ଜଣେ ମହିଳାଙ୍କ ସମେତ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥି ସହିତ ପୁଲିସ ନଗଦ ଟଙ୍କା, ସୁନାରୁପା, ଦେଶୀବନ୍ଧୁକ, କାର, ବାଇକ୍ ଓ ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାରର ଭୋଜପୁରର ସଂଜୟ ସିଂହ (୫୩), ଝାରସୁଗୁଡ଼ାରେ ରହୁଥିବା ବୌଦ୍ଧର ରାଧାକାନ୍ତ କହଁର (୩୮), ଝାରସୁଗୁଡ଼ା ସଦର ଥାନା ବମ୍ବେ ଛକର ଅଶୋକ ପଣ୍ଡା (୫୮), କଟକ ଜିଲ୍ଲା ନେମାଳର ଜଗବନ୍ଧୁ ବେହେରା (୫୬), ଜଗତସିଂହପୁର ଜିଲ୍ଲା ପାରାଦୀପର କାହାଚରଣ ସ୍ୱାଇଁ (୩୨) ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ଆନନ୍ଦ ରାୟ (୨୪), ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲର ଜିତେନ୍ଦ୍ର ସାହୁ (୩୦), ବେଲପଡ଼ା ପିଙ୍କି ଓରଫ ସୁଶୀଳା ମେହେରା (୩୦)। ଜବତ ହୋଇଥିବା ସାମଗ୍ରୀ-ନଗଦ ୩୭,୨୭,୦୦୦ ଟଙ୍କା, ସୁନା ୫୨୧ ଗ୍ରାମ, ରୁପା: ୧୪.୩୨ କିଲୋ, ଦେଶୀ ବନ୍ଧୁକ ୩ଟି, ଜୀବନ୍ତ ଗୁଳି: ୧୨ଟି, ଛୁରୀ ୨ଟି, ବାହନ ୨ଟି କାର, ୨ଟି ସ୍କୁଟି, ୧ଟି ବାଇକ୍, ୨ଟି ମୋବାଇଲ ଫୋନ୍‌ଏ ଉଦ୍ଧାର କରାଯାଇଥିବା ଏସ୍‌ପି କହିଛନ୍ତି।

ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଗୁଞ୍ଜାଲା ରାଘବେନ୍ଦ୍ର ରେଡ୍ଡୀ କହିଛନ୍ତି, ଗତ ୧୯ ତାରିଖ ରାତିରେ ସ୍ଥାନୀୟ ବିନାୟକପୁରମ ଗଳିସ୍ଥିତ ପାନମସଲା ବ୍ୟବସାୟୀ ମୁକେଶ ବୁଚୱାନୀଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଥିଲା। ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପରିବାର ସଦସ୍ୟଙ୍କୁ ବନ୍ଧକ ରଖିବା ସହିତ ଶ୍ରୀ ବୁଚୱାନୀଙ୍କୁ ଛୁରାମାଡ଼ କରି ତମାମ ଟଙ୍କା, ଗହଣା ଲୁଟ କରି ନେଇଥିଲେ। ଏନେଇ ଅଭିଯୋଗ ହେଲା ପରେ ୧୦ରୁ ଅଧିକ ଟିମ୍ ପଡ଼ୋଶୀ ଜିଲ୍ଲା ଓ ରାଜ୍ୟ ବାହାରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସପଳ ହୋଇଛ। ଏହି ଘଟଣାର ମାଷ୍ଟରମାଇଣ୍ଡ ହେଉଛି ଅଶୋକ ପଣ୍ଡା ଥିଲା।

ଭଦ୍ରକରେ ବିଜେଡିକୁ ଝଟକା

ଦୁଇ ବ୍ଲକ୍ ଅଧ୍ୟକ୍ଷାଙ୍କ ଇସ୍ତଫା

ଭଦ୍ରକ,୨୯।୧୧(ସଂଚାର ବ୍ୟୁରୋ): ଭଦ୍ରକରେ ବିଜେଡିକୁ ଲାଗିଛି ଡବଲ ଝଟକା। ଗୋଟିଏ ଦିନରେ ଇସ୍ତଫା ଦେଲେ ଦୁଇ ବ୍ଲକ୍ ଅଧ୍ୟକ୍ଷା। ବ୍ୟକ୍ତିଗତ କାରଣ ଦର୍ଶାଇ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଇସ୍ତଫା ଉର୍ମିଳା ନାୟକ ଇସ୍ତଫା ଦେଇଛନ୍ତି। ସେହିଭଳି ଭଞ୍ଜାରୀପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତି ସେଠୀ ମଧ୍ୟ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଛନ୍ତି। ଉଭୟ ଭଦ୍ରକ ଜିଲ୍ଲା ବିଜେଡି ସଭାପତିଙ୍କୁ ଇସ୍ତଫା ପତ୍ର ପଠାଇଥିବା ଜଣାପଡ଼ିଛି। ଏହା ପୂର୍ବରୁ ମଧ୍ୟ ଶନିବାର ବନ୍ଧ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଇସ୍ତଫା ଦେଇଛନ୍ତି। ଅବଶ୍ୟ ତାଙ୍କ ନାଁରେ ବିଜେଡି ହିଁ ଅଭିଯୋଗ ଆଣିଥିଲା। ଦଳ ଅଭିଯୋଗ କରିଥିଲା ଯେ, ବନ୍ଧ ପଞ୍ଚାୟତ ସମିତି ଅଧ

ଭାରତ-ଆମେରିକା ମଧ୍ୟରେ ୭,୯୯୫ କୋଟିର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ, ୨୯।୧୧: ଭାରତ ଏବଂ ଆମେରିକା ଶୁକ୍ରବାର ୭,୯୯୫ କୋଟି ଟଙ୍କା (୧.୭ ବିଲିୟନ ଆମେରିକୀୟ ଡଲାର) ମୂଲ୍ୟର ଏକ ପ୍ରମୁଖ ପ୍ରତିରକ୍ଷା ଚୁକ୍ତି କରିଛନ୍ତି। ଏହି ଚୁକ୍ତି ଭାରତୀୟ ନୌସେନାର ଏମଏଚ-୬୦ଆର ମଲ୍ଟି ରୋଲ ହେଲିକପ୍ଟର ରକ୍ଷଣାବେକ୍ଷଣ ଏବଂ ସପୋର୍ଟ ସିଷ୍ଟମକୁ ସୁଦୃଢ଼ କରିବା ପାଇଁ ହୋଇଛି। ଏହି ଚୁକ୍ତି ୫ ବର୍ଷ ପାଇଁ ହୋଇଛି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

ଏହି ହେଲିକପ୍ଟରଗୁଡ଼ିକ ସେମାନଙ୍କର ଉନ୍ନତ ଟେକ୍ନୋଲୋଜୀ, ଆଣ୍ଟି ସବମରିନ କ୍ଷମତା ଏବଂ ସାମୁଦ୍ରିକ ମିଶନରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଜଣାଶୁଣା। ତେଣୁ ଏଗୁଡ଼ିକର ରକ୍ଷଣାବେକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ଚୁକ୍ତିନାମା ଆମେରିକାର ଫରେନ ମିଲିଟାରି ସେଲ୍ସ ପ୍ରୋଗ୍ରାମ କାର୍ଯ୍ୟକ୍ରମ ଅଧୀନରେ ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅନୁସାରେ, ସ୍ପେୟାର ପାର୍ଟସର ଯୋଗାଣ, ସହାୟକ ଉପକରଣର ଉପଲବ୍ଧତା, ଉତ୍ପାଦନ ସହାୟତା, ଯାନ୍ତ୍ରିକ ସହାୟତା, ପ୍ରଶିକ୍ଷଣ ସୁବିଧା ଓ ଅତ୍ୟାବଶ୍ୟକ ପାର୍ଟସର ମରାମତି ଏବଂ ପୁନଃ ଯୋଗାଣ ଆଦି ଡିଲ୍ ସାମିଲ୍ ରହିଛି। ଏହି ଚୁକ୍ତି ଅନୁସାରେ ଭାରତର ମରାମତି ଏବଂ ରକ୍ଷଣାବେକ୍ଷଣ ସୁବିଧା ସ୍ଥାପନ କରାଯିବ। ଭାରତ ଏହାର ପୁରୁଣା ନୌସେନା ହେଲିକପ୍ଟର ଶ୍ରେଣୀକୁ ଆଧୁନିକୀକରଣ କରିବା ପାଇଁ ୨୦୨୦ ମସିହାରେ ଆମେରିକାରୁ ପ୍ରାୟ ୧୭,୫୦୦ କୋଟି ମୂଲ୍ୟର ୨୪ଟି ଲକହିଡ୍ ମାର୍ଟିନ୍-ସିକୋର୍ସ୍କି ଏମଏଚ-୬୦ଆର ମଲ୍ଟି-ରୋଲ୍ ହେଲିକପ୍ଟର ଅର୍ଡର କରିଥିଲା। ଏଥିମଧ୍ୟରୁ ପନ୍ଦରଟି ଆସିଯାଇଛି। ଅବଶିଷ୍ଟ ବିମାନଗୁଡ଼ିକ ଆସନ୍ତା ବର୍ଷ ଆସିବ ବୋଲି ନୌସେନା ଅଧିକାରୀମାନେ କହିଛନ୍ତି। ତେଣୁ ଏସବୁ ହେଲିକପ୍ଟର ଯତ୍ନ ପାଇଁ ଏହି ଡିଲ୍ ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଛି।

ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୯,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୯,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୯,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୯,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୯,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୯,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୦,୬୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୯,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୯,୮୨୦ ଓ ୧,୧୯,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୬,୦୦୦ ଟଙ୍କା ହୋଇଛି।

ଭାରତର ଜିଡିପି ଡାଟାରେ ତ୍ରୁଟି ଥିବା କହିଲା ଆଇଏମ୍ଏଫ୍

ନ୍ୟାସନାଲ ଆକାଉଣ୍ଟ ଡାଟାକୁ ଦେଲା ସି ଗ୍ରେଡ୍

ନୂଆଦିଲ୍ଲୀ, ୨୯।୧୧: ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ) ଭାରତୀୟ ଅର୍ଥନୀତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଏହାର ବାର୍ଷିକ ସମୀକ୍ଷାରେ, ଆଇଏମ୍ଏଫ୍ ଭାରତର ନ୍ୟାସନାଲ ଆକାଉଣ୍ଟ ତଥ୍ୟରେ ଗମ୍ଭୀର ତ୍ରୁଟି ଥିବା ଉଲ୍ଲେଖ କରି ଏହାକୁ ସି ଗ୍ରେଡ୍ ଦେଇଛି। ଆକଳନର କ୍ୱାଲିଟି ଦୃଷ୍ଟିରୁ ଦେଖିଲେ ଏହାକୁ ଦ୍ୱିତୀୟ ସବୁଠାରୁ ଖରାପ ସ୍ତର ଭାବରେ ବିବେଚନା କରାଯାଏ। ଭାରତର ନ୍ୟାସନାଲ ଆକାଉଣ୍ଟ ଷ୍ଟାଟିଷ୍ଟିକ୍ସରେ ଜିଡିପି ଓ ଗ୍ରସ ଭାଲ୍ୟୁ ଆଡେଡ୍ ଭଳି ଡାଟା ରହିଥାଏ। ଆଇଏମ୍ଏଫ୍‌ରେ ଏହି ଛାଟ ପରେ ଭାରତର ଜିଡିପି ଆକଳନ ନେଇ ସନ୍ଦେହ ପ୍ରକାଶ ପାଇଛି।

ଅନ୍ତର୍ଜାତୀୟ ଆର୍ଥିକ ଅନୁଷ୍ଠାନ ଭାରତର ଅର୍ଥନୈତିକ ଢାଞ୍ଚାର ବାର୍ଷିକ ସମୀକ୍ଷାରେ କହିଛି ଯେ ନିମ୍ନ ଗ୍ରେଡର ଅର୍ଥ ହେଉଛି ଉପଲବ୍ଧ ତଥ୍ୟରେ କିଛି ତ୍ରୁଟି ଅଛି ଯାହା ଭଲ ଭାବରେ ନିରୀକ୍ଷଣ କରିବାରେ ବାଧା ସୃଷ୍ଟି କରୁଛି। ଏଥିରେ କୁହାଯାଇଛି ଯେ ଯଦିଓ ନ୍ୟାସନାଲ ଆକାଉଣ୍ଟସ୍ ତଥ୍ୟ "ପର୍ଯ୍ୟାପ୍ତ ଫ୍ରିକ୍ୱେନ୍ସି ଏବଂ ସମୟ ଅନୁସାରେ ଉପଲବ୍ଧ ଅଛି ଏବଂ ପ୍ରଚୁର ବିବରଣୀ ପ୍ରଦାନ କରେ।" ତେବେ ପଦ୍ଧତିଗତ ଦୁର୍ବଳତା "ସର୍ଭିଲାନ୍ସରେ କିଛିଟା ବାଧା ସୃଷ୍ଟି କରେ। ଏ କ୍ଷେତ୍ରରେ ନ୍ୟାସନାଲ ଆକାଉଣ୍ଟସ୍ ପାଇଁ ସାମଗ୍ରିକ ସେକ୍ଟୋରାଲ ରେଟିଂ ସି ଦିଆଯାଏ। ଆଇଏମ୍ଏଫ ଏହାର ଯାଞ୍ଚରେ ଉଲ୍ଲେଖ କରିଛି ଯେ ଭାରତର ନ୍ୟାସନାଲ ଆକାଉଣ୍ଟ ହିସାବ ଏବଂ ମୁଦ୍ରାସ୍ଫୀତି ତଥ୍ୟ ଅନୌପଚାରିକ କ୍ଷେତ୍ର ଏବଂ ଲୋକଙ୍କ ଖର୍ଚ୍ଚ ଢାଞ୍ଚା ଭଳି ପ୍ରମୁଖ ଦିଗଗୁଡ଼ିକୁ ପର୍ଯ୍ୟାପ୍ତ ଭାବରେ ଗ୍ରହଣ କରୁନାହିଁ। ତେଣୁ ଡାଟାରେ ଠିକ୍ ଭାବେ ଗ୍ରହଣ କରାଯାଉ ନାହିଁ ବୋଲି ଆଇଏମ୍ଏଫ୍ କହିଛି।

ଆମାଜନ ଓ ଫ୍ଲିପକାର୍ଟ ଏବେ ବାଙ୍କିବେ ଋଣ

ସାଧାରଣ ଗ୍ରାହକ ଓ ଛୋଟ ବ୍ୟବସାୟୀଙ୍କୁ ମିଳିବ ସୁବିଧା

ନୂଆଦିଲ୍ଲୀ ୨୮।୧୧: ଆମାଜନ ଓ ଫ୍ଲିପକାର୍ଟ ଏବେ ଫାଇନାନ୍ସିଆଲ ମାର୍କେଟରେ ଏଣ୍ଟ୍ରି କରିବାକୁ ପ୍ରସ୍ତୁତ । ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁସାରେ ଏବେ ଉଭୟ ପ୍ଲାଟଫର୍ମ ଲୋନ ବିତରଣ କରିବାକୁ ବ୍ୟବସ୍ଥା କରୁଛନ୍ତି। ଏଥିରେ ଆମାଜନ ଭାରତରେ ଛୋଟ ବିଜନେସ୍ କୁ ଆର୍ଥିକ ସମର୍ଥନ କରିବାକୁ ଯୋଜନା କରିଥିବା ବେଳେ ଫ୍ଲିପକାର୍ଟ ଏବେ କିଣନ୍ତୁ ଓ ପରେ ପୈଠ କରନ୍ତୁ (ବିଏନପିଏଲ) ଯୋଜନା ନେଇ ବିଚାର କରୁଛି। ଆମାଜନ ଚଳିତବର୍ଷ ପ୍ରାରମ୍ଭରେ ବେଙ୍ଗାଲୁରୁର ନନବ୍ୟାଙ୍କ ଲେଣ୍ଡର ଆକ୍ସିଓ କୁ କ୍ରୟ କରିଥିଲା। ଏବେ ବିଏନପିଏଲ ଓ ପର୍ସନାଲ ଲୋନ ଉପରେ ଫୋକସ କରୁଥିବା ଏକ୍ସିଓ ପୁଣି ଛୋଟ ବିଜନେସ୍ କୁ କ୍ରେଡିଟ୍ ଦେବା ଆରମ୍ଭ କରିବ ଓ କ୍ୟାସ୍ ମ୍ୟାନେଜମେଣ୍ଟ ସଲ୍ୟୁସନ ମଧ୍ୟ ଆରମ୍ଭ କରିବ। ଆମାଜନ ପେମେଣ୍ଟସ୍ ର ଭାଇସ୍ ପ୍ରେସିଡେଣ୍ଟ ମହେନ୍ଦ୍ର ନେରୁରକର କହିଛନ୍ତି ଯେ କମ୍ପାନୀ ବ୍ୟବସାୟୀ ଓ ଛୋଟ ବିଜନେସ୍ ଲାଗି 'ଖାସ ଋଣ ଦେବା ନିମନ୍ତେ ଉପାୟ ଡିଜାଇନ କରିବ'। ଏହା ଦ୍ୱାରା କ୍ୟାସ୍ ଫ୍ଲୋ ମ୍ୟାନେଜମେଣ୍ଟକୁ ଉନ୍ନତ କରିବା ସହ କ୍ୟାପିଟାଲ ହାସଲ କରିବାରେ ସୁବିଧା ହେବ।

ଫ୍ଲିପକାର୍ଟ ଯେଉଁଥିରେ ୱାଲମାର୍ଟର ୮୦% ଭାଗିଦାରୀ ରହିଛି ଗତ ମାର୍ଚ୍ଚରେ ତାର ନନ ବ୍ୟାଙ୍କ ଲେଣ୍ଡିଂ ବ୍ରାଞ୍ଚ 'ଫ୍ଲିପକାର୍ଟ ଫାଇନାନ୍ସ'କୁ ରେଜିଷ୍ଟର କରାଇଛି ଓ ନିଜର ବିଜନେସ୍ ପ୍ଲାନ ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ମଞ୍ଜୁରୀକୁ ଅପେକ୍ଷା କରିଛି। ଏଥି ପାଇଁ କମ୍ପାନୀ ଫାଇଲିଂରେ ଦୁଇ ପ୍ରକାରର ପ୍ଲାନ ଦେଖାଇଛି। ଏଥିରେ ଅନଲାଇନ ସପର୍ସଙ୍କ ନିମନ୍ତେ ୩ରୁ ୨୪ ମାସ ନିମନ୍ତେ ବିନା କୌଣସି ମୂଲ୍ୟରେ ମଲ୍ଟିଲା ଇନଷ୍ଟାଲମେଣ୍ଟ ଲୋନ ଓ କଞ୍ଜ୍ୟୁମର ଡ୍ୟୁରେବଲ ନିମନ୍ତେ ବାର୍ଷିକ ୧୮୦-୨୬% ସୁଧହାରରେ ଲୋନ ଯୋଜନା ରଖିଛି। କ୍ରେଡିଟ ବ୍ୟୁରୋ ସିଆରଆଇଏଫ ଅନୁସାରେ ଭାରତର କଞ୍ଜ୍ୟୁମର ଲୋନ ମାର୍କେଟ୍ ମାର୍ଚ୍ଚ ୨୦୨୦ରେ ପାଖାପାଖି ୮୦ ବିଲିୟନ ଡଲାରରୁ ବଢ଼ି ମାର୍ଚ୍ଚ ୨୦୨୫ ସୁଦ୍ଧା ପାଖାପାଖି ୨୧୨ ବିଲିୟନ ଡଲାରକୁ ପହଞ୍ଚି ଯାଇଛି। କଞ୍ଜ୍ୟୁମର ଲୋନରେ ଅନସିକ୍ୟୋର୍ଡ ପର୍ସନାଲ ଲୋନ, କ୍ରେଡିଟ କାର୍ଡ ଓ କଞ୍ଜ୍ୟୁମର ଡ୍ୟୁରେବଲ ଲାଗି ଲୋନ ସାମିଲ ରହିଛି। ଆମାଜନ ଓ ଫ୍ଲିପକାର୍ଟ ଭାରତରେ ଏପରି ଆପସ୍ ଚଳାଉଛନ୍ତି ଯାହା ଦେଶରେ ୟୁପିଆଇ ପେମେଣ୍ଟ ପାଇଁ ଉପଯୋଗ ହେଉଥିବା ଟପ ୧୦ ପ୍ଲାଟଫର୍ମରେ ସାମିଲ ରହିଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇନାହିଁ। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

ଡିସେମ୍ବରରେ ୧୮ ଦିନ ବନ୍ଦ ରହିବ ବ୍ୟାଙ୍କ

ଡିଜିଟାଲ୍ ସେବାଗୁଡ଼ିକ ଚାଲୁରହିବ

ଆଉ ଦୁଇଦିନ ପରେ ନଭେମ୍ବର ମାସ ସରିଯିବ। ଆଉ ଡିସେମ୍ବର ମାସ ଖୁବଶୀଘ୍ର ଆରମ୍ଭ ହେବ। ଡିସେମ୍ବର ମାସରେ ୧୮ ଦିନ ବ୍ୟାଙ୍କ ବନ୍ଦ ରହିବ। ଯଦି ଆପଣ ଡିସେମ୍ବରରେ କୌଣସି ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କ କାମ ରଖିଛନ୍ତି, ସେଥିପାଇଁ ଆପଣଙ୍କୁ ବ୍ୟାଙ୍କ ଛୁଟି ବିଷୟରେ ଜାଣିବାକୁ ହେବ। ଡିସେମ୍ବର ମାସ ପାଇଁ ଛୁଟି ତାଲିକା ଘୋଷଣା କରି ଆରବିଆଇ। ଏଥିରେ କିଛି ଜାତୀୟ ଆଉ କିଛି ରାଜ୍ୟଭତ୍ତିକ ପର୍ବପର୍ବାଣୀ ରହିଛି। ଛୁଟିଦିନରେ ବ୍ୟାଙ୍କ ଶାଖାଗୁଡ଼ିକ ବନ୍ଦ ରହିବ, କିନ୍ତୁ ଏଟିଏମ, ୟୁପିଆଇ, ନେଟ୍ ବ୍ୟାଙ୍କିଂ ଏବଂ ମୋବାଇଲ୍ ବ୍ୟାଙ୍କିଂ ଭଳି ଡିଜିଟାଲ୍ ସେବାଗୁଡ଼ିକ କାର୍ଯ୍ୟକ୍ଷମ ରହିବ। ଛୁଟିଦିନ ପୂର୍ବରୁ ଚେକ୍ ଜମା କରିବା କିମ୍ବା ଟଙ୍କା ଉଠାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାରିବାକୁ ନିଶ୍ଚିତ କରନ୍ତୁ।

କ୍ରେଡିଟ୍ ସ୍କୋର ନେଇ ଆର୍‌ବିଆଇର ବଡ଼ ନିଷ୍ପତ୍ତି

ପ୍ରତି ୭ ଦିନରେ ଅପ୍‌ଡେଟ୍ ହେବ କ୍ରେଡିଟ୍ ସ୍କୋର

ନୂଆଦିଲ୍ଲୀ,୨୯।୧୧: ଆସନ୍ତା ବର୍ଷ ଏପ୍ରିଲରୁ କ୍ରେଡିଟ୍ ସ୍କୋର୍ ଅପ୍‌ଡେଟ୍ ହେବା ପାଇଁ ଲମ୍ବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସମସ୍ତ କ୍ରେଡିଟ୍ ଇନ୍‌ଫର୍ମେଶନ୍ କମ୍ପାନିଙ୍କୁ ପ୍ରତି ୭ ଦିନରେ କ୍ରେଡିଟ୍ ସ୍କୋର ଅପ୍‌ଡେଟ୍ କରିବାକୁ ପଡ଼ିବ। ଏବେ ସ୍କୋର୍ ୧୫ ଦିନରେ ଥରେ ଅପ୍‌ଡେଟ୍ ହେଉଛି। ଆର୍‌ବିଆଇର ପ୍ରସ୍ତାବ ଅନୁସାରେ, ଏବେ ସିବିଲ୍ ଏବଂ ଏକ୍ସପିରିୟନ୍ ଭଳି କ୍ରେଡିଟ୍ ଇନ୍‌ଫର୍ମେଶନ୍ କମ୍ପାନି ପ୍ରତି ମାସ ୫ ଥର ଡାଟା ଅପ୍‌ଡେଟ୍ କରିବେ। ଏହି ଅପ୍‌ଡେଟ୍ ପ୍ରତି ମାସର ୭ ତାରିଖ, ୧୪ ତାରିଖ, ୨୧ ତାରିଖ, ୨୮ ତାରିଖ ଏବଂ ମାସର ଅନ୍ତିମ ତାରିଖରେ କରାଯିବ।

ଅକ୍ଟୋବରରେ ୨୦ ଲକ୍ଷ ମୋବାଇଲ୍ ଗ୍ରାହକ ଯୋଡ଼ିଲା ରିଲାଏନ୍ସ ଜିଓ

ନୂଆଦିଲ୍ଲୀ ୨୯।୧୧: ଦେଶର ଦୂରସଂଚାର କ୍ଷେତ୍ରରେ ଏକ ନମ୍ବର ସ୍ଥାନ ସୁଦୃଢ଼ କରିଛି ଜିଓ। ଦୂରସଂଚାର ନିୟାମକ ଟ୍ରାଇର ଅକ୍ଟୋବର ୨୦୨୫ ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ଜିଓ ଅନ୍ୟ ସମସ୍ତ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀଙ୍କୁ ପଛରେ ପକାଇ ଏହି ମାସରେ ଦେଶରେ ୧୯,୯୭,୮୪୩ ନୂଆ ଗ୍ରାହକ ଯୋଡ଼ି ହୋଇଛି। ଏହି ଅଭିବୃଦ୍ଧି ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ୍ ଅପେକ୍ଷା ବେଢ଼ ଗୁଣ ଅଧିକ। ଜିଓର ବଜାର ଅଂଶ ମଧ୍ୟ ୪୧.୪ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଦୂରସଂଚାର ଶିଳ୍ପରେ ସର୍ବାଧିକ। ଏହି ସମାନ ସମୟରେ ଏୟାରଟେଲ୍ ଅକ୍ଟୋବର ମାସରେ ୧୨,୫୨,୮୭୪ ନୂତନ ଗ୍ରାହକ ଯୋଡ଼ିଥିଲା। ତଥାପି, ଜିଓର ଦ୍ରୁତ ଅଭିବୃଦ୍ଧି ତୁଳନାରେ ଏୟାରଟେଲର ଅଭିବୃଦ୍ଧି ତୁଳନାତ୍ମକ ଭାବ କମ୍ ରହିଛି। ଭୋଡାଫୋନ୍ ଆଇଡିଆ ଅକ୍ଟୋବର ମାସରେ ୨୦,୮୩,୬୨୮ ଗ୍ରାହକ ହରାଇଛି। ଏହାର ଉପଭୋକ୍ତା ଆଧାର ଆହୁରି ଦୁର୍ବଳ ହୋଇଛି। ଅକ୍ଟୋବରରେ ସରକାରୀ ଉଦ୍ୟୋଗ ବିଏସଏନଏଲ୍ ୨,୬୯,୨୧୫ ଗ୍ରାହକ ଯୋଡ଼ିଥିଲେ ମଧ୍ୟ, ବିଏସଏନଏଲ୍ ଏବଂ ଏମଟିଏନଏଲ ମିଳିତ ଭାବରେ କେବଳ ୭.୯୨ ପ୍ରତିଶତ ବଜାର ଅଂଶ ହାସଲ କରିଛନ୍ତି। ଯେତେବେଳେ ଘରୋଇ କମ୍ପାନୀଙ୍କ ବଜାର ଅଂଶ ୯୨.୦୮ ପ୍ରତିଶତ ରହିଛି। ଅକ୍ଟୋବରରେ ୩୯ ଲକ୍ଷ ସକ୍ରିୟ ଉପଭୋକ୍ତା ଯୋଡ଼ି, ଜିଓ ସକ୍ରିୟ ବେସ୍ ଏବଂ ୱାୟାରଲାଇନ୍ କ୍ଷେତ୍ରରେ ମଧ୍ୟ ଶୀର୍ଷରେ ରହିଛି। ଯାହା ପୂର୍ବ ତିନି ମାସ ମଧ୍ୟରେ ଏୟାରଟେଲର ମିଳିତ ଅଭିବୃଦ୍ଧିର ତିନି ଗୁଣ। ଏଥିସହିତ ଜିଓ ୱାୟାରଲାଇନ୍ ସେଗମେଣ୍ଟରେ ପ୍ରାୟ ୪ ଗୁଣ ଅଧିକ ନେଟ୍ ଗ୍ରାହକ ଯୋଡି ରେକର୍ଡ କରିଛି। ଜିଓ ଫାଇବରର ଦ୍ରୁତ ଲୋକପ୍ରିୟତା ଏଫଡବ୍ଲ୍ୟୁଏ ବର୍ଗରେ ମଧ୍ୟ କମ୍ପାନୀକୁ ଆଗରେ ରଖିଛି। ଅକ୍ଟୋବରରେ, ସାରା ଦେଶରେ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ସେପ୍ଟେମ୍ବରରେ ୯୯୫.୬୩ ନିୟୁତରୁ ୯୯୯.୮୧ ନିୟୁତକୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧିରେ ଜିଓର ୱାୟାରଲେସ ଏବଂ ୱାୟାରଲାଇନ୍ ନେଟୱାର୍କଗୁଡିକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି।

ଆରବିଆଇର ବ୍ୟାଙ୍କିଙ୍ଗ ସଂକ୍ରାନ୍ତ ନୂଆ ନିୟମ

୯୦୦୦ରୁ ଅଧିକ ସର୍କୁଲାର ରଦ୍ଦ

ନୂଆଦିଲ୍ଲୀ,୨୯।୧୧: ଭାରତୀୟ ରିଜର୍ଭ ବ୍ୟାଙ୍କର ବଡ଼ ପରିବର୍ତ୍ତନ । ୯୦୦୦ ରୁ ଅଧିକ ପୁରୁଣା ସର୍କୁଲାରକୁ ପ୍ରତ୍ୟାହାର କରିଛି ଆରବିଆଇ। ଏହା ଦ୍ୱାରା ନିୟମାବଳୀକୁ ସରଳ କରିବା ଏବଂ ଅନୁପାଳନ ବୋଝ ହ୍ରାସ ହେବ। ଏଥିପାଇଁ ୨୪୪ ଟି ମାଷ୍ଟର ଗାଇଡଲାଇନ୍ ପ୍ରସ୍ତୁତ କରାଯାଇଛି। ଏହି ପଦକ୍ଷେପ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ନିୟମ ବୁଝିବା ଏବଂ ପାଳନ କରିବା ସହଜ କରିବ।

ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କିଙ୍ଗ ସଂକ୍ରାନ୍ତିତ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଆରବିଆଇର ଡେପୁଟି ଗର୍ଭନର ଏସସି ମୁର୍ମୁ କହିଛନ୍ତି, ଗତ ୫ ବର୍ଷରେ ଆରବିଆଇ ନିୟାମକ ଢାଞ୍ଚାକୁ ମଜବୁତ କରିବା ପାଇଁ ବ୍ୟାପକ ଅଭିଯାନ ଚଳାଇଛି। ଏହି ପକ୍ରିୟାରେ ୯,୪୪୬ ସର୍କୁଲାରକୁ ରଦ୍ଦ କରାଯାଇଛି। ପ୍ରତ୍ୟାହାର ହୋଇଥିବା ସର୍କୁଲାରଗୁଡ଼ିକ ମଧ୍ୟରୁ କିଛି ବହୁ ଦଶନ୍ଧି ପୁରୁଣା ଥିଲା, ଯାହା ମଧ୍ୟରୁ ସବୁଠାରୁ ପୁରୁଣା ୧୯୪୪ ମସିହାର ଥିଲା। ଆରବିଆଇର ଏହି ପଦକ୍ଷେପ ବ୍ୟାଙ୍କିଙ୍ଗ, ଆର୍ଥିକ କମ୍ପାନୀ ଓ ଅନ୍ୟ ବିନିୟମିତ ସଂସ୍ଥାର ବୋଝକୁ କମ୍ କରିବା ଉଦ୍ଦେଶ୍ୟରେ ତିଆରି କରାଯାଇଛି। କମର୍ସିଆଲ ବ୍ୟାଙ୍କ, ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ପେମେଣ୍ଟ ବ୍ୟାଙ୍କ, ଆରଆରବି, ସହକାରୀ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଓ କ୍ରେଡିଟ୍ ଇନଫରମେସନ୍ କମ୍ପାନୀ ରହିଛି। ଏହାକୁ ଅଲଗା ଅଲଗା ଭାବରେ ପ୍ରସ୍ତୁତ କରାଯାଇଛି। ଯାହାଫଳରେ ପ୍ରତି ସଂସ୍ଥା ସହଜରେ ବୁଝିପାରିବ କେଉଁ ନିୟମ ଲାଗୁ ହୋଇପାରିବ।

କମର୍ସିଆଲ ବ୍ୟାଙ୍କଗୁଡ଼ିକ ପାଇଁ ୩୨ ମାଷ୍ଟର ଗାଇଡଲାଇନ୍ ଜାରି କରାଯାଇଛି, ଯେଉଁଥିରେ ବ୍ୟାଙ୍କ ଲାଇସେନ୍ସିଂ ନିର୍ଦ୍ଦେଶାବଳୀ ମଧ୍ୟ ଅନ୍ତର୍ଭୁକ୍ତ। ଏବେ କେବଳ ଏହି ମାଷ୍ଟର ଗାଇଡଲାଇନ୍ ପାଳନ କରିବାକୁ ପଡ଼ିବ। ଏହାର ଅର୍ଥ ହେଉଛି ପୁରୁଣା ସର୍କୁଲାରଗୁଡ଼ିକର ଆଉ ଆବଶ୍ୟକତା ରହିବ ନାହିଁ। ଆରବିଆଇ ଡେପୁଟି ଗଭର୍ଣ୍ଣର କହିଛନ୍ତି, ବ୍ୟାଙ୍କ ଲାଇସେନ୍ସିଂ ସହିତ ଜଡିତ ବିଭିନ୍ନ ସଂସ୍ଥା ପାଇଁ ନିର୍ଦ୍ଦେଶାବଳୀକୁ ଏକୀକୃତ କ

ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି,୨୯।୧୧(ସଂଚାର ବ୍ୟୁରୋ): ସକାଳ ପ୍ରାୟ ନଅଟା ସମୟରେ ନିକଟସ୍ଥ ଜଙ୍ଗଲକୁ ଜାଳେଣିକାଠ ଆଣିବାକୁ ଯାଇଥିବା ଜନୈକ ମହିଳାଙ୍କୁ ଭାଲୁ ଆକ୍ରମଣ କରିବାରୁ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ନୀଳଗିରି ଏନଏସି ୪ନଂ ୱାର୍ଡ ମିରିଗିଣି ପଥୁରିଆସାହି ଗ୍ରାମର ଜୟୀରାମ ଦେହୁରୀ ଏବଂ ତାଙ୍କ ସ୍ତ୍ରୀ ମିନତୀ ଦେହୁରୀ (୪୦) ନିକଟସ୍ଥ ଖଣ୍ଡିଆହୁଡି ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ମିନତୀକୁ ପଛପଟୁ ଆକ୍ରମଣ କରିଥିଲା। ଫଳରେ ମହିଳାଙ୍କ ଜଙ୍ଘ ଏବଂ ମୁଣ୍ଡର ପଛପଟେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି। ତୁରନ୍ତ ମହିଳାଙ୍କ ସ୍ୱାମୀ ଏବଂ ସ୍ଥାନୀୟ ଲୋକ ଉଦ୍ଧାରକରି ନୀଳଗିରି ମେଡିକାଲ ଆଣିଥିଲେ। ଆଶୁଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ରେମୁଣା ମେଡିକାଲ କଲେଜକୁ ପଠାଇଦିଆଯାଇଛି। ମିନତୀଙ୍କ ଜଙ୍ଘହାଡ ଭାଙ୍ଗିଯାଇଥିବା ବେଳେ ଖପୁରୀ ଉପୁଡ଼ିଯାଇଥିବା ସ୍ଥାନୀୟ କାଉନସିଲର ତଥା ନୀଳଗିରି ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଉକ୍ତ ପରିବାର ଅତ୍ୟନ୍ତ ଗରିବଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ବନବିଭାଗକୁ ଅନୁରୋଧ କରିଥିବା ବେଳେ ଖବର ପାଇ ନିଳଗିରି ବନ ଅଧିକାରୀ ମନୱାର ଖାଁ କର୍ମଚାରୀଙ୍କୁ ମେଡ଼ିକାଲକୁ ପଠାଇ ତଦନ୍ତ କରିଛନ୍ତି।

ଫେଲ୍ ମାରିଲା ବସୁଧା ଯୋଜନା

ଝରଣା ପାଣି ଭରସାରେ ଗ୍ରାମବାସୀ

ମାଲକାନଗିରି ,୨୯।୧୧(ସଂଚାର ବ୍ୟୁରୋ): ଗାଁ ଗୁଡ଼ିକର ବିକାଶ ପାଇଁ ସରକାରଙ୍କ ରହିଛି ଅନେକ ଯୋଜନା , ଏଥି ମଧ୍ୟରୁ ବସୁଧା ଯୋଜନା ଗୋଟିଏ। ବସୁଧା ଯୋଜନାରେ ଗାଁକୁ ବିଶୁଦ୍ଧ ପାଣି ଯୋଗାଇବା ପାଇଁ କୋଟି କୋଟି ଖର୍ଚ୍ଚ କରାଯାଉଛି । ହେଲେ ପ୍ରାଶାସନିକ ଅବହେଳା ଯୋଗୁଁ ଆଜି ବି ଅନେକ ଦୁର୍ଗମ ଗାଁରେ ପାଣି ଟୋପେ ମିଳୁନି । ଆମେ କହୁଛୁ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ କାନାଗୁଡ଼ା ଗାଁ । ଏହି ଗାଁରେ ବସୁଧା ଯୋଜନା ଫେଲ ମାରିଥିବା ବେଳେ ଝରଣା ପାଣି ଭରସାରେ ଦିନ କାଟୁଛନ୍ତି ଲୋକ । ପାହାଡ଼ିଆ ରାସ୍ତାରେ ଗରା ଧରି ଚାଲିଛନ୍ତି ମହିଳା । ଏମିତି ୧ କିମି ଚାଲିଲେ ପଡ଼ିବ ପାହାଡ଼। ଏହାରି ତଳେ ଝରଣାରୁ ପାଣି ନେଲେ ମେଣ୍ଟିବ ଶୋଷ । ଆଉ ପୋଖରୀ ପାଣିରେ ହେବ ବାସନକୁସନ ଧୁଆ । ଝରଣା ପାଣି କେତେ ପାନୀୟ ଉପଯୋଗୀ ତା' ବି ଦୁର୍ଗମ ମଣିଷକୁ ଜଣାନାହିଁ । ହେଲେ କିଛି ବିକଳ୍ପ ନପାଇ ଝରଣା ଉପରେ ଭରସା କରିଛନ୍ତି କାଲିମେଳା ବ୍ଲକର କାନାଗୁଡ଼ାର ୨ଶହରୁ ଅଧିକ କୋୟା ଜନଜାତିର ଲୋକ ।

ଅଭିନେତା ହେବାର ସ୍ୱପ୍ନ ଦେଖିଛନ୍ତି ଶିଶୁ କଳାକାର ଆୟୁଷ

- ନାଟ୍ୟ କର୍ମଶାଳାରେ ନାଟକ ଦେଖି ମଞ୍ଚରେ ଅଭିନୟ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲେ

ବାରିପଦା,୨୯।୧୧(ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ନାଟ୍ୟସଙ୍ଘର ମିଳିତ ଆନୁକୂଲ୍ୟରେ ତଥା ବାରିପଦା କଳାକାର ପରିବାରର ସହଯୋଗରେ ବାରିପଦାରେ ଏକ ୧୫ ଦିନିଆ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ଧୀର ବସାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ତାଲିମ ନେଇଥିବା ୨୦ ଜଣ ଯୁବକ ଯୁବତୀଙ୍କୁ ନେଇ ଏକ ନାଟକ ସହିଦ ଭବନରେ ମଞ୍ଚସ୍ଥ ହୋଇଥିଲା। ଏହି କର୍ମଶାଳାରେ ସର୍ବକନିଷ୍ଠ ଶିକ୍ଷା ନବିଶ ଆୟୁଷ କୁମାର ଗିରି ଜୀବନରେ ପ୍ରଥମ ଅଭିନୟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟ ଦ୍ୱାରା ଆୟୋଜିତ ଏକକ ଅଭିନୟ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ହାତରେ ପୁରସ୍କୃତ ହୋଇଥିଲେ। ପ୍ରକାଶ ଥାଉକି ଆୟୁଷ ସର୍ବପ୍ରଥମେ ନାଟ୍ୟ କର୍ମଶାଳା ରେ ହିଁ ନାଟକ ଦେଖିଲେ ଓ ନାଟକ ପ୍ରତି ଆଗ୍ରହୀ ହେଲେ। ଏହି ପୁରସ୍କାର ପାଇବା ପରେ ସେ ଜଣେ ଅଭିନେତା ହେବାର ସ୍ୱପ୍ନ ଦେଖିଛନ୍ତି ।

ପୌର ପ୍ରଶାସନ ପକ୍ଷରୁ ଭଙ୍ଗା ହେଲା ୪ ଗୋଟି ବିପଦସଙ୍କୁଳ କ୍ୱାର୍ଟର୍

ସୁବର୍ଣ୍ଣପୁର,୨୯।୧୧(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀ ଙ୍କ ମନ୍ଦିର ସମ୍ମୁଖରେ ଥିବା ଚାରି ଗୋଟି ବିପଦ ସଙ୍କୁଳ ସରକାରୀ ବାସ ଭବନକୁ ଆଜି ଜିଲ୍ଲା ତଥା ପୌର ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି । ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀଙ୍କ ଉପସ୍ଥିତି ରେ ଆଜି ଏହି ଘର ସବୁ ଭଙ୍ଗା ଯାଇଛି । ବିପଦ ସଙ୍କୁଳ ଘରର ପ୍ରମାଣ ପତ୍ର ପୂର୍ତ୍ତ ବିଭାଗ ପାଖରୁ ପାଇବା ସହ ଅନୁମତି ମିଳିବା ପରେ ଆଜି ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ବିଷୟ ପୌର ପରିଷଦ ପକ୍ଷରୁ ଖବର ମିଳିଛି । ଦୀର୍ଘ ବର୍ଷ ପୂର୍ବରୁ ଅବସର ଗ୍ରହଣ ପରେ ମଧ୍ୟ ସ୍ୱାସ୍ଥ୍ୟ, ଶିକ୍ଷା ଓ ପୋଲିସ ବିଭାଗର କିଛି କର୍ମଚାରୀ ଏହି ସରକାରୀ ବାସଭବନ ସବୁକୁ ମାଡି ବସିଥିଲେ । ଆଶ୍ୱିନ ମାସ ଓ ଚୈତ୍ର ମାସରେ ମା ସୁରେଶ୍ୱରୀ ଙ୍କ ପୀଠ ରେ ପ୍ରବଳ ଜନ ସମାଗମ ହେଉଥିବା ବେଳେ ଏହି ଖାଲି ସ୍ଥାନରେ ଯାନବାହାନ ରଖିବା ପାଇଁ ଷ୍ଟାଣ୍ଡ କରିବାକୁ ଜନସାଧାରଣ ରେ ଦାବୀ ହେଉଛି ।

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

ଖୋଲିଲା କର୍କଟ ରୋଗର ସ୍କ୍ରିନିଂ ଓ ପରାମର୍ଶ କକ୍ଷ

ନୟାଗଡ଼,୨୯।୧୧(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଣିକି ମିଳିବ ଉତ୍ତମ ସ୍ୱାସ୍ଥ୍ୟ ସେବା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ପାଞ୍ଚ ମହଲା ବିଲ୍ଡିଂର ପ୍ରଥମ ମହଲାରେ ସ୍ପର୍ଶ ହେଲଥ୍ କେୟାର ଦ୍ୱାରା କର୍କଟ ରୋଗର ସ୍କ୍ରିନିଂ, ପରାମର୍ଶ ଏବଂ ବହିର୍ବିଭାଗ ଚିକିତ୍ସାର ସୁବିଧା ସୁଯୋଗ ପାଇଁ ଆଜି ଏହାର ବର୍ହିବିଭାଗ(ଓପିଡି) ର ଶୁଭାରମ୍ଭ କରାଯାଇଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍କଟ ରୋଗର ସ୍କ୍ରିନିଂ, ପରାମର୍ଶ ଏବଂ ବର୍ହିବିଭାଗ ଶୁଭ ଉଦ୍ଘାଟନ କରିଛନ୍ତି। କର୍କଟ ସମ୍ବନ୍ଧୀୟ ସେବାକୁ ବୃଦ୍ଧି କରିବା ଏବଂ ଏହି ଅଞ୍ଚଳର ରୋଗୀମାନଙ୍କ ପାଇଁ ଉତ୍ତମ ସୁବିଧା ସୁଯୋଗ ଯୋଗାଇଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି।

ଏହି ପଦକ୍ଷେପ ଚିକିତ୍ସା ସେବା କ୍ଷେତ୍ରରେ ନିରନ୍ତର ଉନ୍ନତି ଆଣିବା ଏବଂ ସମାଜରେ କ୍ଲିନିକାଲ୍ ସେବାକୁ ସଶକ୍ତ କରିବା ପାଇଁ ସ୍ପର୍ଶ ହେଲଥ୍ କେୟାର ଲକ୍ଷ୍ୟ ଧାର୍ଯ୍ୟ କରିଛି। ସ୍ପର୍ଶ ହେଲଥ୍ କେୟାର ଏଭଳି ପଦକ୍ଷେପକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ସୁଶାନ୍ତ କୁମାର ଦାସଙ୍କ ତତ୍ତ୍ୱବଧାନ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ସ୍ପର୍ଶ ହସ୍ପିଟାଲ୍ର ପ୍ରତିଷ୍ଠାତା ଏବଂ ମୁଖ୍ୟ ପରିଚାଳନା ଅଧ୍ୟକ୍ଷ ଡ଼ ପ୍ରିୟବତ ଧୀର, ଜିଏମ୍ ସୌମେନ୍ଦ୍ର ମିଶ୍ରଙ୍କ ସହ ସ୍ଥାନୀୟ କର୍ମଚାରୀ ରବୀନ୍ଦ୍ର କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

କଣାସ,୨୯।୧୧(ସଂଚାର ବ୍ୟୁରୋ): ଆଜି କଣାସ ବ୍ଲକ ବିଦ୍ୟାଳୟ ସ୍ତରୀୟ ୩୧ ତମ ବିଜ୍ଞାନ ମେଳା ବିନ୍ଧଣ ଗ୍ରାମପଞ୍ଚାୟତର ନୂଆ ପୋଖରୀଠାରେ ପ୍ରତିଷ୍ଠିତ ଆଞ୍ଚଳିକ ଗୌରୀଚନ୍ଦ୍ର ସଂଯୁକ୍ତ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ଶିକ୍ଷକମାନଙ୍କୁ କଡା ନିର୍ଦ୍ଦେଶ ଯୋଗୁଁ ୧୭୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦଘାଟନ ଉତ୍ସବରେ କଣାସ ବ୍ଲକ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ମୂଲ୍ୟ ଅତିଥୀଭାବେ ଯୋଗଦେଇ ଜଗତର ବଡ ଠାକୁର ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଉଦଘାଟନ କରିଥିଲେ। ଉଦଘାଟନ ସମୟରେ ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ସ୍ଥାନୀ ୟ ସରପଞ୍ଚ ମଞ୍ଜୁଲତା ନାୟକ, ସମିତି ସଭ୍ୟ ସଂଗ୍ରାମ କେଶରୀ ଭୁଜବଳ, ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଯୋଗ ଦେଇଥିବାବେଳେ କଣାସ ତହସିଲିଦାର ହିମାଶୁଂ ଶେଖର ଗିରି, ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା, ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ ବେହେରା ପ୍ରମୁଖ ଯୋଗଦେଇ ଉଦଯାପନ ଉତ୍ସବର ସମାଜ ଯେତିକି ଯେତିକି ଆଧୁନିକ ଆଡକୁ ଗତି କରୁଛି କୋମଳମତି ବୈଜ୍ଞାନିକମାନେ ସେହି ଲକ୍ଷ କରି ପ୍ରକଳ୍ପ ନିର୍ମାଣ କରିଥିବାରୁ ଅତିଥୀମାନେ ଉଚ୍ଚ ପ୍ରଶସା କରିଥିଲେ।

ମନ୍ଦିର ଚୋରି ଘଟଣାରେ ଜଣେ ଗିରଫ

ବାଲିକୁଦା,୨୯।୧୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଦେବଗ୍ରାମ (ଦା ଗାଁ) ର କନକେଶ୍ୱର ଶିବ ମନ୍ଦିରରୁ ଗତ ତା -୨୫। ୧୧। ୨୫ ରିଖରେ ମନ୍ଦିରର ବହୁ ମୂଲ୍ୟବାନ ସମ୍ପତି ଚୋରୀ ହୋଇଥିବାର ବାଲିକୁଦା ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ବାଲିକୁଦା ଥାନା ପକ୍ଷରୁ କେସ ନମ୍ବର ୫୩୧/୨୫ ଏକ ମାମଲା ରୁଜୁ ହୋଇଥିଲା। ବାଲିକୁଦା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ନୃସିଂହ ଚରଣ ପାଲଟ (ବୟସ ୩୫)କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତା ୩୩୧/(୪)/୩୦୫ (ଏ) ଦଫା ଅଭିଯୁକ୍ତ ନୃସିଂହ ପାଲଟଙ୍କ ଉପରେ ଲାଗିଥିବାର ବାଲିକୁଦା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ମନ୍ଦିରରୁ ଚୋରୀ ହୋଇଥିବା କେତକ ସାମଗ୍ରୀ ମଧ୍ୟ ଜବତ କରାଯାଇ ଥିବାର ଦେଖିବାକୁ ମିଳିଛି।

ବିଦ୍ୟାଳୟରେ ଯୁବ ରେଡ୍‌କ୍ରସର ପ୍ରବେଶ ଉତ୍ସବ

କଣାସ,୨୯।୧୧(ସଂଚାର ବ୍ୟୁରୋ): କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ଭିଭାଗ ତରଫରୁ ନୂତନ ସ୍ୱୟଂ ସେବକ ମାନଙ୍କର ପ୍ରବେଶ ଉତ୍ସବ ଅନୁଷ୍ଠଯଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସଞ୍ଜିବ ପଟ୍ଟନାୟକଙ୍କ କର କମଳରେ ଉଦଘାଟନ କରାଯାଇଥିଲା। ଏହି ଉତ୍ସବରେ ରେଡକ୍ରସ ପୁରୀ ଜିଲ୍ଲା ସଂଯୋଜକ ରବୀନ୍ଦ୍ର କୁମାର ସାହୁ କଲେଜର ଇଂରାଜୀ ଅଧ୍ୟାପକ ତଥା ଯୁବ ରେଡକ୍ରସର ଉପଦେଷ୍ଟା ନିରଞ୍ଜନ ସ୍ୱାଇଁ ଇଂରାଜୀ ଅଧ୍ୟାପକ ବୃନ୍ଦାବନ ପାତ୍ର ସମେତ ଅଧ୍ୟାପକ ପ୍ରମୋଦ ହୋତା, ଗଦାଧର ଶତପଥୀ, ସନ୍ମିତା ହାତୀ ଶୁଭସ୍ମିତା ଭାରିମଲ।ପଣ୍ଡିତ ରହି ସେମାନଙ୍କର ବହୁମୂଲ୍ୟ ଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ଜିଲ୍ଲା ସଂଯୋଜକ ଶ୍ରୀ ସାହୁ ଉପାଦେୟ ତଥ୍ୟମାନ ରଖି ରେଡକ୍ରସର ଆବିଷ୍କାର ତଥା ଆବଶ୍ୟକତା ବିଷୟରେ ଆଲୋକପାତ କରି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅଧ୍ୟାପକ ପ୍ରଭାସ କୁମାର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାରିପଦା,୨୯।୧୧(ସଂଚାର ବ୍ୟୁରୋ): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଦ୍ୱାରା ପିଏମ୍ ଉଷା ଆନୁକୁଲ୍ୟରେ 'ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣା ପଦ୍ଧତିର ପ୍ରୟୋଗବିଧି' ବିଷୟରେ ଆୟୋଜିତ ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ସାହିତ୍ୟିକା ତଥା ଗବେଷିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସ୍ଥାନୀୟ ମହନୀୟତାକୁ କିପରି ଗବେଷଣା ମାଧ୍ୟମରେ ବିଶ୍ୱଦରବାରରେ ପହଞ୍ଚାଯାଇ ପାରିବ ସେ ସମ୍ବନ୍ଧରେ ଗବେଷକମାନେ ଯତ୍ନବାନ ହେବା ଉଚିତ୍ ବୋଲି ବ୍ୟକ୍ତବ୍ୟ ରଖିଥିଲେ। ଦିଲ୍ଲୀ ଜବାହାରଲାଲ ନେହେରୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗ ସାରଳା ଚେୟାରର ପ୍ରଫେସର ଉଦୟନାଥ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଗବେଷକମାନେ ଗବେଷଣାର ଗଭୀରତମ ପ୍ରଦେଶକୁ ପ୍ରବେଶ କରିବା ଉଚିତ୍ ବୋଲି ଅଭିଭାଷଣ ରଖିଥିଲେ। ଆବାହକ ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରା ସମାହିତ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଶତପଥୀ ନିଜର ସଭାପତି ଅଭିଭାଷଣରେ ଗବେଷକମାନେ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ତଥା ଅନୁଷ୍ଠାନର ଗୌରବ ଗବେଷଣା ମାଧ୍ୟମରେ ବୃଦ୍ଧି କରିବା ପାଇଁ ଏକ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସର୍ବ ଶେଷରେ ବିଭାଗର ସହକାରୀ ପ୍ରଫେସର ବିଚିତ୍ରନାଥ ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ମାଲିକଙ୍କ ଆଖି ଆଗରେ ଜଳିଲା କଣ୍ଟେନର

ଗୋପାଳପୁର,୨୯।୧୧(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ୧୬ ନଂ. ଜାତୀୟ ରାଜପଥ ଗୋଳଢରା ଥାନା ଅଧୀନ କନିଶିହାଟ ନିକଟ ରାସ୍ତାରେ ଏକ କଣ୍ଟେନର ହୁତହୁତ ହୋଇ ଜଳି ଯାଇଛି। କଣ୍ଟେନରକୁ ମାଲିକ ସାଓ୍ୱନ ଚୌଧୁରୀ ନିଜେ ଚଳାଉଥିବା ବେଳେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସାଓ୍ୱନ କଣ୍ଟେନରକୁ କନିଶି ଗାଁ ଦେଇ ବୁଲାଇ ବ୍ରହ୍ମପୁର ମହାନଗରକୁ ଲୋଡିଂ କରିବାକୁ ଯାଉଥିବା ବେଳେ ହଠାତ ଷ୍ଟେରିଙ୍ଗ ତଳରୁ ନିଆଁ ଲାଗି ଗାଡିର କେବିନ ଭିତରକୁ ବ୍ୟାପୀ ଯାଇଥିଲା। ମାଲିକ ସାଓ୍ୱନ ଓହ୍ଲାଇ ପଡ଼ିଥିଲେ। ଖବର ପାଇ କନିଶି ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଗାଡିର ପ୍ରମୁଖ ଭାଗ ସହ ପ୍ରାୟ ୫୦ ପ୍ରତିଶତ ପୋଡିଯାଇଛି। ଅନ୍ୟପକ୍ଷେ ଇଚ୍ଛାପୁର-ବ୍ରହ୍ମପୁର ରାସ୍ତାରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥିଲା।

'ହିଂସାମୁକ୍ତ ସମାଜ ଗଢ଼ିବାକୁ ସଂକଳ୍ପ'

ଦାରିଙ୍ଗବାଡ଼ି,୨୯।୧୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଜାଗୃତି କାର୍ଯ୍ୟାଳୟ ପରିସର ମଧ୍ୟରେ ଅନ୍ତର୍ଜାତୀୟ କମଳା ଦିବସ ନାରୀନେତ୍ରୀ ମମତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକସ୍ତରୀୟ ନାରୀ ମହାସଙ୍ଘର ନାରୀନେତ୍ରୀ ସଭାନେତ୍ରୀ ଲୁସିମା ପ୍ରଧାନ, ମେନକା ପ୍ରଧାନ, ମହେନ୍ଦ୍ର ପରିଡ଼ା, ବିପିନ କୁମାର ଦିଗାଲ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି କମଳା ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ କହିଥିଲେ ଯେ, ସମାଜରେ ମହିଳା ଓ ଝିଅମାନଙ୍କ ସୁରକ୍ଷା, ସଜ୍ଞାନ ଓ ଅଧିକାର ପାଇଁ ଏହି ଦିବସ ପାଳନ କରାଯାଉଛି। ଏଥିସହ ପ୍ରତ୍ୟେକ ମହିଳା ଓ ଝିଅ ପାଇଁ ସଜ୍ଞାନ, ସୁରକ୍ଷା ଓ ସମାନ ଅଧିକାର ପାଇଁ ଏହି ଦିବସଟିକୁ ପାଳନ କରୁଛନ୍ତି। ଏସ୍‌ଏଚ୍‌ଜି ମହିଳାମାନେ ଆଜି ସମାଜରେ ପରିବର୍ତ୍ତନର ମୂଳ ଶକ୍ତି। ସେମାନଙ୍କ ନେତୃତ୍ୱ, ସାହସ ଓ ସଚେତନତା ଘରୋଇ ହିଂସା, ନିର୍ଯାତନା, ବାଲ୍ୟ ବିବାହ, ମହିଳା ଶୋଷଣ ଭଳି ସମସ୍ୟାକୁ କମାଇବାରେ ବଡ଼ ଭୂମିକା ନେଉଛି। ଆମେ ନିଜ-ନିଜ ଗାଁରେ ମହିଳାଙ୍କୁ ସଶକ୍ତ କରୁଛୁ ଶିକ୍ଷା, ନେତୃତ୍ୱ, ଆର୍ଥିକ କ୍ଷମତା, ଓ ମାନସିକ ସମର୍ଥନ ମାଧ୍ୟମରେ। ଆଜି ଯେ ସମସ୍ତ ସଜ୍ଞାନ ଓ ସଜ୍ଞାନନୀୟ ଉପାଧି ପ୍ରଦାନ ହେବାକୁଯାଉଛି।

'ଦିବ୍ୟାଙ୍ଗ ଅଧିକାର ଅଧିନିୟମ ସଠିକ୍ କାର୍ଯ୍ୟକାରୀ ହେଉ'

SANCHAR ସଂଚାର
ରବିବାର ୩୦ ନଭେମ୍ବର ୨୦୨୫

ସିନେମା

ଡିସେମ୍ବରଗାଏରେ'ଲଢ଼େଇ'

ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ ନୂଆଓଡ଼ିଆ ସିନେମା 'ଲଢ଼େଇ' ଆଗାମୀ ଡିସେମ୍ବର ୩୧ ତାରିଖରେ ମୁକ୍ତିଲାଭ କରିବ ବୋଲି ଜଣାଯାଇଛି। ଏହାକୁ ଦୀପାବଳି ଅବସରରେ ରିଲିଜ୍ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ ଶେଷ ସମୟରେ ସେନସର୍ ପ୍ରମାଣପତ୍ର ନମିଳିବାରୁ ତାହା ରିଲିଜ୍ ହୋଇପାରିଲାନାହିଁ। ଏହି ସିନେମା ଜରିଆରେ ଓଲିଉଡ୍‌ରେ ନୂଆ ନାୟକ ଲୋହିତାକ୍ଷ ପଟ୍ଟନାୟକ ଓ ନବାଗତା ନାୟିକା ଅଭିଲିପ୍ସା ପଦାର୍ପଣ କରିଛନ୍ତି। ଲୋହିତାକ୍ଷ-ଅଭିଲିପ୍ସାଙ୍କ ଯୋଡ଼ି ବ୍ୟତୀତ ବିଭାସ, କେକେ ଓ ଉଦିତ ଗୁରୁ ପ୍ରମୁଖ ବି ଅଛନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ। ଭରଦ୍ୱାଜ ପଣ୍ଡା 'ଲଢ଼େଇ'ର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିବାବେଳେ ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ଏଥିରେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି।

ନିକିତାଏବେ'ବୋହୂ୪୨୦'

ଜୀ-ସାର୍ଥକର ଟେଲିସିନେମା 'ବୋହୂ ୪୨୦' ଆଜି ସନ୍ଧ୍ୟା ୬.୩୦ରେ ପ୍ରିମିୟର ହେବାକୁ ଯାଉଛି। ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏବଂ ରାଶେସ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଟେଲିସିନେମାରେ ପୁଣି ଥରେ ନିକିତା ମିଶ୍ରଙ୍କୁ ବୋହୂ ଭୂମିକାରେ ଦେଖିବାକୁ ମିଳିବ। ସେ ଜୀ-ସାର୍ଥକର ବୋହୂ ସିରିଜର 'ବୋହୂ ଆମର ମାଟ୍ରିକ ଫେଲ୍', 'ସୁନାନାକୀ ବୋହୂ' ଓ 'ବୋହୂକୁ ଲାଗିଛି ରିଲ୍‌ସ ଭୂତ' ଆଦି ଟେଲିସିନେମାରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏବେ 'ବୋହୂ ୪୨୦'ରେ ଶୀର୍ଷକ ଭୂମିକାରେ ଅଭିନୟ କରିଛନ୍ତି ସେ। ତାଙ୍କ ବିପକ୍ଷରେ ଅଛନ୍ତି ଜ୍ୟୋତି ପ୍ରକାଶ ପଣ୍ଡା। ପ୍ରିୟବ୍ରତ ପଣ୍ଡା ଏହାର କାହାଣୀକାର ଓ ଶାନ୍ତନୁ ନାୟକ ସଙ୍ଗୀତକାର। କସ୍ତୁରୀ ନାମ୍ନୀ ଝିଅର ରୋମାଞ୍ଚକର ଜୀବନଯାତ୍ରାର କାହାଣୀ ହେଉଛି 'ବୋହୂ ୪୨୦'। ସେ ବାରମ୍ବାର ମିଛ ବିବାହ କରି ନିଜ ଶ୍ୱଶୁରଘର ଲୋକଙ୍କୁ ଚକମା ଦେଇ ଘର ଲୁଟିବା ପରେ କେଉଁ ଆଡ଼େ ଅଦୃଶ୍ୟ ହୋଇଯାଉଛି। ସମାନ ଘଟଣା ବାରମ୍ବାର ଘଟିବା ପରେ ଇନ୍ସପେକ୍ଟର ପୁଟିବାବୁ ଓ କ୍ରାଇମବ୍ରାଞ୍ଚ ଅଧିକାରୀ ରେଖା ସୁବୁଦ୍ଧି ଅପରାଧ ପଛରେ କେହି ଜଣେ ମାଷ୍ଟରମାଇଣ୍ଡ ଅଛି ବୋଲି ସନ୍ଦେହ କରନ୍ତି। କାହାଣୀରେ ବାରମ୍ବାର ନୂଆ ନୂଆ ଟ୍ୱିଷ୍ଟ୍ ଆସେ। ତେବେ କସ୍ତୁରୀ କ'ଣ ଧରାପଡ଼େ? କାହିକି ସେ ଏପରି ରାସ୍ତା ବାଛିଛି? ଜୀବନର କେଉଁ ଘଟଣା ତାକୁ ଏପରି କରିବାକୁ ବାଧ୍ୟ କରୁଛି? ଫିଲ୍ମର ଶେଷରେ ଏ ସବୁ ପ୍ରଶ୍ନର ଉତ୍ତର ପାଇବେ ଦର୍ଶକ।

ଅଙ୍କିତାଙ୍କ ଅପେକ୍ଷା

କେତେବେଳେ ଫିଲ୍ମ ତ ପୁଣି କେବେ ମ୍ୟୁଜିକ୍ ଭିଡିଓରେ ନଜର ଆସୁଛନ୍ତି ଅଙ୍କିତା ଦାଶ। ଅଭିନୟ ଦକ୍ଷତା ଥିବା ଅଙ୍କିତାଙ୍କ ଅଭିନୀତ 'ବାସ୍ତବ' ନିକଟରେ ମୁକ୍ତିଲାଭ କରିଥିଲା ବେଳେ ସେ ତାଙ୍କର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଲୁବୁନ୍-ଟୁବୁନ୍‌ଙ୍କ ନିର୍ଦ୍ଦେଶିତ 'ଇସ୍କୁଲିଆ ଲଭ୍'ରେ ଅଙ୍କିତା ନାୟିକା ଭୂମିକାରେ ଥିବା ବେଳେ ତାଙ୍କ ବିପକ୍ଷରେ ଅଛନ୍ତି ନବାଗତ ଓମ୍। ତେବେ ଏହି ସିନେମା କେବେ ରିଲିଜ୍ ହେବ ସେ ନେଇ କୌଣସି ସୂଚନା ନାହିଁ ବୋଲି ଅଙ୍କିତା କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅଙ୍କିତାଙ୍କ ଅଭିନୀତ 'ଖୋକାଭାଇ ତମ ପାଇଁ', 'ପ୍ରେମୀ ଆୱାରା' ଓ 'ମୋ କାହାଣୀରେ ଡୋରି ନାଆଁ' ଆଦି ଛବି ମୁକ୍ତିଲାଭ କରିଥିଲା। ଅଙ୍କିତାଙ୍କୁ ଦର୍ଶକ ପ୍ରଥମେ ଶ୍ରୀକାନ୍ତ ଗୌତମଙ୍କ ନିର୍ଦ୍ଦେଶିତ 'ମିଠା ମିଠା'ରେ ଦେଖିବାକୁ ପାଇଥିଲେ। ଏହାପରେ ନିମାଇଁ ଓଝାଙ୍କ ନିର୍ଦ୍ଦେଶିତ 'ମନ ଖାଲି ତତେ ଚାହେଁ', ରଣଜିତ ବାରିକଙ୍କ ନିର୍ଦ୍ଦେଶିତ 'ତୁମେ ମୋ' ଶଙ୍ଖା, ତୁମେ ମୋ' ସିନ୍ଦୂର'ରେ ଅଭିନୟ କରିଥିଲେ ଅଙ୍କିତା।

'ଇକ୍କିସ' ପାଇଁ କବିତା ଲେଖିଥିଲେ ଧର୍ମେନ୍ଦ୍ର



ବରିଷ୍ଠ ଅଭିନେତା ଧର୍ମେନ୍ଦ୍ରଙ୍କ ଫିଲ୍ମ 'ଇକ୍କିସ୍' ମୁକ୍ତିଲାଭ କରିବାର ମାତ୍ର ଗୋଟିଏ ମାସ ପୂର୍ବରୁ ଦେହାନ୍ତ ହୋଇଛି। ଏହି ଫିଲ୍ମଟି ଡିସେମ୍ବରରେ ମୁକ୍ତିଲାଭ କରିବାକୁ ଥିବା ବେଳେ ଚଳଚ୍ଚିତ୍ରରେ ଧର୍ମେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। 'ଇକ୍କିସ'ରୁ ତାଙ୍କର ପ୍ରଥମ ଲୁକ୍ ନଭେମ୍ବର ୨୪ ତାରିଖରେ, ଅର୍ଥାତ୍ ବର୍ଷୀୟ ଅଭିନେତାଙ୍କ ମୃତ୍ୟୁ ଦିନ ମୁକ୍ତିଲାଭ କରିଥିଲା। ଏବେ, ମାତ୍ରାକ୍ ଫିଲ୍ମସ୍ 'ଇକ୍କିସ'ରୁ ଧର୍ମେନ୍ଦ୍ରଙ୍କ ଝଲକ ଏବଂ ଚଳଚ୍ଚିତ୍ର ପାଇଁ ସେ ଲେଖିଥିବା ଏକ କବିତା ପ୍ରକାଶ କରିଛନ୍ତି। ଧର୍ମେନ୍ଦ୍ରଙ୍କ ପ୍ରାର୍ଥନା ସଭାର ଏକ ଭିଡିଓ ସେୟାର ହୋଇଛି। ଯେଉଁଥିରେ ଧର୍ମେନ୍ଦ୍ର ତାଙ୍କର କବିତା 'ଆଜ ଭି ଜୀ କରଦା, ପିଣ୍ଡ ଅପନେ ନୁ ଜାନଓ୍ୱା' ପାଠ କରୁଥିବା ନଜର ଆସିଛନ୍ତି। ଭିଡିଓର କ୍ୟାପସନରେ ସେ ଲେଖାଛନ୍ତି, 'ଧରମ ଜୀ ମାଟିର ଜଣେ ପ୍ରକୃତ ପୁଅ ଥିଲେ ଏବଂ ତାଙ୍କ ଶବ୍ଦ ସେହି ଭୂମିର ସାରକୁ କଏବ କରେ। ଏହି କବିତାଟି ଏକ ଆଗ୍ରହ, ଜଣେ କିମ୍ବଦନ୍ତୀଙ୍କ ଠାରୁ ଅନ୍ୟ ଜଣେଙ୍କୁ ଶ୍ରଦ୍ଧାଞ୍ଜଳି। ଆମକୁ ଏହି କାଳଜୟୀ କବିତା ଦେବା ପାଇଁ ଧନ୍ୟବାଦ।" ଭିଡିଓରେ, ଧର୍ମେନ୍ଦ୍ରଙ୍କୁ ତାଙ୍କ ସିନର ଏକ ଅଂଶ ଭାବରେ ଏକ ଘରେ ପ୍ରବେଶ କରୁଥିବାର ଦେଖିବେ। ପରବର୍ତ୍ତୀ ସିନରେ, ଧର୍ମେନ୍ଦ୍ର ଏବଂ ଅସରାନି ଏକାଠି ଦେଖାଯାଇଛନ୍ତି। ଅସରାନି ୨୦ ନଭେମ୍ବରରେ ୮୪ବର୍ଷ ବୟସରେ ଦେହାନ୍ତ କରିଛନ୍ତି। ଶ୍ରୀରାମ ରାଘବନଙ୍କ ନିର୍ଦ୍ଦେଶିତ 'ଇକ୍କିସ' ଡିସେମ୍ବର ୨୫ ତାରିଖରେ ଖ୍ରୀଷ୍ଟମାସ ଦିନ ମୁକ୍ତିଲାଭ କରିବ। ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟ ନନ୍ଦ, ଭାରତର ସର୍ବକନିଷ୍ଠ ପରମ ବୀର ଚକ୍ର ପ୍ରାପ୍ତକର୍ତ୍ତା, ଦ୍ୱିତୀୟ ଲେଫ୍ଟନାଣ୍ଟ ଅରୁଣ ଖେତରପାଲଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଧର୍ମେନ୍ଦ୍ର ୨୧ ବର୍ଷୀୟ ଯୁଦ୍ଧ ନାୟକଙ୍କ ପିତା ବ୍ରିଗେଡିୟର ଖେତରପାଲଙ୍କ ଭୂମିକାରେ ଅଭିନୟ କରିବେ।

ରଣବୀର ସିଂଙ୍କ ଫିଲ୍ମ 'ଡନ୍-୩'କୁ ନେଇ ବଡ଼ ଅପଡେଟ୍

ରଣବୀର ସିଂଙ୍କ 'ଡନ୍ ୩'କୁ ନେଇ ବଡ଼ ଅପଡେଟ୍। ଶେଷରେ ଫରହାନ ଅଖତର ଏହି ଆଗାମୀ ଫିଲ୍ମ ବିଷୟରେ ଏକ ବଡ ଅପଡେଟ୍ ସେୟାର କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ 'ଡନ୍ ୩'ର ସୁଟିଂ କେବେ ଆରମ୍ଭ ହେବ? ଅଭିନେତା-ଚଳଚ୍ଚିତ୍ର ନିର୍ମାତା ଫରହାନ ବର୍ତ୍ତମାନ ତାଙ୍କର ଲାଟେଷ୍ଟ ରିଲିଜ ହୋଇଥିବା ଫିଲ୍ମ ୧୨୦ ବାହାଦୁରକୁ ଉପଭୋଗ କରୁଛନ୍ତି। ସେହି ସମୟରେ ଫରହାନ ଅଖତର ଫିଲ୍ମଫେୟାର ସହିତ ଇଣ୍ଟରଭ୍ୟୁ ସମୟରେ 'ଡନ୍ ୩'ର ସୁଟିଂ ବିଷୟରେ ପ୍ରକାଶ କରିଛନ୍ତି। "ଆମେ ଆସନ୍ତା ବର୍ଷ ସୁଟିଂ ଆରମ୍ଭ କରିବୁ। 'ଡନ୍ ୩'ର ନିର୍ମାତାମାନେ ସେପ୍ଟେମ୍ବର ୨୦୨୫ରେ ଏହି ଫିଲ୍ମର ସୁଟିଂ ଆରମ୍ଭ କରିବାକୁ ପ୍ଲାନିଂ କରୁଥିଲେ। ତେବେ ପରେ କୌଣସି କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଡନ୍ ୩'ରେ ଏଥର ଅମିତାଭ ବଚ୍ଚନ ଏବଂ ଶାହରୁଖ ଖାନଙ୍କ ସ୍ଥାନରେ ରଣବୀର ସିଂ ଡନ୍ ଭାବରେ ନଜର ଆସିବେ। ଫିଲ୍ମର ତୃତୀୟ ଫ୍ରାଞ୍ଚାଇଜରେ ରଣବୀର ସିଂ ବିକ୍ରାନ୍ତ ମେସିଙ୍କ ସହ ସଂଘର୍ଷ କରୁଥିବା ଦେଖିବାକୁ ମିଳିବ। 'ଦିଲ୍ ଧଡକନେ ଦୋ' ପରେ ଏହି ଫିଲ୍ମରେ ରଣବୀର ଓ ବିକ୍ରାନ୍ତ ପୁଣି ଥରେ ଏକାଠି କାମ କରୁଛନ୍ତି।

ଏହି ଯୋଡି ୨୦୧୩ ରେ ବିକ୍ରମାଦିତ୍ୟ ମୋଟୱାନେଙ୍କ ''ଲୁଟେରା''ରେ ମଧ୍ୟ ଏକାଠି କାମ କରିଥିଲେ। ତେବେ ପ୍ରଥମ ଥର ପାଇଁ ପରଦାରେ ଦୁହେଁ ପରସ୍ପର ସହ ସଂଘର୍ଷ କରୁଥିବା ଦେଖିବାକୁ ମିଳିବ। ଏକ ରିପୋର୍ଟ ଅନୁଯାୟୀ, ଫିଲ୍ମ ସହ ଜଡିତ ଏକ ସୂତ୍ର ପୂର୍ବରୁ କହିଥିଲା, ଦୁହିଁଙ୍କ ମଧ୍ୟରେ ବାଇକ୍ ଚେଜ୍ ସମେତ ଅନେକ ଷ୍ଟାଇଲିସ୍ ଆକ୍ସନ୍ ଦୃଶ୍ୟ ରହିବ। ହିନ୍ଦୀ ସିନେମାର ପ୍ରିୟ ବିକ୍ରାନ୍ତ 'ଡନ୍ ୩' ରେ ସମ୍ପୂର୍ଣ୍ଣ ନୂଆ ଅବତାରରେ ନଜର ଆସିବେ, ଯାହା ଦର୍ଶକଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଦେବ। ତେବେ ରଣବୀର ସିଂଙ୍କ ସହ 'ଡନ୍ ୩'ରେ ମୁଖ୍ୟ ଭୂମିକାରେ କିଆରା ଆଡଭାନୀ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଥିଲେ। କିନ୍ତୁ ନିକଟରେ ଏକ ରିପୋର୍ଟରୁ ଜଣାପଡିଛି ଯେ ସେ ଏହି ପ୍ରୋଜେକ୍ଟରୁ ଦୂରେଇ ଯାଇଛନ୍ତି ଏବଂ ତାଙ୍କ ସ୍ଥାନରେ କ୍ରିତି ସାନନଙ୍କୁ ନିଆଯାଇଛି। କିନ୍ତୁ ନିର୍ମାତାମାନେ ଆନୁଷ୍ଠାନିକ ଭାବେ ଏ ବିଷୟରେ କିଛି ଘୋଷଣା କରିନାହାଁନ୍ତି।

ବିବାଦରେ 'ଧୁରନ୍ଧର୍'

ରଣବୀର ସିଂହଙ୍କ ଅପ୍‌କମିଙ୍ଗ ଫିଲ୍ମ 'ଧୁରନ୍ଧର୍' ରିଲିଜ୍ ପୂର୍ବରୁ ବିବାଦକୁ ଆସିଛି। ଅଶୋକ ଚକ୍ର ଓ ସେନା ପଦକ ବିଜେତା ସହିଦ ମୋହିତ ଶର୍ମାଙ୍କ ଅଭିଭାବକ ଫିଲ୍ମର ରିଲିଜ୍ ଉପରେ ତତ୍କାଳ ରୋକ ଲାଗି ଦାବି କରି ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଛନ୍ତି। ଆବେଦନରେ ସହିଦ ଶର୍ମାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ଫିଲ୍ମରେ ଭାରତୀୟ ସେନା କିମ୍ବା ମେଜର ଶର୍ମାଙ୍କ ପରିଜନଙ୍କଠୁ ଅନୁମତି ବିନା ଜଣେ ସ୍ପେଶାଲ ଫୋର୍ସ ଅଫିସର୍ଙ୍କ ଜୀବନ, ଅପରେସନ୍ ଓ ପ୍ରାଣବଳିକୁ ସିଧାସଳଖ ଫିଲ୍ମରେ ପ୍ରଦର୍ଶନ କରାଯାଇଛି। ପରିବାରର ଯୁକ୍ତି ଅନୁସାରେ,ଗଣମାଧ୍ୟମର ରିପୋର୍ଟ ଓ ଅନ୍ଲାଇନ୍ ଚର୍ଚ୍ଚା 'ଧୁରନ୍ଧର୍'କୁ ମେଜର ଶର୍ମାଙ୍କ କାହାଣୀ ସହ ଯୋଡ଼ିଛି। କିନ୍ତୁ ଫିଲ୍ମ ନିର୍ମାତା ଏହାକୁ ସ୍ୱୀକାର କରିନାହାନ୍ତି କିମ୍ବା କୌଣସି ବିଭୁ ଉପରେ ପରିବାରଠୁ ପରାମର୍ଶ ନେଇନାହାନ୍ତି। ଆବେଦନରେ ସ୍ପଷ୍ଟ ହୋଇଛି, ସହିଦ କୌଣସି ବ୍ୟବସାୟିକ ବସ୍ତୁ ନୁହନ୍ତି। ନିଜର ଲାଭ ପାଇଁ ଅନୁମତି ବିନା ସୈନ୍ୟଙ୍କ ସତ୍ୟ, ମର୍ଯ୍ୟାଦା ଓ ଜୀବନକୁ ପରିବର୍ତ୍ତନ କରିବାର ଅଧିକାର କାହା ପାଖରେ ନାହିଁ। ପରିବାର ଆହୁରି ଅଭିଯୋଗ କରିଛି, ଅନଧିକୃତ ଚିତ୍ରଣ ସମ୍ବିଧାନର ଅନୁଚ୍ଛେଦ ୨୧ ଅନ୍ତର୍ଗତ ସହିଦଙ୍କ ମରଣୋତ୍ତର ବ୍ୟକ୍ତିତ୍ୱ ଅଧିକାରଗୁଡ଼ିକର ଉଲ୍ଲଂଘନ କରୁଛି।ଏଥିସହ ପରିବାରର ଗୋପନୀୟତା ଓ ମର୍ଯ୍ୟାଦା ଅଧିକାରର ମଧ୍ୟ ଉଲ୍ଲଂଘନ ହୋଇଛି। ଆବେଦନରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ,ସେଣ୍ଟ୍ରାଲ ବୋର୍ଡ ଅଫ୍ ସାର୍ଟିଫିକେସନ୍, ଭାରତୀୟ ସେନା ଏବଂ ଫିଲ୍ମର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଫିଲ୍ମର ରିଲିଜ୍କୁ ରୋକିବା ସହିତ କୌଣସି ସାର୍ବଜନୀନ ପ୍ରିମିୟର ପୂର୍ବରୁ ମେଜର ଶର୍ମାଙ୍କ ପରିବାର ପାଇଁ ବ୍ୟକ୍ତିଗତ ସ୍କ୍ରିନିଂକୁ ଅନିବାର୍ଯ୍ୟ କରିବାକୁ ଆବେଦନରେ କୋର୍ଟଙ୍କୁ ଅନୁରୋଧ କରାଯାଇଛି। ଆସନ୍ତା ଡିସେମ୍ବର ୫ରେ 'ଧୁରନ୍ଧର୍' ମୁକ୍ତିଲାଭ କରିବ। 'ଉରି' ଫେମ୍ ଆଦିତ୍ୟ ଧର୍ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ରଣବୀରଙ୍କ ସମେତ ଅର୍ଜୁନ ରାମପାଲ, ସଞ୍ଜୟ ଦତ୍ତ,ଅକ୍ଷୟ ଖାନ୍ନା ଓ ଆର୍ ମାଧବନ ଏଥିରେ ଅଭିନୟ କରିଛନ୍ତି।

୬ ଦଶନ୍ଧି ଧରି ୩୦୦ ସିନେମାରେ ଅଭିନୟ

ମୀନା କୁମାରୀଙ୍କ ସର୍ତ୍ତ ଦେଇଥିଲା ଷ୍ଟାର୍‌ଡମ୍



ଆଉ ଜଣେ କିମ୍ବଦନ୍ତୀ ଅଭିନେତାଙ୍କୁ ହରାଇଛି ବଲିଉଡ୍। ହିନ୍ଦୀ ଫିଲ୍ମ ଜଗତର ହି-ମ୍ୟାନ ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କ ପରଲୋକ ହୋଇଛି। ତାଙ୍କ ସହ ବଲିଉଡରେ ଗୋଟିଏ ଯୁଗର ଅବସାନ ହୋଇଛି। ଦୀର୍ଘ ୬ ଦଶନ୍ଧି ଧରି ପ୍ରଶଂସକଙ୍କ ହୃଦୟରେ ରାଜ୍ କରୁଥିବା ଧର୍ମେନ୍ଦ୍ର ପ୍ରାୟ ୩୦୦ ସିନେମାରେ ଅଭିନୟ କରିଥିଲେ। ପ୍ରଥମ ଛବି ସଫଳ ହେବା ପରେ ଧର୍ମେନ୍ଦ୍ର 'ସୁରତ ଔର୍ ସୀରତ', 'ଅନପଢ଼' (୧୯୬୨), 'ବନ୍ଦିନୀ' (୧୯୬୩) ଓ 'ଆଇ ମିଲନ୍ କି ବେଲା' (୧୯୬୪) ଭଳି ଅନେକ ହିଟ୍ ଫିଲ୍ମ ଭେଟି ଦେଇଥିଲେ ଦର୍ଶକଙ୍କୁ। ବିଭିନ୍ନ ଧାରାର, ଭିନ୍ନ ଭିନ୍ନ ଚରିତ୍ରରେ ଧର୍ମେନ୍ଦ୍ରଙ୍କ ନିଖୁଣ ଅଭିନୟ ବେଶ୍ ପାଇଥିଲା ସିନେପ୍ରେମୀଙ୍କ ମନକୁ। ଧର୍ମେନ୍ଦ୍ରଙ୍କ ଷ୍ଟାରଭାଲ୍ୟୁ ବେଶ୍ ବଢ଼ିଯାଇଥିଲା ହିନ୍ଦୀ ସିନେଶିଲ୍ପରେ। କଥା ହେଉଛି, ଧର୍ମେନ୍ଦ୍ରଙ୍କ ପ୍ରସିଦ୍ଧି, ଷ୍ଟାରଡମ୍ ପଛରେ ଥିଲା ଅଭିନେତ୍ରୀ ମୀନା କୁମାରୀଙ୍କ ଗୋଟିଏ ସର୍ତ୍ତ। ୧୯୬୪ରେ ମୁକ୍ତିପ୍ରାପ୍ତ 'ମେ ଭି ଲଡକି ହୁଁ'ରେ ଏକାଠି ଅଭିନୟ କରିଥିଲେ ଧର୍ମେନ୍ଦ୍ର ଓ ମୀନା କୁମାରୀ। ସୁଟିଂ ସମୟରେ ଧର୍ମେନ୍ଦ୍ରଙ୍କ ପ୍ରେମରେ ପଡ଼ିଯାଇଥିଲେ ମୀନା କୁମାରୀ। ଏହି କାରଣରୁ ମୀନା କୁମାରୀ ଓ ତାଙ୍କ ସ୍ୱାମୀ କମଲ ଅମରୋହୀଙ୍କ ମଧ୍ୟରେ ଫାଟ ମଧ୍ୟ ସୃଷ୍ଟି ହୋଇଥିଲା। ମୀନା କୁମାରୀ ଧର୍ମେନ୍ଦ୍ରଙ୍କୁ ଏଭଳି ଭଲପାଇ ବସିଥିଲେ ଯେ, ଯେଉଁ ପ୍ରଯୋଜକ ତାଙ୍କୁ ନିଜ ଫିଲ୍ମରେ ନାୟିକା ଭାବେ ନେବାକୁ ଚାହୁଁଥିଲେ, ସେ ଫିଲ୍ମର ନାୟକ ଧର୍ମେନ୍ଦ୍ର ହୁଅନ୍ତୁ ବୋଲି ସର୍ତ୍ତ ରଖୁଥିଲେ ମୀନା କୁମାରୀ। ଏଭଳି ସର୍ତ୍ତ ଯୋଗୁଁ ଧର୍ମେନ୍ଦ୍ରଙ୍କୁ 'ପୂର୍ଣ୍ଣିମା', 'କାଜଲ' (୧୯୬୫), 'ମଝଲି ଦିଦି (୧୯୬୭) ଓ 'ବହାରୋଁ କି ମଞ୍ଜିଲ୍' (୧୯୬୮) ଓ 'ମିଲି' ଭଳି ସିନେମାରେ ମୀନା କୁମାରୀଙ୍କ ସହ ଅଭିନୟ ସୁଯୋଗ ମିଳିଲା ଓ ଏସବୁ ଫିଲ୍ମରେ ଦୁହିଁଙ୍କ ଯୋଡ଼ିକୁ ବେଶ୍ ଦର୍ଶକୀୟ ଆଦୃତି ମିଳିଥିଲା। ତେବେ ସମୟ ଅତିକ୍ରାନ୍ତ ହେବା ସହିତ ଧର୍ମେନ୍ଦ୍ର ଓ ମୀନା କୁମାରୀଙ୍କ ସମ୍ପର୍କର ମଧ୍ୟ ଅନ୍ତ ଘଟିଥିଲା।

ଟ୍ରଲର ଧକ୍କାରେ ଚାଲିଗଲା ବାଇକ ଆରୋହୀଙ୍କ ଜୀବନ

ସୁନ୍ଦରଗଡ଼,୨୯।୧୧(ସଂଚାର ବ୍ୟୁରୋ): ହେମଗିର ଥାନା ଡୁରୁବଗା ବାଇପାସରେ ଟ୍ରଲର ଧକ୍କାରେ ବାଇକ ଆରୋହି ସୁନିଲ ଓରାମଙ୍କ ମୃତ। ମୃତକ ହେଉଛନ୍ତି ଆର ଆର କୋଲନୀ ମନହର ପୁର ଯୁବକ। ଟ୍ରଲର ଧକ୍କାରେ ବାଇକ ଆରୋହିଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକଙ୍କ ରାସ୍ତା ରୋକ। କୋଇଲା ଖଣିରେ ଡିୟୁଟି ସାରି ଘରକୁ ଫେରୁଥିବା ସମୟରେ ଘଟିଛି ଏହି ଘଟଣା। ଟ୍ରଲର ଟି ଧକ୍କା ଦେଇ ଘଟଣା ସ୍ଥାନରୁ ଫେରାର୍ ହୋଇ ଯାଇଛି। କ୍ଷତିପୂରଣ ଦାବିରେ ରାସ୍ତାରେ ସ୍ଥାନୀୟ ଲୋକ ଧାରଣା ଦେଇଛନ୍ତି। ଘଟଣା ସ୍ଥାନରେ ଚାପା ଉତେଜନା ରହିଥିବା ବେଳେ ସ୍ଥାନୀୟ ଲୋକଙ୍କୁ ବୁଝା ସୁଝା କରୁଛି ପୋଲିସ।

ଶୋଷ ମେଣ୍ଟାଉଛି ଚୁଆ ପାଣି

ବାରମ୍ବାର ଅଭିଯୋଗ ପରେ ବି ଶୁଣୁନି ପ୍ରଶାସନ

ମାଲକାନଗିରି,୨୯।୧୧(ସଂଚାର ବ୍ୟୁରୋ): ସ୍ୱାଭିମାନ ଅଞ୍ଚଳରେ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ଚୁଆ ପାଣି । ଟୋପାଏ ପାଣି ପାଇଁ ସକାଳୁ ସକାଳୁ ଗାଁ ଠାରୁ ଦୁଇ କିଲୋମିଟର ଦୂରରେ ଥିବା ଚୁଆ ପାଖରେ ଲାଗୁଛି ମହିଳାଙ୍କ ଭିଡ଼। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ସ୍ଥିତ ଲୁଚାପାନୀ ଗ୍ରାମର ଖବର। ଏଠି ପିଇବା ପାଣି ପାଇଁ ଯିବାକୁ ପଡ଼େ ଦୁଇ କିଲୋମିଟର । ସକାଳୁ ସକାଳୁ ଗ୍ରାମର ମହିଳା ମାନେ ଦୁଇ କିଲୋମିଟର ପାହାଡ଼ ତଳେ ଥିବା ଚୁଆ ପାଖକୁ ଯାଇ ସଂଗ୍ରହ

କରନ୍ତି ପାଣି । ଯିଏ ପ୍ରଥମେ ଚୁଆ ପାଖରେ ପହଞ୍ଚେ ସିଏ ପାଏ ସଫା ପାଣି । ଆଉ ଯିଏ ଶେଷରେ ପହଞ୍ଚେ ତାକୁ ଗୋଳିଆ ପାଣି ଭରସା । ବର୍ଷ ବର୍ଷ ଧରି ଗ୍ରାମବାସୀ ଏଭଳି ସମସ୍ୟା ଭୋଗି ଆସୁଥିବା ବେଳେ ଏହାରି ଉପରେ ପଡୁନି ପ୍ରଶାସନର ନଜର। ଯାହାକୁ ନେଇ ଏବେ କ୍ଷୋଭ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଦୁଇ ବର୍ଷ ତଳେ ଗ୍ରାମରେ ପାନୀୟଜଳ ଯୋଗାଇ ଦେବା ପାଇଁ ଏକ ବୋରୱେଲ ଖୋଳି ସୋଲାର ବେସ୍ ପମ୍ପ ସାହାଯ୍ୟରେ ଗ୍ରାମବାସୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା କରିଥିଲା ପ୍ରଶାସନ । କିନ୍ତୁ ତାହା ଗତ ୬ମାସ ଧରି ଅଚଳ ଅବସ୍ଥାରେ ପଡ଼ି ରହିଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି ସଜାଡୁ ନଥିବା ହୋଇଛି ଅଭିଯୋଗ। ସେଭଳି ଚୁଆ ପାଣି ପିଇବା ଦ୍ୱାରା କାଛୁ କୁଣ୍ଡିଆ, ଜ୍ୱର, କାଶ ଆଦି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ଅନେକ ଥର ଏହି ସମସ୍ୟା ନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣୁନଥିବା କହିଛନ୍ତି ଗ୍ରାମବାସୀ ।

କେନ୍ଦ୍ରୀୟ ଯୁଗ୍ମ ସଚିବଙ୍କ ଦାରିଙ୍ଗବାଡ଼ି ଗସ୍ତ

- ସମସ୍ୟା ଜଣାଇଲେ ମାଣ୍ଡିଆ ଚାଷୀ-ଏସଏଚଜି ମହିଳା ଗ୍ରୁପ

ଦାରିଙ୍ଗବାଡି,୨୯।୧୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳକୁ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ରୁପା ମିଶ୍ର ଗସ୍ତ କରିଥିଲେ। ସେ ଦାରିଙ୍ଗବାଡିର ବିଭିନ୍ନ ପ୍ରକଳ୍ପ ତଥା ପର୍ଯ୍ୟଟନ କ୍ଷେତ୍ର କଫି ବଗିଚା, ଦାସିଙ୍ଗବାଡି ପଞ୍ଚାୟତ ଟେକାଙ୍ଗିଆ ଯାଇ ମକାଚାଷୀଙ୍କୁ ଦେଖା କରିବା ସହ ଇକୋ ରିଟ୍ରିଟ ପରିଦର୍ଶନ କରିଥିଲେ। ପରେ ଶ୍ରାନିକେତା ପଞ୍ଚାୟତ ସୁଲୁମାହା ଗ୍ରାମରେ ପହଞ୍ଚି ସେଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ସମୟରେ ଶାମୁକା ଏସଏଚଜି ସମେତ ଦିସ୍ତିମତି ଏସଏଚଜି, ଗୁରୁଶୀକ୍ଷା, କଲ୍ୟାଣୀ, ଗ୍ରେସ୍, ଜୀବନଜ୍ୟୋତି ଏବଂ ଆଶାସର ଏସଏଚଜି ମହିଳାମାନଙ୍କ ସହ ତାଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ।

- ଥିବାଙ୍କୁ ଦାୟିତ୍ୱ ନାହିଁ, ଡେପୁଟେଶନକୁ ଗୁରୁତ୍ୱ

ଆରଡିରେ ମଛର ଗତିରେ ଚାଲିଛି ଉନ୍ନୟନ କାର୍ଯ୍ୟ

ଭଞ୍ଜନଗର,୨୯।୧୧(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ଅଧିକ୍ଷଣ ଯନ୍ତ୍ରୀଙ୍କ ଅଧିନରେ ଚାଲୁଥିବା ଅନେକ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଦାୟିତ୍ୱରେ ଥିବା ଅଧିକାରୀମାନେ ନିୟମିତ କାମଗୁଡିକ ତଦାରଖ କରୁନାହାନ୍ତି । ଅନ୍ୟପଟେ ଅଧିକାରୀ ଏବଂ ଠିକାଦାର ମଧ୍ୟରେ କେତେକ ସ୍ଥାନରେ ସମନ୍ୱୟ ରହୁ ନ ଥିବା ଯୋଗୁ ଏହି ସମସ୍ୟା ଦେଖାଦେଇଛି। ପ୍ରକଳ୍ପ ଗୁଡିକ ବିଳମ୍ବ ହେବା ଦ୍ୱାରା ତାହାର ସୁଫଳ ଜନସାଧାରଣ ପାଇବାରେ ବିଳମ୍ବ ହେଉଛି। ଏହିଭଳି ଭଞ୍ଜନଗର ବ୍ଲକ ରେ ୨ ଜଣ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ କରୁଥିବାବେଳେ ସେମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ଡେପୁଟେଶନରେ ଆସିଥିବା ଜଣେ ଯନ୍ତ୍ରୀଙ୍କୁ ଗୁରୁତ୍ୱ ଦେଇ ତାଙ୍କୁ ଅଧିକ କାମ ଦିଆଯାଉଛି। ଏଠାରେ ଦାୟିତ୍ୱରେ ଥିବା ଦୁଇ ଯନ୍ତ୍ରୀଙ୍କୁ ଗୁରୁତ୍ୱ ନ ଦେଇ ଡେପୁଟେଶନରେ ଆସିଥିବା ଯନ୍ତ୍ରୀଙ୍କୁ ଅଧିକ କାମ ଦାୟିତ୍ୱ ଦେବାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ଅନ୍ୟପଟେ ସହକାରୀ ଯନ୍ତ୍ରୀ କାର୍ଯ୍ୟାଳୟ ମଧ୍ୟ ଠିକ ସମୟରେ ଖୋଲା ହେଉନଥିବା ଲକ୍ଷ୍ୟ କରାଯାଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବୀ ହୋଇଛି। ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮ ରୁ ଉର୍ଦ୍ଧ ବ୍ଲକ ରେ ଅନେକ ବଡ ବଡ ପ୍ରକଳ୍ପ କାମ ଚାଲିଛି। କିନ୍ତୁ ଦାୟିତ୍ୱରେ ଥିବା ଯନ୍ତ୍ରୀ ଏବଂ କର୍ମଚାରୀ ମାନେ ନିୟମିତ କାମ ଗୁଡିକ ତଦାରଖ କରିବାକୁ ଯାଉନାହାନ୍ତି। ଏହାଦ୍ୱାରା ଠିକାଦାର ନିଜ ମନମୁତାବକ କାମ କରୁଛନ୍ତି। ଫଳରେ କାମ ଠିକ ଭାବେ ନ ହେବାର ସମ୍ଭାବନା ରହିଛି।

ରାଜ୍ୟସ୍ତରୀୟ କନିଷ୍ଠ ବାଳିକା ଖୋ ଖୋ ପ୍ରତିଯୋଗିତାରେ କୁଆଁରମୁଣ୍ଡାର ଦୁଇ ଖେଳାଳି

ସୁନ୍ଦରଗଡ଼,୨୯।୧୧(ସଂଚାର ବ୍ୟୁରୋ): ୧୩ ତମ କନିଷ୍ଠ ରାଜ୍ୟସ୍ତରୀୟ ବାଳିକା ଖୋ ଖୋ ପ୍ରତିଯୋଗୀତାରେ କୁଆରମୁଣ୍ଡା ବ୍ଲକର ଦୁଇ ଜଣ ବାଳିକା ଖେଳାଳି ଅଂଶ ଗ୍ରହଣ କରିଛନ୍ତି। ସେମାନେ ହେଲେ ମାଳତୀ ଏକ୍କା ଓ ନିବେଦିତା ବାର୍ଲା, ଏମାନେ ସରକାରୀ ୟୁଜି ଉଚ୍ଚ ବିଦ୍ୟାଳୟ ପଦମପୁରରେ ପଢୁଛନ୍ତି। ଉକ୍ତ ପ୍ରତିଯୋଗିତା ପୁରୀ ଜିଲ୍ଲା ତାଳବଣିଆ ଇଣ୍ଡୋର୍ ଷ୍ଟାଡିୟମରେ ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଛି। ଖେଳାଳି ଦ୍ୱୟଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ଲାକ୍ରା, ଖେଳ ଶିକ୍ଷକ କରିଶ୍ମା ତିର୍କୀ, ଖୋ ଖୋ ପ୍ରଶିକ୍ଷକ ଅନିଲ ସାହୁ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

୭୫ ବର୍ଷିୟା ପ୍ରମିଳାଙ୍କୁ ଭତ୍ତା ମିଳିବ କେବେ ?

କଣାସ,୨୯।୧୧(ସଂଚାର ବ୍ୟୁରୋ): କେନ୍ଦ୍ର ଓ ରାଜ୍ୟ ସରକାର ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ସହାୟତା କରିବା ପାଇଁ ମାସିକ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି କିନ୍ତୁ ଦୁଃଖର ବିଷୟ କଣାସ ବ୍ଲକ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ଗଡ଼ସାନପୁଟ ଗ୍ରାମର ପ୍ରମିଳା ରାଉତରାୟ ୭୫ ବର୍ଷ ଭତ୍ତା ପାଇବା ପାଇଁ ବାରମ୍ବାର ଆବେଦନ କରି ନିରାଶୟ ହୋଇଥିବା ଜଣାପଡ଼ିଛି। ଖବର

ନେବାରେ ଜଣାପଡ଼ିଛି କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ୧୦୮ ପଡ଼ା ଗ୍ରାମରୁ ୩ ହଜାରରୁ ଉର୍ଦ୍ଧ୍ୱ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ଭତା ପାଇବା ପାଇଁ ଅନଲାଇନରେ ଆବେଦନ କରିଛନ୍ତି। ଏ ସମ୍ପର୍କରେ କଣାସ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମନୋଜ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଯେଉଁ ସବୁ ବୃଦ୍ଧ ବୃଦ୍ଧା ଭତା ପାଇବା ପାଇଁ ଆବେଦନ କରିଛନ୍ତି ସେହୁ ସବୁ କାଗଜପତ୍ର ଆମେ ଜିଲ୍ଲା କାର୍ଯ୍ୟାଳୟକୁ ପଠାଇ ଦେଇଛୁ। ଟାଗେଟ ନଥିବାରୁ ଭତା ମଞ୍ଜୁର ହୋଇ ନାହିଁ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

ବାଲିପାଟଣା,୨୯।୧୧(ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ୍ ଅଧୀନ ଡୁରିକ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ କ୍ଷେତ୍ର ରେ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣ କୁ ବିକାଶ କରିବା ଲକ୍ଷ୍ୟ ନେଇ ଏପରି କାର୍ଯ୍ୟକ୍ରମ ପ୍ରତିବର୍ଷ ପ୍ରତି ବିଦ୍ୟାଳୟ ରେ ଅନୁଷ୍ଠିତ କରାଯାଇଥାଏ।ଏହି ଅବସରରେ ମୋଟ ୩୨ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବାଗଲପୁର ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ତପନ କୁମାର ରାଉତ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପିଲାମାନଙ୍କୁ ପ୍ରକଳ୍ପ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ଉଭୟ ସିନିଅର ଏବଂ ଜୁନିଅର ବିଭାଗ ରୁ ତିନୋଟି ଲେଖାଏଁ ପ୍ରକଳ୍ପ କୁ ଚୟନ କରିଥିଲେ। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟ ର ଅଧ୍ୟକ୍ଷା ରତ୍ନପ୍ରଭା ତ୍ରିପାଠୀ ପ୍ରକାଶ କରିଥିଲେ।

ଦଶମ ଶ୍ରେଣୀ ଛାତ୍ର ନିଖୋଜ

କଣାସ,୨୯।୧୧(ସଂଚାର ବ୍ୟୁରୋ): କଣାସ ବ୍ଲକ ସାହୁପଡ଼ା ଗ୍ରାମପଞ୍ଚାୟତର ସାହୁପଡ଼ା ଗ୍ରାମର ଗୌତମ ମହାରଣାଙ୍କ ଦଶମ ଶ୍ରେଣୀ ପାଠ ପଢୁଥିବା ପୁତ୍ର ବୃନ୍ଦାବନ ମହାରଣା ୧୬ ବର୍ଷ ଗତ ୨୬ ତାରିଖ ଦିନ ସକାଳ ଦଶଟା ସମୟରେ ଘରୁ କେଉଁ ଆଡେ ଚାଲିଯାଇଥିବା ବୃନ୍ଦାବନଙ୍କ ପିତା ଗୌତମ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପାଇବା ପରେ ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧିର କୁମା ଦାସ ଗଡ଼ିଶାଗୋଦା ଥାନା ନମ୍ବର ୧୯୧/୨୫ ଏକ ମିସ କେସ ରୁଜ କରି ତଦନ୍ତ କରୁଛନ୍ତି। ଖବର ନେବାରେ ଜଣାପଡ଼ିଛି ବୃନ୍ଦାବନ ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିବା ସକାଶେ ଘରେ ଟଙ୍କା ମାଗିଥିଲେ। ପରିବାର ଲୋକ ସାରଙ୍କ ଠାରୁ ବୁଝିଲେ ଟଙ୍କା ଦେବୁ ବୋଲି କହିବାରୁ ବୃନ୍ଦାବନ ରାଗରେ କେଉଁଆଡେ ପଳାଇଯାଇଥିବା ପିତା ଗୌତମ ମହାରଣାଙ୍କ ଠାରୁ ପ୍ରକାଶ।

ତୁଳତୀ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ

ଯାଜପୁର ରୋଡ଼, ୨୯।୧୧(ସଂଚାର ବ୍ୟୁରୋ): କୋରେଇ ବ୍ଲକ ଅନ୍ତର୍ଗତ ଅସନଝର ଗ୍ରାମପଞ୍ଚାୟତର ରାମକୃଷ୍ଣପୁର ଗ୍ରାମର ଚଞ୍ଚଳା ସୁନ୍ଦରା (୯୧) ବର୍ଷରେ ପରଲୋକ ଘଟିଛି। ସ୍ୱର୍ଗତ ଚଞ୍ଚଳା ହେଉଛନ୍ତି କୋରେଇ ବ୍ଲକ ମହିଳା ବିଜେପି ନାରୀ ନେତ୍ରୀ ତଥା ତୁଳତୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀମତୀ ଦିପ୍ତିମୟୀ କୁଅଁର'ଙ୍କ ମାତା ଅଟନ୍ତି। ଆଜି ସ୍ୱର୍ଗତ ସୁନ୍ଦରା'ଙ୍କର ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସେ ଜଣେ ଧର୍ମପରାୟଣ, ପରଉପକାରୀ ମଣିଷ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ଅଶ୍ୱିନୀ, ଜ୍ୱାଇଁ ସୀତାକାନ୍ତ ଓ ଝିଅ ଭାନୁ, ଦୀପ୍ତି, ଚୀନା, ଡଲି, ଝୁନିଆ, ଝିଲି, ମିଲି'ଙ୍କ ସମେତ ଭାଇ, ଭାଉଜ, ପୁତୁରା ଝିଆରୀ, ନାତି, ନାତୁଣୀଙ୍କ ସମେତ ବନ୍ଧୁବାନ୍ଧବ ଓ ସାହି ପଡ଼ିଶା ପରିଜନ ମାନେ ଉପସ୍ଥିତ ରହିଥିଲେ। ପୁଅ ଅଶ୍ୱିନୀ ମୁଖାଗ୍ନି ଦେଇଥିଲେ।

ସଂକୁଳସ୍ତରୀୟ ଲଘୁ ଖେଳକୁଦ ପ୍ରତିଯୋଗିତା

କୋରେଇ, ୨୯।୧୧(ସଂଚାର ବ୍ୟୁରୋ): କୋରେଇ ବ୍ଲକ ତଳଗଡ଼ ପଞ୍ଚାୟତ ଇଟାପୁର ଠାରେ ଥିବା ବ୍ୟାସନଗର ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଏକ ଦିବସୀୟ ସଂକୁଳ ସ୍ତରୀୟ ଲଘୁ ଖେଳ କୁଦ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲାରୁ ମୋଟ ୧୧ ଟି ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରୁ ୩୫୨ଜଣ ବାଳକ ଓ ବାଳିକା ପ୍ରତିଯୋଗୀ ଭାଗ ନେଇଥିଲେ। ଜୁନିଅର ଓ ସବ ଜୁନିଅର ଭିତ୍ତିରେ ୧ମ ରୁ ୫ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ

ହୋଇଥିଲା। ପ୍ରତିଯୋଗିତା ମଧ୍ୟରେ ସାତଟି ବ୍ୟକ୍ତିଗତ ଓ ଦୁଇଟି ଦଳଗତ ଯଥା ଦୌଡ, ବଲ ଥ୍ରୋ, ଲଙ୍ଗ ଜମ୍ପ, ଖୋ ଖୋ ତଥା କବାଡି ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଥିଲା। ସାମଗ୍ରିକ ଭାବେ କେ.ଭି ନଂ -୧ ବାରିପଦା ଚାମ୍ପିଅନ ଓ କେ.ଭି ନଂ -୧ବାଲେଶ୍ୱର ରନର୍ସ ଅପ ହୋଇଥିଲା।ପ୍ରତିଯୋଗିତା କୁ ଜିଲ୍ଲା ସ୍ପୋର୍ଟ୍ସ ଏକାଡେମୀର କୋଚ ଓ ବିଭିନ୍ନ ବିଦ୍ୟାଳୟର ଖେଳ ପ୍ରଶିକ୍ଷକ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ଃ. ବୈରାଗୀ ଚରଣ ଦ୍ୱିଦେବୀ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ କମଳେସ କୁମାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରି କ୍ରୀଡା ଶରୀରକୁ ସୁସ୍ଥ ଓ ମନକୁ ଫୁର୍ତି ରଖିବା ସହିତ ପଢିବାରେ ଆଗ୍ରହ ସୃଷ୍ଟି କରେ ବୋଲି କହିଥିଲେ। ସବ୍ୟସାଚୀ ପଲେଇ, ଅଞ୍ଜନ କୁମାର ବିଶ୍ୱାସ ଓ ମାନସ ରଞ୍ଜନ ପତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଟାଟା ପାୱାର କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବୈଶିଙ୍ଗା,୨୯।୧୧(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଅଁଳା ଗ୍ରାମର ଜନୈକ ବ୍ୟକ୍ତି ତାଙ୍କ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗରେ ଟାଟା ପାୱାର କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ଅଁଳା ଗ୍ରାମର ପପୁ ମହ୍ନା ନାମକ ଯୁବକ ବୈଶିଙ୍ଗା ବିଦ୍ୟୁତ ସେକସନ ଅଫିସକୁ ଫୋନ କରି ଜ୍ୟୋତିଲାଲ ବିଶ୍ୱାଳ ନାମକ କାର୍ଯ୍ୟରତ କର୍ମଚାରୀଙ୍କୁ ବିଭିନ୍ନ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ଓ ଧମକଚମକ କରିଥିବା ନେଇ ପୋଲିସ ନିକଟରେ ଅଭିଯୋଗ କରାଯାଇଛି।

ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

୧୬୬ ପ୍ରକଳ୍ପ ସ୍ଥାନୀତ, ଜିଲ୍ଲାସ୍ତରକୁ ୭ପ୍ରକଳ୍ପ ମନୋନୀତ

ବାଲିଆପାଳ, ୨୯।୧୧(ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ତାହାଳିଆ ପାଟରାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘଟିତ ହୋଇଛି। ସକାଳେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ବ୍ଲକ ଶିକ୍ଷାଅଧିକାରୀ ଜଗବନ୍ଧୁ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଆଇ ଟି ଆର ଚାନ୍ଦିପୁର ର ବୈଜ୍ଞାନିକ ସୁଜିତ କୁମାର ସୀ ଛାତ୍ର ଛାତ୍ରୀ ଦୃଢ଼ ଇଚ୍ଛାଶକ୍ତି ମନୋବଳ ସାଙ୍ଗକୁ ଜିଂଜ୍ଞା ସୁ ମନୋଭାବ ରଖି କର୍ମ କଲେ ସଫଳତା ହାସଲ କରିହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାକାରିଣୀ ନମିତାପ୍ରଭା ସାମଲ, ବିଧାୟିକା ପ୍ରତିନିଧି ଜିଲ୍ଲାପରିଷଦ ସଦସ୍ୟ ବେଣୁଧର ଜେନା, ବ୍ଲକ ବିଜ୍ଞାନ ସଂଯୋଜକ ଶୁକ୍ରଦେବ ମହାନ୍ତି, ସିଆର ସିସି ପତିତପାବନ ପ୍ରଧାନ, ପରିଚାଳନା କମିଟି ସଭାପତି ରଞ୍ଜିତା ପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ କୁମାର ଜେନା, ଶିକ୍ଷକ ନେତା ପ୍ରଭାତ ରଞ୍ଜନ ସାହୁ, ବିଜୟ କୁମାର ପାତ୍ର ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ।

ଦୁଇ ବର୍ଷ ବିତିଗଲା, ଅକାମି ହୋଇପଡ଼ିଛି ମିଶନ ଶକ୍ତି କାଫେ ଗୃହ

କେସିଙ୍ଗା,୨୯।୧୧(ସଂଚାର ବ୍ୟୁରୋ): ଗତ ବିଜେଡି ସରକାର ଥିବା ସମୟରେ ମିଶନ ଶକ୍ତିକୁ ଶକ୍ତିଶାଳୀ କରିବା ସହ ଅନେକ ମହିଳା କିପରି